

'ଧୁରନ୍ଧର'ର ସୁଟିଂ ସାରିଲେ ରଣବୀର

ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-116 ◆THURSDAY ◆23 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୬ ◆ଗୁରୁବାର ◆୨୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କେରଳ ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର



■ ଥିରୁଅନନ୍ତପୁରମ୍, ୨୨।୧୦ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କେରଳ ଗସ୍ତ ବେଳେ ତାଙ୍କର ହେଲିକପ୍ଟର ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ସବରିମାଲା ମନ୍ଦିର ଦର୍ଶନ ପାଇଁ ଯାଇଥିବା ରାଷ୍ଟ୍ରପତିଙ୍କ ହେଲିପକଟର ଏକ ନବନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଆଜି ଅବତରଣ କରୁଥିବା ବେଳେ ଫସିଯାଇଥିଲା। ଅବଶ୍ୟ ଏହି ଘଟଣାରେ ସେଭଳି କିଛି ବଡ଼ ଧରଣର କ୍ଷତି ହୋଇନାହିଁ ଓ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି। ସେଠାରେ ଅବତରଣ କରିବା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ସବରିମାଲା ମନ୍ଦିର ଯାଇ ଦର୍ଶନ କରିଥିଲେ।

କେରଳର ପ୍ରମାଦାମ୍‌ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ସକାଳେ ଏହି ଘଟଣା ଘଟିଥିଲା। ତରବରିଆ ଭାବେ ହେଲିପ୍ୟାଡ ତିଆରି କରାଯାଇଥିଲା। କଂକ୍ରିଟ ସଂପୂର୍ଣ୍ଣ ଭାବେ ଜମି ନଥିଲା ଓ ଟାଣ ହୋଇ ନଥିଲା। ତେଣୁ ହେଲିକପ୍ଟର ଓହ୍ଲାଇଲା ବେଳେ ଏହାର ଓଜନକୁ ସମ୍ଭାଳିପାରି ନଥିଲା। ଫଳରେ ହେଲିକପ୍ଟର ଗୋଟିଏ ପଟକୁ ଧସିଯାଇଥିଲା। ହେଲିକପ୍ଟରର ▶ପୃଷ୍ଠା-୭

## 'ଲିଭ୍-ଇନ୍'ରେ ଥିବା ଓଡ଼ିଆ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ



■ ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି): ବେଙ୍ଗାଲୁରୁର ଜିଗାନି ଅଞ୍ଚଳରେ ଲିଭ୍ ଇନ୍‌ରେ ରହୁଥିବା ଓଡ଼ିଆ ଦମ୍ପତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦୁଇ ତିନିଦିନ ତଳେ ସେମାନଙ୍କର ମୃତ୍ୟୁ ହୋଇଥିବା ବେଳେ ଗତ ସୋମବାର ସେମାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ଆମ୍ବହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି ଯୋଡ଼ି ହେଉଛନ୍ତି ଓଡ଼ିଶାର ୨୫ ବର୍ଷୀୟା ସୀମା ନାୟକ ଓ ୨୩ ବର୍ଷୀୟ ରାକେଶ ନାୟକ। ରାକେଶ ଏକ ସିକ୍ୟୁରିଟି ସର୍ଭିସ୍ ଫାର୍ମରେ କାମ କରନ୍ତି। ସେହିପରି ସୀମା ସୁପର ମାର୍କେଟ ଅଞ୍ଚଳରେ ଚାକିରି କରୁଥିଲେ।

ଦୁଇଦିନ ପୂର୍ବରୁ ଦୁହେଁ ମୃତ୍ୟୁବରଣ କରିଥିଲେ ମଧ୍ୟ ସୋମବରେ ଏହି ଘଟଣା ସମ୍ନାକୁ ଆସିଥିଲା। ବନ୍ଦ ଘରୁ କୌଣସି ଚଳପ୍ରଚଳ ନହେବା ସହ ଦୁର୍ଗନ୍ଧ ହେବା କାରଣରୁ ପଡୋଶୀ ପୁଲିସକୁ ସୂଚନା ଦେଇଥିଲେ। ରାକେଶ ନିୟମିତ ମଦ୍ୟପାନ କରୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି

# ତଦନ୍ତ କରିବ ସିବିଆଇ

■ ଭୁବନେଶ୍ୱର,୨୨।୧୦(ସମିସ): ବହୁ ଚର୍ଚ୍ଚିତ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ଦୁର୍ନୀତି ଘଟଣାରେ ସିବିଆଇ ତଦନ୍ତ ହେବ। ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥିବାର ସୁରାକ ମିଳିଛି। ଏହା ସହିତ ଏହି ଦୁର୍ନୀତିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ଖୁଲାସା କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରିବା ପାଇଁ ନିର୍ଣ୍ଣୟ ନେଇଛନ୍ତି।

### ସୁପାରିସ କଲେ ମୁଖ୍ୟମନ୍ତ୍ରୀ

### ଆନ୍ତଃରାଜ୍ୟ ଅପରାଧୀ ସଂଗଠନଙ୍କ ସଂପୃକ୍ତିର ଖୋଲିବ ରହସ୍ୟ




ଏହି ହାଇପ୍ରୋଫାଇଲ୍ ଘଟଣାରେ ପ୍ରଥମେ ଏସ୍‌ଆଇ ଲିଖିତ ପରୀକ୍ଷାର ଉତ୍ତର ଘୋଷିବା ପାଇଁ ଯାଉଥିବା ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଆନ୍ଧ୍ରରୁ ଗିରଫ କରାଯାଇଥିଲା। ଏହାପରେ ଧୀରେ ଧୀରେ ଏହି ନିଯୁକ୍ତି କେଲେଙ୍କାରୀକୁ ନେଇ ନୂଆ ନୂଆ ତଥ୍ୟ ସାମ୍‌ନାକୁ ଆସିଥିଲା। ଏହା ପୂର୍ବରୁ ହୋଇଥିବା ଅନେକ ପରୀକ୍ଷାରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲେ ହେଁ, ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ଏସବୁକୁ ଟପିଯାଇଛି। ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ଥିବା ପଞ୍ଚସଫ୍ଟ କଂପାନୀର ମାଲିକ ଶଙ୍କର ପୃଷ୍ଟି ଏଯାଏଁ ଫେରାର ରହିଥିବାରୁ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଯେଉଁଥିପାଇଁ ୧୬ ମାସର ସରକାରଙ୍କ ଛବି ଉପରେ ଏକ ବଡ଼ ସନ୍ଦେହ ସୃଷ୍ଟି ହୋଇଛି।

ଏହି ଦୁର୍ନୀତିରେ ଅନେକ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠିଛି। ଆରମ୍ଭରୁ ନିଯୁକ୍ତି ଚୟନ ଦାୟିତ୍ୱରେ ଥିବା ଓପିଆର୍‌ବିର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଓପିଆର୍‌ବିଠାରୁ ▶ପୃଷ୍ଠା-୭

### ଶଙ୍କର ଓ ପତ୍ନୀଙ୍କ ଆଗୁଆ ଜାମିନ ଖାରଜ

■ କଟକ, ୨୨।୧୦ (ସମିସ): ବହୁଚର୍ଚ୍ଚିତ ଓଡିଶା ପୁଲିସ ଏସଆଇ (ସବ୍‌ଇନ୍ସପେକ୍ଟର) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହି କଲେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀ ମୁଖ୍ୟ ଶଙ୍କର ପୃଷ୍ଟି ଓ ପତ୍ନୀ ଦୀପ୍ତିମୟୀ ସାହୁଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଉଭୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବ୍ରହ୍ମପୁର ଗୋଳନ୍ଥରା ଥାନାରେ ରୁଜୁ ମାମଲାରେ ଉଭୟ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଦୀପ୍ତିମୟୀଙ୍କୁ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି ଉଭୟ ଶଙ୍କର ଓ ଦିପ୍ତିମୟୀ ଏବେ ବି ଫେରାର ▶ପୃଷ୍ଠା-୭

## ଆମେରିକା ସଟ୍‌ଡାଉନ୍

# ୨୨ଦିନ ହେଲା ସରକାରୀ କାର୍ଯ୍ୟ ଠପ୍

### ଫୁଡ୍ ଡେଲିଭରୀ କରୁଛନ୍ତି ସରକାରୀ କର୍ମଚାରୀ

### ଏକାଦଶ ଥର ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବ ଅଗ୍ରାହ୍ୟ

### ଅକ୍ଟୋବର ୧ ସୁଦ୍ଧା ଅର୍ଥ ବିଲ୍‌କୁ ମିଳିନି ମଞ୍ଜୁରୀ




■ ୱାଶିଂଟନ୍, ୨୨।୧୦(ଏଜେନ୍ସି): ଆମେରିକାରେ ଜାରି ରହିଛି ସଟ୍‌ଡାଉନ୍। ଦୀର୍ଘ ୨୨ ଦିନ ହେବ ଦେଶବ୍ୟାପୀ ସରକାର କାମ କାର୍ଯ୍ୟ ଠପ୍। ସରକାରୀ କର୍ମଚାରୀଙ୍କୁ ଏଯାଏ ମିଳିନି ଦରମା। କର୍ମଚାରୀଙ୍କୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ଏବଂ ଇଏମ୍‌ଆଇ ପଇଠ କରିବାରେ ବେଶ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଏଥିରେ ଅନେକ ସରକାରୀ କର୍ମଚାରୀ ଏବେ ଫୁଡ୍ ଡେଲିଭରୀ କରି ପରିବାର ଚଳାଉଛନ୍ତି। ଆଉ କେତେକ ଅସ୍ଥାୟୀ ଚାକିରି କରି ବଞ୍ଚିବାକୁ ବାଧ ହେଉଛନ୍ତି। ଏହି ସଟ୍‌ଡାଉନ୍‌ରେ ୭,୫୦,୦୦୦ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ଏବେ ୨୨ତମ ଦିନରେ ପହଞ୍ଚିଛି। ଏହାକୁ ଆମେରିକା ଇତିହାସରେ ଦ୍ୱିତୀୟ ସବୁଠାରୁ ଲମ୍ବା ସଟ୍‌ଡାଉନ୍ କୁହାଯାଉଛି।

ବର୍ତ୍ତମାନ ଦେଶର ପ୍ରାୟ ୭.୫ ଲକ୍ଷ ସରକାରୀ କର୍ମଚାରୀ ବିନା ଦରମାରେ ଛୁଟିରେ ଅଛନ୍ତି। ଏମିତିକି ସାମରିକ ବାହିନୀ, ପୋଲିସ, ସୀମା ସୁରକ୍ଷା ଏବଂ ବିମାନ ଟ୍ରାଫିକ୍ ନିୟନ୍ତ୍ରକ ଭଳି ଅତ୍ୟାବଶ୍ୟକୀୟ କର୍ମଚାରୀମାନଙ୍କୁ ବିନା ଦରମାରେ କାମ କରିବାକୁ ବାଧ କରାଯାଉଛି। ବିମାନଗୁଡ଼ିକର ଉଡ଼ାଣ ବିଳମ୍ବ ହେଉଥିବାବେଳେ ନିମ୍ନ ଆୟକାରୀ ପରିବାରଗୁଡ଼ିକ ପାଇଁ ଏଭଳି ସମୟରେ ଖାଦ୍ୟ କାର୍ଯ୍ୟକ୍ରମରେ ସହାୟତା ବନ୍ଦ ହେବା ନେଇ ଆଶଙ୍କା ବଢୁଛି। ଦେଶର ଜାତୀୟ ପରମାଣୁ ସୁରକ୍ଷା ସଂସ୍ଥା ଏହାର ୧୪୦୦ କର୍ମଚାରୀଙ୍କୁ ଛୁଟିରେ ପଠାଇଛି। ଶକ୍ତି ▶ପୃଷ୍ଠା-୭

## ମହିଳା ପୁଲିସଙ୍କୁ ପ୍ରତାରଣା

### ଲଭ୍-ସେକ୍ସ-ଧୋକା

# ବନ୍ଧାହେଲେ ଇନ୍ସପେକ୍ଟର

■ ଭୁବନେଶ୍ୱର, ୨୨।୧୦(ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ମହଙ୍ଗା ପଡ଼ିଛି। ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତୋଷବନ୍ତ ଆଚାର୍ଯ୍ୟ (୩୬)।

ପୁଲିସ ସୂଚନା ଅନୁସାରେ, ମହିଳା ସବ୍ ଇନ୍ସପେକ୍ଟରଙ୍କ ଘର ବୌଦ୍ଧ ଜିଲ୍ଲାରେ ହୋଇଥିବା ବେଳେ ତୋଷବନ୍ତଙ୍କ ଘର ବଲାଙ୍ଗୀରେ। ଉଭୟ ଗୋଟିଏ କଲେଜରେ ମିଶିକି ପଢୁଥିବା ବେଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ୨୦୧୩ ମସିହାରେ ଡେପୁଟି ସୁବେଦାର ଭାବେ ଚାକିରି ଆରମ୍ଭ କରିଥିବା ବେଳେ ଯୁବତୀ ଜଣକ ୨୦୧୭ରେ ସବ୍ ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିବାହ ଆଳରେ ଉଭୟ ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବାକୁ ଯାଉଥିଲେ। ଭୁବନେଶ୍ୱର, ପୁରୀ, ଭଦ୍ରକ, ଗଞ୍ଜାମ ଫୁଲବାଣୀ ଆଦି ଅଞ୍ଚଳରେ ବୁଲାବୁଲି କରିଥିଲେ। ତୋଷବନ୍ତ ଏହି ସମୟ ମଧ୍ୟରେ ଯୁବତୀଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା।

ପୂର୍ବରୁ ମହିଳା ସବ୍ ଇନ୍ସପେକ୍ଟର ଜଣକ ଗଞ୍ଜାମ ଜିଲ୍ଲାରେ ଥିବାବେଳେ ତୋଷବନ୍ତ ଭୁବନେଶ୍ୱର ସ୍ଥିତ ସିକ୍ୟୁରିଟି ୱିଙ୍ଗରେ କାମ କରୁଥିଲେ। ନିକଟରେ ମହିଳା ସବ୍ ଇନ୍ସପେକ୍ଟର ଜଣକ କମିସନରେଟ ପୁଲିସକୁ ▶ପୃଷ୍ଠା-୭



୮ ବର୍ଷ ଧରି ଥିଲା ପ୍ରେମ ସମ୍ପର୍କ

କଲେଜରୁ ହୋଇଥିଲା ଉଭୟଙ୍କ ପରିଚୟ

ପୂର୍ବରୁ ବିବାହ କରିଛନ୍ତି ଅଭିଯୁକ୍ତ

### ପାଇକା ନଦୀରେ ଭାସିଗଲେ ୩ ନାବାଳକ

## ୨ ମୃତ, ଜଣେ ନିଖୋଜ

■ ତିର୍ତ୍ତୋଲ, ୨୨।୧୦ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ନିକଟ ପାଇକା ନଦୀରେ ବୁଡ଼ିଯାଇ ୨ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଥିବା ଜଣାପଡ଼ିଛି। ମୃତ ଦୁଇ ନାବାଳକ ହେଲେ ଶିଶିର ବେହେରା ଓ ସୌରଭ ମଲ୍ଲିକ ଏବଂ ନିଖୋଜ ନାବାଳକ ହେଲେ ଅମନ ଜିତ ମଲ୍ଲିକ।

ବୁଧବାର ଅପରାହ୍ଣରେ ସ୍ଥାନୀୟ କୃଷ୍ଣାନନ୍ଦପୁର ଗ୍ରାମ କେଉଟ ସାହି ଓ ମଲ୍ଲିକ ସାହିର ଏହି ୩ ନାବାଳକ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ପାଇ ତିର୍ତ୍ତୋଲ ଓ ରଘୁନାଥପୁର ଦମକଳ ବାହିନୀର କର୍ମଚାରୀମାନେ ନାବାଳକ ଶିଶିର ବେହେରାକୁ ଉଦ୍ଧାର କରି ନିକଟସ୍ଥ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଶିଶିରକୁ ମୃତ ଘୋଷଣା କରିଥିଲେ। ପରେ ନାବାଳକ ସୌରଭ ମଲ୍ଲିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଅମନ୍ ଜିତର ପତ୍ତା ମିଳି ନ ଥିଲା।

## ଅଗ୍ନିକାଣ୍ଡରେ ୧ ନମ୍ବର ପରିବା ହାଟ ସ୍ୱାହା



■ ଭୁବନେଶ୍ୱର, ୨୨।୧୦ (ସମିସ): ରାଜଧାନୀ ଦୈନିକ ପରିବା ହାଟ (ଏକ ନମ୍ବର ପରିବା ମାର୍କେଟ)ରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ରୁ ଅଧିକ ଦୋକାନ ଘର ପୋଡ଼ି ଭସ୍ମ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ନିଆଁ ଲାଗିବା ସମୟରେ ନିକଟରେ ଥିବା ହୋଟେଲରେ ୮ରୁ ଅଧିକ ଲୋକ ଖାଉଥିଲେ। ହୋଟେଲ ଉପରେ ପଡ଼ିଥିବା ଜରିରେ ନିଆଁ ଲାଗି ତରଳି ତଳକୁ ନିଆଁ ଗୋଳା ଖସିଥିଲେ। ହୋଟେଲରେ ଖାଉଥିବା ଲୋକ ନିଆଁ ଖସିବା ପରେ ଅଧା ଖାଇବା ଛାଡ଼ି ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ନିଆଁ ଲିଭାଇବା ସମୟରେ ଖାଇବା ମଧ୍ୟ ଏଣେ ତେଣେ ପଡ଼ି ରହିଥିଲା। ଅଗ୍ନିକାଣ୍ଡରୁ ୧୦ଜଣ ବ୍ୟକ୍ତି ଏହିଭଳି ଭାବେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ନିଆଁର ପ୍ରକୋପ ଏତେ ଥିଲା ଯେ ଏହାକୁ ସହଜରେ ଲିଭାଇବା କଷ୍ଟକର ହୋଇଥିଲା। ଦୋକାନ ଉପରେ ପଡ଼ିଥିବା ଜରିପାଲ ତରଳିବାରୁ ନିଆଁ ଲିଭାଇବାକୁ ପାଖକୁ କେହି ଯାଇପାରି ନ ଥିଲେ। ଫଳରେ ସହଜରେ ନିଆଁ ବ୍ୟାପି ଯାଇଥିଲା। ଖବର ପାଇଁ ୧୬ଟି ଦମକଳ ଗାଡି ସହ ୧୪୦ ଜଣ ଅଗ୍ନିଶମ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ୩୦ ମିନିଟ୍‌ରେ ନିଆଁ ଆୟତ୍ତ ହୋଇଥିଲା। ଦମକଳ ଗାଡି ସେଠାରେ ପହଞ୍ଚି ▶ପୃଷ୍ଠା-୭


## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ

## ୧୨ ଗିରଫ; ଦୁଇ ମୁଖ୍ୟ ଅଭିଯୁକ୍ତ ଫେରାର୍

■ ବ୍ରହ୍ମପୁର, ୨୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସ ବୁଧବାର ୪ଜଣ ସୁପାରୀ କିଲର୍ (ବିହାରୀ)ଙ୍କ ସମେତ ମୋଟ ୧୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ୪୧ନମ୍ବର ୱାର୍ଡ କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ଅନ୍ୟମାନେ ସାମିଲ ଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ବନ୍ଧୁକ ଜବତ ହୋଇଥିବା ବେଳେ କବାଡ଼ି ଦୋକାନରୁ ଖଣ୍ଡବିଖଣ୍ଡିତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବାବେଳେ ସେମାନଙ୍କ ମଧ୍ୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଉମା ବିଶୋୟୀ ଓ ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ସୁଦର୍ଶନ ଜେନା ଥିବା ଏସ୍‌ପି କହିଛନ୍ତି। ଏହି ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ବିହାରୀ ସୁପାରୀ କିଲର୍‌ଙ୍କୁ ଅଗ୍ରୀମ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା। ତେବେ ବ୍ୟକ୍ତିଗତ କାରଣରୁ ସେମାନେ କାମ ନ କରି ଫେରିଯାଇଥିଲେ। ପରେ ସ୍ଥାନୀୟ ଅପରାଧୀଙ୍କୁ ନେଇ ହତ୍ୟାକାଣ୍ଡ କରାଯାଇଥିଲା। ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଆଗକୁ ଆହୁରି କିଛି କର୍ପୋରେଟରଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି। ଗିରଫଙ୍କ ମଧ୍ୟରେ ୨ ବିହାରୀ ସୁପାରୀ କିଲର୍‌ଙ୍କ ସମେତ ବନ୍ଥପଲ୍ଲୀର ଚିଣ୍ଟୁ ପ୍ରଧାନ(୨୫) ଓ ଯୋଗେନ୍ଦ୍ର ▶ପୃଷ୍ଠା-୭

### ଗିରଫଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ପୂର୍ବତନ ମେୟର ଓ କର୍ପୋରେଟର

### ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍, ଅଗ୍ରୀମ ନେଇଥିଲେ ୧୦ଲକ୍ଷ: ଏସ୍‌ପି



# ରାଜନୈତିକ ଷଡ଼ଯନ୍ତ୍ର ଗନ୍ଧ

■ ଭୁବନେଶ୍ୱର, ୨୨।୧୦ (ସମିସ): ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୧୫ ଦିନ ପରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସହ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ମାତ୍ର ପୁଲିସର ଏହି ପଦକ୍ଷେପ ପଛରେ ଷଡ଼ଯନ୍ତ୍ର ଥିବା ଗନ୍ଧ ବାରିଛନ୍ତି ବିଜେଡ଼ିର ବହୁ ବରିଷ୍ଠ ନେତା ଓ ରାଜନୈତିକ ସମୀକ୍ଷକ। ଗତ ବର୍ଷକ ମଧ୍ୟରେ ବିଜେଡିର ଟାଣୁଆ ଯୁବନେତାଙ୍କୁ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳ ନିଶାଣ କରିଛି ଓ ଏହି କ୍ରମରେ ବିକ୍ରମ ମଧ୍ୟ ଶାସକ ଦଳର ଆକ୍ରୋଶର ଶିକାର ହୋଇଛନ୍ତି। ଯେଉଁପରି ଭାବରେ ବିଳମ୍ବିତ ରାତିରେ ବିକ୍ରମଙ୍କୁ ତାଙ୍କ ଘରୁ ପୁଲିସ ଉଠାଇ ନେଇ ବୁଧବାର ସକାଳୁ ତାଙ୍କୁ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଛି, ସେଥିରୁ ଶାସକ ବିଜେପି ଓ ପୁଲିସର ବୁଝାମଣା ସ୍ପଷ୍ଟ। ପୀତବାସ ହତ୍ୟା ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପୃକ୍ତି ସମ୍ପର୍କରେ ବିଜେପିର ଜନୈକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ସମ୍ପର୍କରେ ପୁଲିସ ରହସ୍ୟମୟ ଭାବରେ ନିରବ ଥିବାବେଳେ ବିକ୍ରମଙ୍କ ବନ୍ଧୁଙ୍କ ଘରେ ଅଭିଯୁକ୍ତ ଆଶ୍ରୟ ନେଇଥିବା ଦର୍ଶାଇ ତାଙ୍କୁ ଗିରଫ କରିବା ରହସ୍ୟମୟ ମନେ ହେଉଛି।


ଗତ ୧୬ ମାସ ମଧ୍ୟରେ ବିଜେପି ସରକାର ରାଜ୍ୟରେ ଯେତେବେଳେ କୌଣସି ଜଟିଳ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି; ସେହି ସମୟରେ ସଂଘଠିତ ଅନ୍ୟ ଏକ ଘଟଣା ରାଜ୍ୟବାସୀଙ୍କୁ ପୂର୍ବ ଘଟଣାରୁ ନଜର ହଟାଇ ନେଇଥିବା ଦେଖାଯାଇଛି। ପ୍ରଥମେ ଏହାକୁ ସଂଯୋଗ ବୋଲି ମନେ କରାଯାଉଥିଲେ ହେଁ କ୍ରମାଗତ ଗୋଟିଏ ପରେ ଗୋଟିଏ ଘଟଣାରେ ଏପରି ଘଟିବା ଆଦୌ କାକତାଳୀୟ ବୋଲି କୁହାଯାଇ ପାରୁନାହିଁ। ପୁଲିସ କାନ୍ଧରେ ବନ୍ଧୁକ ରଖି ଶାସକ ଦଳ ବିରୋଧୀଙ୍କୁ ଦମନ କରିବାକୁ ଉଦ୍ୟମ କରୁଥିବା ଅନେକ ସନ୍ଦେହ କରୁଛନ୍ତି। ▶ପୃଷ୍ଠା-୭

### ନିଶାଣରେ ବିଜେଡି ନେତା

■ ଭୁବନେଶ୍ୱର, ୨୨।୧୦ (ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ସମୟରେ ବିଜେଡି ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ନିଶାଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ଗତବର୍ଷ ବିଜେଡିର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଥିଲା। ସାଧାରଣ ଲୋକଙ୍କ ସାମୂହିକ ଦାବି ପୂରଣ ପାଇଁ ଧାରଣା ଦେଇଥିବାବେଳେ ତାଙ୍କୁ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୮୧୪- ବିଶ୍ୱର ପ୍ରଥମ ପ୍ଲାଷ୍ଟିକ୍ ସର୍ଜରୀ ଇଂଲଣ୍ଡରେ କରାଗଲା।
- ୧୯୪୬- ମିଳିତ ଜାତିସଂଘର ପ୍ରଥମ ବୈଠକ ନ୍ୟୁୟର୍କରେ ଅନୁଷ୍ଠିତ ହେଲା।
- ୧୯୫୪- ପଶ୍ଚିମ ଜର୍ମାନୀ ନାଟୋ ସମ୍ମିଳନୀରେ ଭାଗ ନେଲା।
- ୨୦୦୧- ଆପଲ୍ କମ୍ପାନି ତା'ର ଆଇପଡ୍ ବଜାରକୁ ଛାଡ଼ିଲା।
- ୨୦୦୪- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୮୫ ହଜାର ଲୋକ ବାସଚ୍ୟୁତ ହେଲେ।



# 'ଧୁରନ୍ଧର'ର ସୁଟିଂ ସାରିଲେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଫିଲ୍ମର ଟିଜର୍ ରିଲିଜ୍ ହେବା ଦିନଠୁ ଦର୍ଶକେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଗତ କିଛି ମାସ ହେଲାଣି ରଣବୀର ଏହାର ସୁଟିଂରେ ବ୍ୟସ୍ତ ଥିଲେ। ଇତିମଧ୍ୟରେ ସେ ତାଙ୍କ ଭାଗର ସୁଟିଂ ସାରି ଦେଇଛନ୍ତି। ଫିଲ୍ମର କାହାଣୀ ଅପରାଧ ଜଗତର ଜଟିଳ ଦୁନିଆ ଉପରେ ଆଧାରିତ। ଏଥିରେ ରଣବୀରଙ୍କର ବେଶ୍ ଦମ୍‌ଦାର୍ ଚରିତ୍ର ରହିଛି। ଏଥିରେ ସେ ଜଣେ ର' ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହି ଚରିତ୍ର ପାଇଁ ରଣବୀର ତାଙ୍କ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ସୁଟିଂ ସେଟ୍‌ରୁ ଭାଇରାଲ ହୋଇଥିବା ଫଟୋ ଓ ଭିଡିଓଗୁଡ଼ିକରେ ସେ ଲମ୍ବା କେଶ ଓ ନିଶଦାଢ଼ିରେ ନଜର ଆସିଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ଧର ଅଛନ୍ତି। ଫିଲ୍ମରେ ରଣବୀରଙ୍କ ସହ ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର୍. ମାଧବନ୍, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ଓ ରାକେଶ ବେଦୀ ମଧ୍ୟ ନଜର ଆସିବେ। ତେବେ ଏହାର ପ୍ରମୋସନ୍ ଖୁବ୍‌ଶୀଘ୍ର ଆରମ୍ଭ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାସହ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍, ଗୀତ ଓ ଟିଜର୍ ଜାରି କରିପାରନ୍ତି। ଡିସେମ୍ବର ୫ରେ ଏହା ପରଦାକୁ ଆସିବ।

# କ୍ୟାପ୍ କୁଲିଂରେ ଝଡ଼ିବନି କେଶ

କ୍ୟାନ୍‌ସର (କର୍କଟ) ଆକ୍ରାନ୍ତ କୋଷମାନଙ୍କ ବୃଦ୍ଧିକୁ ରୋକିବା ପାଇଁ ଯେଉଁ ଔଷଧ ପ୍ରୟୋଗ କରାଯାଏ ତାହାକୁ 'କେମୋଥେରାପି' କୁହାଯାଏ। ତେବେ କେମୋଥେରାପି ଯୋଗୁଁ କେଶ ଝଡ଼ିବା ସମସ୍ୟା ଦେଖାଯାଏ। ଯାହାକି ଅତ୍ୟନ୍ତ ସାଧାରଣ ସମସ୍ୟା। ହେଲେ ଏମ୍ସର ଏକ ନୂତନ ଗବେଷଣାନୁସାରେ, କେମୋଥେରାପି ସମୟରେ ଏକବିଶେଷ ପ୍ରକାର କୁଲିଂ ଡିଭାଇସ୍‌କୁ ବ୍ୟବହାର କରିବା ଦ୍ୱାରା କେଶ ଝଡ଼ା ସମସ୍ୟାକୁ କିଛି ପରିମାଣରେ କମ୍ କରାଯାଇପାରିବ। କେମୋଥେରାପିରେ ଶରୀରରେ କ୍ୟାନସର କୋଷ ସହିତ କିଛି ସୁସ୍ଥ କୋଷ ମଧ୍ୟ ପ୍ରଭାବିତ ହୋଇଥାଏ। ଏହି କାରଣ ଯୋଗୁଁ କେଶ ମୂଳରେ ପ୍ରଭାବ ପଡ଼େ ଏବଂ କେଶ ଝଡ଼େ। ଏପରିକି ଅନେକ ସମୟରେ ରୋଗୀଙ୍କ ସମ୍ପୂର୍ଣ୍ଣ କେଶ ଝଡ଼ିଯାଏ। ଏହାଦ୍ୱାରା ଲୋକେ ଅବସାଦ ମଧ୍ୟରେ ରୁହନ୍ତି। ବିଶେଷକରି ଛୋଟ ପିଲା ଓ ଯୁବପିଢ଼ିଙ୍କଠାରେ ଏହିସ୍ଥିତି ଗମ୍ଭୀର ହୋଇଥାଏ। ଏମ୍ସ କରିଥିବା ଗବେଷଣାରେ ଏହି କୁଲିଂ ଡିଭାଇସ୍‌ର ବ୍ୟବହାର କରାଯାଇଛି। ଏହାକୁ ସ୍କାଲପ କୁଲିଂ ବା କୁଲିଂ କ୍ୟାପ୍ ବୋଲି କୁହାଯାଉଛି। ଯେତେବେଳେ ରୋଗୀଙ୍କ ମସ୍ତିଷ୍କର ତ୍ୱଚାକୁ ଥଣ୍ଡା ବା ଶୀତଳ କରାଯାଏ, ସେହି ଭାଗର ରକ୍ତ କୋଷିକା ସଙ୍କୁଚିତ ହୋଇଯାଏ। ଏହାଦ୍ୱାରା



କେମୋଥେରାପିର ଔଷଧ କମ୍ ପରିମାଣରେ ମୁଣ୍ଡ ଏବଂ କେଶ ମୂଳରେ ପହଞ୍ଚିପାରିବ। ଫଳସ୍ୱରୂପ କେଶ ମୂଳ କମ୍ ପ୍ରଭାବିତ ହେବ ଏବଂ କେଶ ଝଡ଼ା ସମସ୍ୟା ହ୍ରାସ ପାଇବ। ଏହି ଡିଭାଇସ୍ ମହିଳା ଓ ଛୋଟ ପିଲାଙ୍କ ଲାଗି ମୁଖ୍ୟତଃ ପ୍ରଭାବି ସାବ୍ୟସ୍ତ ହୋଇପାରେ। ଗବେଷକଙ୍କ କହିବା କଥା, ଆଗାମୀ ଦିନରେ ଏହି ଟେକ୍ନିକ କ୍ୟାନ୍ସର ହସ୍‌ପିଟାଲଗୁଡ଼ିକରେ ସହଜରେ ଉପଲବ୍ଧ ହେବ। ଅନ୍ୟପଟେ ଏହି ଟେକ୍ନିକ୍ ଅଧିକରୁ ଅଧିକ ହସ୍‌ପିଟାଲରେ ପହଞ୍ଚିଲେ, କ୍ୟାନସର ରୋଗୀ କେବଳ ଶାରୀରିକ ଭାବେ ନୁହେଁ, ମାନସିକ ସ୍ତରରେ ମଧ୍ୟ ବଡ଼ ଆଶ୍ୱସ୍ତି ଲାଭ କରିବେ।

# ଫଳ, ପନିପରିବାରୁ କୀଟନାଶକ ଧରିବ ଡିଭାଇସ୍



ବିଟ୍ସ ପିଲାନି ହାଇଦ୍ରାବାଦର ଗବେଷକମାନେ ଏକ ନୂଆ ପୋର୍ଟେବଲ ଡିଭାଇସ୍ ବିକଶିତ କରିଛନ୍ତି। ଏହି ଉପକରଣ ଫଳ ଓ ପନିପରିବାରେ ଥିବା କୀଟନାଶକ ଯାଞ୍ଚ କରିବ। ଏହି ଡିଭାଇସ୍ କେମିଲ୍ୟୁମିନୋମିଟର ଉପରେ ଆଧାରିତ। ଏହାକୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ। ଯେକୌଣସି ଫଳ ଓ ପନିପରିବାକୁ ଧୋଇ ସେହି ପାଣିକୁ ଏହି ଡିଭାଇସ୍‌ରେ ରଖିବାକୁ ହେବ। ପାଣି ଯେତେବେଳେ ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରିଥାଏ ସେତେବେଳେ ଏଥିରୁ ଆଲୋକ ବାହାରେ। ଏହି ଆଲୋକରୁ ଜଣାପଡ଼େ ଏଥିରେ କୀଟନାଶକ ଅଛି। ସେହିପରି ଏହି ଡିଭାଇସ୍‌କୁ ଯେକୌଣସି ସ୍ଥାନକୁ ନେବା ସମ୍ଭବ। ଏହାର୍ ଦାମ୍ ୫ ହଜାରରୁ ୧୦ ହଜାର ମଧ୍ୟରେ ରହିଛି। ତେବେ ଡିଭାଇସ୍‌ରେ ଆଲୋକର ତୀବ୍ରତା ଆଧାରରେ କୀଟନାଶକର ମାତ୍ରାକୁ ମପାଯାଇଥାଏ। ପାରମ୍ପରିକ କୀଟନାଶକ ପରୀକ୍ଷାର ଉପାୟ ଜଟିଳ, ସମୟ ସାପେକ୍ଷ ଓ ମହଙ୍ଗା ହୋଇଥାଏ। ତା'ସହ ଏ ଲାଗି ଗବେଷଣାଗାର ସହ ତାଲିମପ୍ରାପ୍ତ ଟେକ୍ନିସିଆନ ଆବଶ୍ୟକ ହୋଇଥାନ୍ତି। ହେଲେ ଏହି ନୂଆ ଉପକରଣ ଏ ସମସ୍ତ ସମସ୍ୟାକୁ ଦୂର କରିପାରିବ। ଡିଭାଇସ୍‌ରେ ଟେଷ୍ଟ ଷ୍ଟ୍ରିପ୍‌ର ଉପଯୋଗ ହୁଏ। ଏହାର ଫିଲଟର ପେପର୍‌ରେ ରାସାୟନିକ ପଦାର୍ଥ ଥାଏ। ଏହାସହିତ ହାଇରିଜୋଲ୍ୟୁସନ କ୍ୟାମେରା, ଇଣ୍ଟିଗ୍ରେଟେଡ୍ ମାଇକ୍ରୋକଣ୍ଟ୍ରୋଲର ଥାଏ। ଯାହାକି ପ୍ରତିକ୍ରିୟାର ଆଲୋକ ସଙ୍କେତକୁ ବିଶ୍ଳେଷଣ କରି ସଠିକ୍ ତଥ୍ୟ ପ୍ରଦାନ କରେ।

# ରବିବାର ଛୁଟି ରହୁଥିବା ଷ୍ଟେସନ



ଭାରତୀୟ ରେଳବାଇ ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ରେଳ ନେଟୱର୍କ। ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନରେ ଯାତ୍ରା କରିଥାନ୍ତି। ଭାରତରେ ଏମିତି ଏକ ଷ୍ଟେସନ୍ ରହିଛି ଯାହା ରବିବାର ଦିନ ଛୁଟି ରୁହେ। ଏହି ଷ୍ଟେସନ୍‌ଟି ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରୁ ପାଖାପାଖି ୩୫ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ କେବଳ ବାଙ୍କୁଡ଼ା-ମାସାଗ୍ରାମ୍ ଯାତ୍ରୀବାହୀ ଟ୍ରେନ୍‌ଟି ଅଟକିଥାଏ। ହେଲେ ରବିବାର ଦିନ ଏହି ଟ୍ରେନ୍‌ଟି ଷ୍ଟେସନକୁ ଆସୁ ନ ଥିବାରୁ ପୂରା ଷ୍ଟେସନଟି ଶୂନ୍‌ଶାନ୍ ଲାଗିଥାଏ। ତେବେ ରବିବାର ଦିନ ଷ୍ଟେସନ ମାଷ୍ଟରଙ୍କୁ ଟ୍ରେନ୍ ଟିକଟ କିଣିବାକୁ ବର୍ଦ୍ଧମାନ ସହର ଯିବାକୁ ପଡୁଥିବାରୁ ଏହିଦିନ ଟିକେଟ୍ କାଉଣ୍ଟର ଏବଂ ସମସ୍ତ ସେବା ବନ୍ଦ ରହିଥାଏ। ତେଣୁ ଏହି ଷ୍ଟେସନଟି ରବିବାର ଦିନ ବନ୍ଦ ରୁହେ। କେବଳ ସେତିକି ନୁହେଁ, ଏହି ଷ୍ଟେସନର କୌଣସି ସରକାରୀ ନାଁ ମଧ୍ୟ ନାହିଁ। ଏବେ ବି ଟିକେଟରେ ପୁରାତନ ସମୟର ନାଁ ରେନାଗର ମୁଦ୍ରିତ ରହିଛି। ୨୦୦୮ ରୁ ଏହି ଷ୍ଟେସନ୍‌ଟି ବିନା ନାମରେ ପରିଚାଳିତ ହେଉଛି।

# ଚାଟ୍‌ଜିପିଟି ବ୍ୟବହାରରେ ମହିଳା ଆଗରେ

ସାଧାରଣତଃ ମହିଳାଙ୍କ ତୁଳନାରେ ପୁରୁଷମାନେ ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ଥାନ୍ତି। ଓପନ ଏଆଇର ରିପୋର୍ଟ ଅନୁସାରେ, ଚାଟ୍‌ଜିପିଟି ବ୍ୟବହାର କରିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଆଗରେ ଅଛନ୍ତି। ଓପନ ଏଆଇ ନାଁକୁ ବିଶ୍ଳେଷଣ କରି ଲିଙ୍ଗ ଆଧାରରେ ଏକଥା ଜାଣିଛି। ଜୁନ୍ ତଥ୍ୟରୁ ଜଣାପଡ଼ିଛି, ଚାଟ୍‌ଜିପିଟି ବ୍ୟବହାର କରିବାରେ ମହିଳାମାନେ ପୁରୁଷଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିରୁ ଏଆଇ ବ୍ୟବହାର କରିବା ଏବେ ସମସ୍ତେ ଆରମ୍ଭ କରିଦେଲେଣି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତା'ସହ ଏହା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମ୍ୟାନେଜମେଣ୍ଟରେ ଲୋକଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିଛି ବୋଲି ଜଣାପଡ଼ିଛି। ୨୦୨୨ ମସିହା ନଭେମ୍ବରରୁ ଚାଟ୍‌ଜିପିଟି ଲଞ୍ଚ ହେବା ପରଠୁ ଏହାକୁ ୭୦ରୁ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି। ବିଶ୍ୱରେ ପ୍ରତି ୧୦ ଜଣରେ ଜଣେ ବୟସ୍କ ଏଆଇ ବ୍ୟବହାର କରୁଛନ୍ତି। ଓପନ ଏଆଇ, ହାଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ, ପ୍ରତି ସେକେଣ୍ଡରେ ପ୍ରାୟ ୨୯ ହଜାର ମେସେଜ ଚାଟ୍‌ଜିପିଟିକୁ ପ୍ରେରଣ କରାଯାଏ। ଏହା ଏଆଇର ଲୋକପ୍ରିୟତାକୁ ଦେଖାଉଛି। ତେବେ ଲୋକେ ଇ-ମେଲ୍ ଏବଂ ଆର୍ଟିକିଲ ଲେଖିବା ପାଇଁ ୪୦% ଚାଟ୍‌ଜିପିଟିର ବ୍ୟବହାର କରିଥାନ୍ତି। ଏହାସହ ପରାମର୍ଶ ଓ ମାର୍ଗଦର୍ଶନ ଲାଗି ୨୯ ପ୍ରତିଶତ ଏବଂ ତଥ୍ୟ ସନ୍ଧାନ ପାଇଁ ୨୪ ପ୍ରତିଶତ ଲୋକ ଏହାକୁ ବ୍ୟବହାର କରୁଛନ୍ତି। ଏହାବାଦ୍ ଟେକ୍ନିକାଲ ଏବଂ ପୋଗ୍ରାମିଂ ମେସେଜ୍ କେବଳ ୪.୨ ପ୍ରତିଶତ ଅଛି। ୧.୯ ପ୍ରତିଶତ ବ୍ୟବହାରକାରୀ ଚାଟ୍‌ଜିପିଟିରେ ସମ୍ପର୍କ ଏବଂ ଭାବନା ବିଷୟରେ ଆଲୋଚନା କରନ୍ତି ଏବଂ ୦.୪ ପ୍ରତିଶତ ବ୍ୟବହାରକାରୀ ଗେମିଂ ବିଷୟଗୁଡ଼ିକୁ ପସନ୍ଦ କରନ୍ତି। ଜୁଲାଇ ୨୦୨୫ ସୁଦ୍ଧା ମହିଳାମାନେ ଚାଟ୍‌ଜିପିଟି ଅଧିକ ବ୍ୟବହାର କରିଥିବା ଜଣାପଡ଼ିଛି। ଚାଟ୍‌ଜିପିଟିର ସର୍ବାଧିକ ସକ୍ରିୟ ବ୍ୟବହାରକାରୀଙ୍କ ମଧ୍ୟରୁ କେବଳ ୪୬ ପ୍ରତିଶତ ୧୮ ରୁ ୨୫ ବର୍ଷ ବୟସର ଅଛନ୍ତି। ସେହିପରି ଏଆଇର ଲୋକପ୍ରିୟତା ନିମ୍ନ ଧରଣର ଆୟ ଏବଂ ମଧ୍ୟମ ଧରଣର ଆୟ ଦେଶଗୁଡ଼ିକରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି।




# ଗାଈ ମୁଣ୍ଡରେ ଚିପ୍

ରୁଷରେ ଗାଈଙ୍କ ମୁଣ୍ଡରେ ଚିପ୍ ପ୍ରତ୍ୟାରୋପଣ କରାଯାଇଛି। ଗାଈଗୁଡ଼ିକ ଅଧିକ କ୍ଷୀର ଦେବା ଉଦ୍ଦେଶ୍ୟରେ ଏପରି କରାଯାଇଛି। ରୁଷ୍‌ର ନେରି କମ୍ପାନି ଏଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଛି। ତେବେ ଗାଈଙ୍କ ମୁଣ୍ଡର ସେହି ଭାଗରେ ଇଲେକ୍‌ଟ୍ରୋଡସ୍ ଲଗାଯାଇଛି, ଯାହାକି ସେମାନଙ୍କର ଭୋକ, ଚାପ ଓ ପ୍ରଜନନ ସହିତ ଜଡ଼ିତ। ଇଲେକଟ୍ରୋଡସ୍ ମାଧ୍ୟମରେ ଇଲେକଟ୍ରିକ୍ ମେସେଜ ପ୍ରେରଣ କରାଯାଇ ଏହି ଅଂଶକୁ ଉତ୍ତେଜିତ କରାଯାଏ। ଏହାଦ୍ୱାରା ଗାଈଙ୍କ ମାନସିକ ଏବଂ ଶାରୀରିକ ସନ୍ତୁଳନ ଉନ୍ନତମାନର ହେବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହିବର୍ଷ ଏପ୍ରିଲରେ ଉକ୍ତ କମ୍ପାନି ଏହାର ପ୍ରୟୋଗ ଆରମ୍ଭ କରିଥିଲା। ଗତ ମାସରେ ୫ଟି ଗାଈଙ୍କଠାରେ ସର୍ଜରି କରାଯାଇଥିଲା। ଗାଈମାନଙ୍କର ମୁଣ୍ଡର ପଛପାଖରେ ଏକ ବିଶେଷ ଷ୍ଟିମୁଲେଟର ଲଗାଯାଇ ଇଲେକଟ୍ରୋଡସ୍‌କୁ ମସ୍ତିଷ୍କ ଭିତରକୁ



ନିଆଯାଇଥିଲା। ଏହି ଉପକରଣ ସହାୟତାରେ ଭୋକ, ଚାପ ଏବଂ ପ୍ରଜନନ କ୍ଷମତାକୁ ନିୟନ୍ତ୍ରଣ କରୁଥିବା ଭାଗକୁ ଉତ୍ତେଜିତ କରାଯାଇଥିଲା। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଲା। ଏହି ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ ସଫଳ ରହିଛି। ସେହିପରି ଏହି ସର୍ଜରୀ ନିଶ୍ଚେତକ ବିନା ଗାଈଙ୍କଠାରେ କରାଯାଇଥିଲା। ତେବେ ସର୍ଜରୀ ପରେ ଗାଈଙ୍କଠାରେ କୌଣସି ଅସୁବିଧା ଦେଖିବାକୁ ମିଳି ନାହିଁ। ଅବଶ୍ୟ ଦୁଗ୍ଧ ଉତ୍ପାଦନକୁ ନେଇ କମ୍ପାନି କୌଣସି ସଠିକ୍ ତଥ୍ୟ ପ୍ରଦାନ କରି ନାହିଁ। ହେଲେ ପୂର୍ବ ତୁଳନାରେ ଗାଈଗୁଡ଼ିକ ଅଧିକ କ୍ଷୀର ଦେଉଥିବା କମ୍ପାନି ପକ୍ଷରୁ କୁହାଯାଇଛି। ଏବେ ଏହି ଟେକ୍ନିକ୍ ଉପରେ ସୁଧାରର ଆବଶ୍ୟକତା ଅଛି। ଯେଭଳି ଏହାକୁ ଭବିଷ୍ୟତରେ ବଡ଼ ସ୍ତରର ଟେକ୍ନୋଲୋଜିରେ ବ୍ୟବହାର କରାଯାଇପାରିବ। ଉକ୍ତ କମ୍ପାନିର କହିବା କଥା, ଗାଈଙ୍କଠାର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାର ପୁରୁଣା ଉପାୟ ପ୍ରଭାବୀ ସାବ୍ୟସ୍ତ ହେଉ ନାହିଁ। ଏଭଳି ସ୍ଥିତିରେ ମସ୍ତିଷ୍କରେ ଇଲେଟ୍ରିକ୍ ମେସେଜ ମାଧ୍ୟମରେ ଉତ୍ତେଜିତ କରାଯାଇ ଟେକ୍ନୋଲଜି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ଯାହାକି ଦୁଗ୍ଧ ବ୍ୟବସାୟକୁ ଆହୁରି ବୃଦ୍ଧି କରିବ। ଅନ୍ୟପଟେ ଏହି ଉପାୟ ଗାଈଙ୍କ ଲାଗି ବିପଜ୍ଜନକ ବି ହୋଇପାରେ ବୋଲି କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଉଠିଯିବ ଓପିଆରବି
# ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ଗଠନ ହେବ ସ୍ଥାୟୀ ଆୟୋଗ

ଭୁବନେଶ୍ୱର,୨୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ନିଯୁକ୍ତି ପରୀକ୍ଷା ପରିଚାଳନା କରିବାରେ ବ୍ୟାପକ ତ୍ରୁଟି ଲୋକଲୋଚନକୁ ଆସିଥିଲା। ପରୀକ୍ଷା ପରିଚାଳନା କରୁଥିବା ଓପିଆରବି ଟେଣ୍ଡର ଦେବା ପରେ ହାତବାନ୍ଧି ବସିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଥିଲା। ଏପରିକି ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଏକ ତୃତୀୟ ପକ୍ଷ କମ୍ପାନୀ ପଞ୍ଚସଫ୍ଟକୁ ମଧ୍ୟ ସବ୍-କଣ୍ଟ୍ରାକ୍ଟ ଦେବା ସମ୍ପର୍କରେ ଓପିଆର୍‌ବି ଜାଣି ପାରି ନ ଥିଲା। ଓପିଆର୍‌ବିର ଚରମ ବିଫଳତା ପଦାରେ ପଡ଼ିବା ପରେ ପୁଲିସ ସମେତ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ମଧ୍ୟ ଦିଆଯାଇଛି।

ସ୍ଥାୟୀ ଆୟୋଗ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଚାର କରୁଥିବା କହିବା ପରେ ଓପିଆର୍‌ବି ଉଚ୍ଛେଦ ଏକ ପ୍ରକାର ନିଶ୍ଚିତ ହୋଇଛି। ନୂତନ ଭାବେ ଗଠନ ହେବାକୁ ଥିବା ଆୟୋଗ ପୁଲିସ୍ ସମେତ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କ ପାଇଁ ନିଯୁକ୍ତି ପରୀକ୍ଷା ପରିଚାଳନା କରିବ। ଅର୍ଥାତ୍ ଅବକାରୀ ବିଭାଗ, ଅଗ୍ନିଶମ ବିଭାଗ, ଟ୍ରାଫିକ୍, ଜେଲ୍ ବିଭାଗ ସମେତ ଜଙ୍ଗଲ ବିଭାଗରେ ନିଯୁକ୍ତ ହେଉଥିବା ଫରେଷ୍ଟର ଫରେଷ୍ଟଗାର୍ଡଙ୍କ ନିଯୁକ୍ତି ଏହି ସଂସ୍ଥା କରିବ।

ଏହାସହ ଆଇଆର୍‌ବି, ଓଏସ୍‌ଓପି, ଏସ୍‌ଏସ୍‌ବି, ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି) ଆଦି ପଦରେ ନିଯୁକ୍ତି ପାଇଁ ଏହି ନୂତନ ସଂସ୍ଥାକୁ ଦାୟିତ୍ୱ ମିଳିବା ନେଇ ଆଶା କରାଯାଉଛି। ହେଲେ କେବେ ସୁଦ୍ଧା ଏହି ନୂତନ ଆୟୋଗ ଗଠନ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନି। ଅପରପକ୍ଷରେ ବିବାଦୀୟ ହୋଇ ପଡ଼ିଥିବା ପୁଲିସ୍ ଏସ୍‌ଆଇ ପରୀକ୍ଷା କିଏ ପରିଚାଳନା କରିବ ସେ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ■ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା
# ସହକାରୀ ପ୍ରାଧ୍ୟାପକ ଓ ଅଧ୍ୟକ୍ଷଙ୍କ ଜାମିନ ଖାରଜ

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଗିରଫ ହୋଇଥିବା ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଆବେଦନକୁ ହାଇକୋର୍ଟଙ୍କ ଖାରଜ କରିଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଚୂଡାନ୍ତ ଚାର୍ଜସିଟ ଦାଖଲ କରିବା ପରେ ଉଭୟ ଆବେଦନକାରୀ ସାନି ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଉଭୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାଲେଶ୍ୱର ଦୌରା ଜଜ୍ ଅଦାଲତରେ ଉଭୟଙ୍କ ଜାମିନ ଖାରଜ ହେବା ପରେ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ, ଛାତ୍ରୀଙ୍କ ଆତ୍ମଦାହ ଘଟଣାକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଘଟଣାର ଅବ୍ୟବହିତ ପୂର୍ବରୁ ପୀଡ଼ିତାଙ୍କ ସହ ବାରମ୍ବାର ମୋବାଇଲରେ କଥା ହୋଇଥିବା ଛାତ୍ର ଶୁଭ୍ର ସମ୍ବିତ ନାୟକଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଞ୍ଜୁର କରିଛନ୍ତି। ଉଭୟଙ୍କୁ ୫୦ହଜାର ଟଙ୍କା ଲେଖାଁଏ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ଜାମିନରେ ଛାଡିବା ବେଳେ ଆବଶ୍ୟକ ସର୍ତ୍ତ ରଖିପାରିବେ। ଉଲ୍ଲେଖ ଯୋଗ୍ୟ ଯେ କଲେଜ ଅଧ୍ୟକ୍ଷ ଓ ସହକାରୀ ପ୍ରାଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଗତ ଜୁଲାଇ ୧୨ତାରିଖରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଜୁଲାଇ୧୪ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଏତଲା ଦେବା ପରେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା।

**ଦୁଇ ଅଭିଯୁକ୍ତ ଛାତ୍ରଙ୍କୁ ମିଳିଲା ଜାମିନ**

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା
# ୩ରେ ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି

କଟକ,୨୨।୧୦(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ସରକାରୀ ଓକିଲ ଆଜି ସମୟ ଲୋଡ଼ିଥିବା ବେଳେ ଆସନ୍ତା ନଭେମ୍ବର ୩ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆଜି କେସ୍ ଡାଏରି ଦାଖଲ କରିଛି କ୍ରାଇମବ୍ରାଞ୍ଚ। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତର ସାନି ସ୍ଥିତି ନେଇ ହାଇକୋର୍ଟଙ୍କୁ ରାଜ୍ୟ ସରକାର ଅବଗତ କରିବେ। ବୋର୍ଡର ପୂର୍ବତନ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତିଙ୍କ ସହିତ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନ ଗୁଡ଼ିକର ଏକତ୍ର ଶୁଣାଣି ହେବ। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରା ଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ବିକ୍ରମ ପଣ୍ଡାଙ୍କ ଗିରଫଦାରୀକୁ ନେଇ ବର୍ଷିଲା ବିଜେଡି
# ରାଜନୈତିକ ଉଦ୍ଦେଶ୍ୟରେ ବିକ୍ରମଙ୍କୁ ଫସାଇ ଦିଆଯାଇଛି

ଭୁବନେଶ୍ୱର,୨୨।୧୦(ସମିସ): ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଗିରଫଦାରୀ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କୁ ବଞ୍ଚାଇବା ପାଇଁ ବିଜେଡି ଜିଲ୍ଲା ସଭାପତିଙ୍କୁ ଚକ୍ରାନ୍ତ କରି ଫସାଯାଇଛି ବୋଲି ବିଜେଡି ଅଭିଯୋଗ କରିଛି।

ବୁଧବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ଏହି ହତ୍ୟାକାଣ୍ଡରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିଲା। ମାତ୍ର ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି।

ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଗତ ୧୬ ମାସର ବିଜେପି ଶାସନରେ, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲ୍ଲାରେ ୧୫୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା କେବଳ ଓଡିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱରେ ଚର୍ଚ୍ଚିତ ଘଟଣା ପାଲଟିଥିଲା। ସମଗ୍ର ଜିଲ୍ଲାରେ ବିଜେପି ସରକାର ସମୟରେ ୧୮୨୩ଟି ମହିଳା ନିର୍ଯାତନା ମାମଲା ହୋଇଛି। ଏହାଛଡ଼ା, ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଶୀର୍ଷରେ ପହଁଚିଛି। ଏହି ଚୋରା ବାଲି କାରବାର ନେଇ ଅନେକ ହିଂସାକାଣ୍ଡ ଘଟିଛି। ଏହି ଚୋରା ବାଲି କାରବାରରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହୋଇ ଆସୁଛି।



■ ବିକ୍ରମଙ୍କ ବିରୋଧରେ ପୁଲିସ ପାଖରେ ତିଳେ ମାତ୍ର ପ୍ରମାଣ ନାହିଁ
■ ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏଭଳି ଚକ୍ରାନ୍ତ
■ ପୀତବାସଙ୍କ ହତ୍ୟା ପ୍ଲଟ୍‌ରୁ ବଳିଗଲା ବିକ୍ରମଙ୍କୁ ଫସାଇବା ପ୍ଲଟ୍

ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଏମିତି କି ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୁତି ଜେନାଙ୍କର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ବିଜେପି ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ, ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟରେ ବିକ୍ରମଙ୍କ ବିରୋଧରେ କୌଣସି ପ୍ରମାଣ ପ୍ରସ୍ତୁତ କରିନାହାନ୍ତି, କେବଳ ଗୁଡ଼ାଏ କାହାଣୀ କହିଛନ୍ତି। ଏହି ଗିରଫଦାରୀକୁ ଆମେ ଦୃଢ଼ ନିନ୍ଦା କରୁଛୁ। ବିଜୁ ଜନତା ଦଳ ଏଭଳି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବ ବୋଲି ସେ କହିଛନ୍ତି।

ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, କେବଳ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତି ଦେଖାଇ ତାଙ୍କୁ ଗିରଫ କରାଯାଇଛି। ପୀତବାସ ପଣ୍ଡାଙ୍କ ହତ୍ୟା ପାଇଁ ତିଆରି ହୋଇଥିବା ପ୍ଲଟ୍‌ଠାରୁ ବିକ୍ରମ ପଣ୍ଡାଙ୍କୁ ଫସାଇବା ପାଇଁ ବିଜେପି ଇଙ୍ଗିତରେ ପୁଲିସ ରଚିଥିବା ପ୍ଲଟ୍ ଅଧିକ ଭୟଙ୍କର ଓ ମାରାତ୍ମକ। ଗଞ୍ଜାମ ଏସ୍‌ପି ଯେଉଁ ୫୦ ଲକ୍ଷ ଟଙ୍କା ଡିଲ୍ କଥା କହିଛନ୍ତି, ତା'ର ମଧ୍ୟ କୌଣସି ମନି ଟ୍ରେଲ୍ ଥିବା କଥା କହି ନାହାନ୍ତି। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ବିରୋଧରେ ହାଇକୋର୍ଟରେ ଚାଲିଥିବା ମିଥ୍ୟା ସତ୍ୟପାଠ ମାମଲାରେ ଓକିଲ ଖର୍ଚ୍ଚ ବିକ୍ରମ ପଣ୍ଡା ବହନ କରୁଛନ୍ତି ବୋଲି ଏସ୍‌ପି କହୁଛନ୍ତି। କିନ୍ତୁ, ଓକିଲ ଖର୍ଚ୍ଚ ବହନ ସହିତ ପୀତବାସ ପଣ୍ଡାଙ୍କ ହତ୍ୟାର କ'ଣ ସଂପର୍କ ରହିଛି, ସେକଥା ସେ ସ୍ପଷ୍ଟ କରି ନାହାନ୍ତି। ଏସ୍‌ପିଙ୍କ କଥାରୁ ସ୍ପଷ୍ଟ ଜଣାପଡୁଛି, ରାଜ୍ୟ ସରକାରଙ୍କ ଇଙ୍ଗିତରେ ମିଛ କାହାଣୀ ସୃଷ୍ଟି କରି ସେ ବିକ୍ରମ ପଣ୍ଡାଙ୍କୁ ଫସାଇବାକୁ ଅପଚେଷ୍ଟା କରିଛନ୍ତି। ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ ଓ ଚୋରା ବାଲି କାରବାର ନେଇ ନିଜ ଦଳ ଭିତର ବିବାଦ ଯୋଗୁଁ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟିଛି ବୋଲି ପୂରା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ମାତ୍ର ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି, ବିକ୍ରମ ପଣ୍ଡାଙ୍କୁ ଫସାଯାଇଛି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଗୋଟିଏ ଫଟୋ ଦେଖାଇ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ଫଟୋରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବସିଥିବା ବେଳେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ପୁଲିସ ଆଇଜି ନୀତି ଶେଖର ମୁଣ୍ଡପୋତି ଛିଡ଼ା ହୋଇଛନ୍ତି। ଡଃ ମହାନ୍ତି କହିଥିଲେ, ବିଜେପି ଶାସନରେ ପୁଲିସ ଅବସ୍ଥା ଏହିପରି ରହିଛି। ଶ୍ରୀ ସାମଲ ମନ୍ତ୍ରିମଣ୍ଡଳର ସଦସ୍ୟ ହୋଇ ନ ଥିଲେ ମଧ୍ୟ ତାଙ୍କ ସମ୍ମୁଖରେ ଜଣେ ପୁଲିସ ଆଇଜି ଅସହାୟ ଅବସ୍ଥାରେ ମୁଣ୍ଡପୋତି ଛିଡ଼ା ହେବା ନିଶ୍ଚିତ ଭାବେ ଆଇନଶୃଙ୍ଖଳାର ଦୟନୀୟ ସ୍ଥିତିକୁ ଦର୍ଶାଉଛି। ତେଣୁ ବିଜେପି ଇଙ୍ଗିତରେ ବିଜେଡି ଜିଲ୍ଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ପୁଲିସ ବିଜେପିର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି। ବିଜେଡି ଏହାର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବ। ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ରଶ୍ମି ପରିଡାଙ୍କ ପୁଅକୁ ଉଠାଇ ନେଲା ପୁଲିସ

ଭୁବନେଶ୍ୱର,୨୨।୧୦(ସମିସ): ଗତକାଲି ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବିଜେଡି କର୍ମୀ ରଶ୍ମି ପରିଡାଙ୍କ ପୁଅଙ୍କୁ ଆଜି ଉଠାଇ ନେଇଛି ପୁଲିସ। ଆକ୍ରମଣକାରୀକୁ ଗିରଫ କରିବା ପରିବର୍ତ୍ତେ ପୀଡ଼ିତା ବିଜେଡି କର୍ମୀଙ୍କ ପୁଅ ଉପରେ ପୁଲିସ ଅଦଉତି ସାଧୁଛି ବୋଲି ବିଜେଡି ସାଂସଦ ସୁଲତା ଦେଓ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିଜେଡି କର୍ମୀ ରଶ୍ମି ପରିଡା ସୋସିଆଲ ମିଡିଆରେ ସର୍ବଦା ସରକାରଙ୍କ ଦୋଷ ଦୁର୍ବଳତା ବିଷୟରେ ପୋଷ୍ଟ କରନ୍ତି। ଦୀପାବଳି ଦିନ ତାଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଛି। ପୁଲିସ ସରକାରଙ୍କ ହାତବାରିସୀ ସାଜିଥିବାରୁ ବର୍ତ୍ତମାନ ରଶ୍ମିଙ୍କ ପୁଅ ରାହୁଲ ପରିଡାଙ୍କୁ ପୁଲିସ ଉଠାଇ ନେଇଛି। ସେ ନିଜ ମା'ଙ୍କ ସହିତ ହସ୍ପିଟାଲରେ ରହି ତାଙ୍କ ଦେଖାଶୁଣା କରୁଥିଲେ। ମାତ୍ର ପ୍ରତିପକ୍ଷଙ୍କ ଏଫ୍‌ଆଇଆର୍ ଆଧାରରେ ପୁଲିସ ତାଙ୍କୁ ଉଠାଇ ନେଇଛି। ଅପରାଧୀଙ୍କୁ ପୁଲିସ ସୁରକ୍ଷା ଦେଉଛି ଓ ବିଜେଡି କର୍ମୀଙ୍କ ଉପରେ ଅତ୍ୟାଚାର ଚଳାଇଛି ବୋଲି ସୁଲତା ଅଭିଯୋଗ କରିଛନ୍ତି।

**ବର୍ଷିଲେ ବିଜେଡି ସାଂସଦ ସୁଲତା ଦେଓ**

## ଅପର୍ଣ୍ଣା ହତ୍ୟା ମାମଲା
# ଡାକ୍ତରଙ୍କ ରିପୋର୍ଟରେ ସାଙ୍ଘାତିକ ତଥ୍ୟ

ଭୁବନେଶ୍ୱର,୨୨।୧୦(ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ ହୋଇଥିବା କନେଷ୍ଟବଳ ସ୍ୱାମୀ ଦୀପକ ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାରେ ମଧ୍ୟ ଛନ୍ଦି ହୋଇଛି। ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ତର୍ଜମା କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ସ୍ୱତନ୍ତ୍ର ଡାକ୍ତରୀ ଦଳ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ତର୍ଜମା କରି ଏକ ରିପୋର୍ଟ ଦେଇଛନ୍ତି। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଦୁର୍ଘଟଣା ଜନିତ ନୁହେଁ ବୋଲି ଡାକ୍ତରଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି। ଯଦି କ୍ଷତ ଦୁର୍ଘଟଣା ଜନିତ ନୁହେଁ, ତେବେ ଦୀପକ ହିଁ ତାଙ୍କୁ ହତ୍ୟା କରିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଖୁବଶୀଘ୍ର ଦୀପକକୁ ରିମାଣ୍ଡରେ ନେବା ସହ ମିଛ ଧରା ପରୀକ୍ଷା କରାଯିବ ବୋଲି ପୁଲିସ କହିଛି।

୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁରଠାରେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକ ସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣା ମୃତ୍ୟୁବରଣ କରିଥିଲେ। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇବା ପରେ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟାକାଣ୍ଡରେ ଦୀପକ ଗିରଫ ହେବାପରେ ଅପର୍ଣ୍ଣାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରି ଭଉଣୀ ରୋଜାଲିନ ଦେଇଥିବା ଏତଲା ଭିତ୍ତିରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ଅପର୍ଣ୍ଣାଙ୍କ ପରିବାରର ୮ ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରାଯାଇଛି। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଦୁଇ ଡାକ୍ତର, ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କୁ ପୁଲିସ ଜେରା କରିଛି। ଏଥିସହିତ ଦୀପକର ଧରମ ଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଥିଲା ପୁଲିସ।

ଏସବୁ ବାଦ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଣିଥରେ ଯାଞ୍ଚ କରିବାକୁ ଡାକ୍ତରଙ୍କ ସହଯୋଗ ଲୋଡ଼ିଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଉକ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରିଛନ୍ତି। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଚିହ୍ନ ମନୁଷ୍ୟକୃତ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ହତ୍ୟା ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ହାତରେ ଏଭଳି ସାଙ୍ଘାତିକ ତଥ୍ୟ ଲାଗିଛି।

ଗତ ସୋମବାର କଟକ ଗ୍ରାମାଞ୍ଚଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ ଆସି ଦୀପକକୁ ପଚରାଉଚରା କରିଥିଲା। ଦୀପକ ଦେଇଥିବା ଏଫ୍‌ଆଇଆର ଓ ପୁଲିସର ତଦନ୍ତ ମଧ୍ୟରେ ଫରକ ଆସୁଥିବାରୁ ପୁଲିସ ତାକୁ ଗୁଡ଼ାଏ ପ୍ରଶ୍ନ କରିଥିଲା। ଏଥିସହିତ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ଦୀପକ ପାଇଥିବା ପ୍ରାୟ କୋଟିଏରୁ ଅଧିକ ଟଙ୍କା କେଉଁଠାରେ ବିନିଯୋଗ କରିଛି, ସେ ବିଷୟରେ ଜାଣିବାକୁ ଉଦ୍ୟମ କରିଥିଲା। ଜେରା ସମୟରେ ପୁଲିସକୁ ଅନେକ ଗୁରୁତ୍ୱପୂର୍ଣ୍ଣର୍ ତଥ୍ୟ ମିଳିଥିବାରୁ ଦୀପକକୁ ରିମାଣ୍ଡରେ ନେବାକୁ ଯୋଜନା କରିଛି କଟକ ଗ୍ରାମାଞ୍ଚଳ ପୁଲିସ। ଅଭିଯୁକ୍ତ ଦୀପକକୁ ରିମାଣ୍ଡରେ ନେବାକୁ ଖୁବଶୀଘ୍ର ଆଠଗଡ଼ କୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ ଦୀପକର ମିଛ ଧରା ପରୀକ୍ଷା କରିବାକୁ ପୁଲିସ ଯୋଜନା କରିଛି।

# ସ୍ନେହାଙ୍ଗିନୀଙ୍କ ସପକ୍ଷରେ ଆଦିବାସୀଙ୍କ ସଂକଳ୍ପ

ନୂଆପଡା, ୨୨।୧୦ (ସମିସ): ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବାହାରିଛନ୍ତି ନୂଆପଡ଼ା ଜିଲ୍ଲାର ଆଦିବାସୀ ସମୂହ।



କୋମନାରେ ଏକ ବିଶାଳ ମେଳିରେ ଆଦିବାସୀମାନେ ସ୍ନେହାଙ୍ଗିନୀଙ୍କୁ ବିଜୟୀ କରିବା ନିମନ୍ତେ ସଂକଳ୍ପ କରିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲ୍ଲା କୋମନା ବ୍ଲକ୍‌ର ଆଦିବାସୀ ନେତା, ସମାଜସେବୀ ଓ ଜନପ୍ରତିନିଧିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବିଶେଷ ଅତିଥି ଭାବେ ଯୋଗ ଦେଇ ବିଧାନସଭା ଉପ ନିର୍ବାଚନରେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆଙ୍କୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଆଦିବାସୀମାନେ ଘୋଷଣା କରିଥିବା ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଜେପିର ଆଦିବାସୀ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହି ସମାବେଶରେ ଆଦିବାସୀନେତା ଭାନୁ ପ୍ରତାପ ସିଂ ମାଝୀ, ତେଜରାଜ ଶବର, ଜୟନ୍ତ ଖମାରି, ସୁରେନ୍ଦ୍ର ଶବର, ଚକ୍ର ଶବର, ପୀତବାସ ଶବର, ରାଜେଶ ଶବର, ଜିତମିତ୍ର ଶବର, ସୁରେନ୍ଦ୍ର ଶବର କୁନା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।


**ନୂଆପଡ଼ା ଉପନିର୍ବାଚନ**

# ୫ ନାମାଙ୍କନ ନାକଚ

ନୂଆପଡା, ୨୨।୧୦ (ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ସରିଛି। ମୋଟ ୧୯ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ବହୁଜନ ସମାଜବାଦୀ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଓ ତିନି ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ ଏବଂ ଭୁଜବଳ ଆଡ଼ବଙ୍ଗଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ଏହାପରେ ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀଙ୍କ ସହ ୧୪ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ୍ ରହିଛି। ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସମେତ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ
## ପାଣିପାଗ ବିଭାଗର ନିର୍ଦ୍ଦେଶ ଅନୁପାଳନ କରିବାକୁ କୃଷି ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର, ୨୨।୧୦ (ସମିସ):** ବଙ୍ଗୋପସାଗରରୁ ଗୋଟିଏ ଲଘୁଚାପ ଯାଉ ଯାଉ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ସମ୍ଭାବ୍ୟ ଲଘୁଚାପ ଆଜି ରାତି କିମ୍ବା ଗୁରୁବାର ସକାଳ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ଏହି ଲଘୁଚାପ କେତେ ଘନୀଭୂତ ହେବ, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ନେଇ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ ଜାରି କରୁଛନ୍ତି। ତେଣୁ ଆଇଏମ୍‌ଡି ମଧ୍ୟ ଲଘୁଚାପ ସୃଷ୍ଟି ଉପରେ ନଜର ରଖିଥିବା




ଜଣାପଡ଼ିଛି। ପୂର୍ବରୁ ଏହି ଲଘୁଚାପ ଘନୀଭୂତ ହେବା ନେଇ ପୂର୍ବାନୁମାନ କରାଯାଇଥିଲା। ମାତ୍ର ଏବେ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ କରୁଥିବାରୁ ଆଇଏମ୍‌ଡି ପାଇଁ ମଧ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛି।

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ସୁଦୃଶ ଲଘୁଚାପ ରୂପେ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ରହିଛି। ଆଗକୁ ଏହା ଆରବସାଗର ମୁହାଁ ହୋଇ ଓଡ଼ିଶାଠାରୁ ଦୂରକୁ ଯିବ। ତେବେ ଏହା ପ୍ରଭାବରେ ବୁଧବାର ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଗୁରୁବାର ମଧ୍ୟ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ଦକ୍ଷିଣ ଆଣ୍ଡାମାନସାଗରରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ।

ଅନ୍ୟପକ୍ଷରେ ପାଣିପାଗ ବିଭାଗ ସୂଚନା ଆଧାରରେ କୃଷି ସଚିବ ଡଃ ଅରବିନ୍ଦ ପାଢ଼ୀ କହିଛନ୍ତି, ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ନେଇ କୌଣସି ସୂଚନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ପାଣିପାଗ ବିଭାଗର ପରାମର୍ଶକୁ ଅନୁପାଳନ କରିବା ପାଇଁ ଡଃ ପାଢ଼ୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। ସମ୍ଭାବ୍ୟ ବର୍ଷା ସ୍ଥିତିକୁ ନଜରରେ ରଖି ଧାନ କେଣ୍ଡାର ୮୫% ପାଚି ଯାଇଥିଲେ, ତାକୁ କାଟି ବେଙ୍ଗଳା କରିବା ବା ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଅମଳଯୁକ୍ତ ହୋଇଥିବା ମକା, ଚିନାବାଦାମ୍, ମୁଗ, ବିରିକୁ ଓପାଡ଼ି ଆଣିବା ସହିତ ପନିପରିବା ନର୍ସରୀରୁ ଜଳ ନିଷ୍କାସନ କରିବା ପାଇଁ ପରାମର୍ଶ ଦିଆଯାଇଛି। ପାଣି ଛାଡ଼ିଲା ପରେ ରୋଗପୋକ ଲାଗିବାର ଆଶଙ୍କା ଥିବାରୁ ତା'ର ମୁକାବିଲା କରିବାକୁ ମଧ୍ୟ ବିଭିନ୍ନ ପଦକ୍ଷେପ ନେବାକୁ କୁହାଯାଇଛି।

# ମୋହନାରେ ବନ୍ଧୁକ ତିଆରି କାରଖାନା; ୨ ଗିରଫ



ମୋହନା,୨୨।୧୦(ସମିସ): ଗଜପତି ଜିଲ୍ଲା ମୋହନା ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରି ୧୨ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ମୋହନା ଥାନା

■ ୧୨ ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ
■ ଜିଲ୍ଲା ବାହାରକୁ ଲମ୍ବିଛି ଚେର

ଗୋଲାପାଜୁ ଗ୍ରାମ ଜଙ୍ଗଲରେ ତିନି ବର୍ଷ ଧରି ଏହି ବନ୍ଧୁକ ତିଆରି କାରଖାନା ଚାଲିଥିଲା। ବନ୍ଧୁକ ତିଆରି କରୁଥିବା ଗୋଲାପାଜୁ ଗ୍ରାମର ଘନଶ୍ୟାମ ପ୍ରଧାନକୁ ଗିରଫ କରାଯାଇଥିବା ବେଳେ ଜଣେ ବନ୍ଧୁକ କ୍ରେତା ଚିହୁରିପଦର ଗ୍ରାମର ହରିଶ୍ଚନ୍ଦ୍ର ମଲିକକୁ ମଧ୍ୟ ପୁଲିସ ଗିରଫ କରିଛି।



କିଛିଦିନ ପୂର୍ବରୁ ପୁଲିସ ହରିଶ୍ଚନ୍ଦ୍ରଠାରୁ ୨ଟି ବନ୍ଧୁକ ଜବତ କରିବା ସହ ଗିରଫ କରିଥିଲା। ଜେରା ପରେ ତାର ସୂଚନା ଆଧାରରେ ପୁଲିସ ବନ୍ଧୁକ ତିଆରି କାରଖାନାର ସନ୍ଧାନ ପାଇବା ସହ ସେଠାରେ ଚଢ଼ଉ କରି ଘନଶ୍ୟାମକୁ ଗିରଫ କରିଥିଲା।

ଗୋଲାପାଜୁ ଗ୍ରାମର ନିକଟ ପାହାଡ଼ ଉପରେ ଏକ କୁଡ଼ିଆରେ ଏହି ମିନି କାରଖାନା ଚାଲିଥିବା ବେଳେ ଘନଶ୍ୟାମ ଅଗ୍ରୀମ ନେଇ ବନ୍ଧୁକ ତିଆରି କରେ। ଗୋଟିଏ ବନ୍ଧୁକ ପିଛା ପାଞ୍ଚ ହଜାର ଟଙ୍କା ନେଉଥିଲା। ଗଜପତି ଜିଲ୍ଲା ସମେତ ଏହି ଦେଶୀ ବନ୍ଧୁକ ଗଞ୍ଜାମ, କନ୍ଧମାଳ ଏବଂ ରାୟଗଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଇଥିବା ଗଜପତି ଏସ୍‌ପି ଯତୀନ କୁମାର ପଣ୍ଡା ମୋହନା ଥାନାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବନ୍ଧୁକ ଗୁଡ଼ିକ ମୁଖ୍ୟତଃ ଶିକାର ପାଇଁ ବ୍ୟବହୃତ ହେଉଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ପୁଲିସ କହିଛି।

ସକାଳ THE SAKALA



www.sakalaepaper.com

### ଜାତୀୟ ରାଜପଥ ମରାମତି, ସ୍ଥାନୀୟ ଲୋକଙ୍କ ପାଇଁ ଟୋଲ୍ ଉଚ୍ଛେଦ ଦାବି

# ବିଜେଡି ପକ୍ଷରୁ ଧାରଣା, ବିକ୍ଷୋଭ ପ୍ରଦର୍ଶନ

ପାଲଲହଡ଼ା,୨୨ ।୧୦(ସମିସ)



ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ମନମୁଖି କାର୍ଯ୍ୟ ବିରୋଧରେ ପାଲଲହଡ଼ା ବିଜେଡି ପକ୍ଷରୁ ଖମାର ଟୋଲ ପ୍ଲାଜାଠାରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି । ସକାଳ ୯ଟାରୁ ଦଳୀୟ ନେତା ଏବଂ କର୍ମୀ ଟୋଲ ଗେଟ ସମ୍ମୁଖରେରେ ଧାରଣାରେ ବସିବା ଫଳରେ ସମସ୍ତ ଯାନବାହାନ ଦେୟମୁକ୍ତ ଭାବେ ଟୋଲ ଗେଟର ପାଶ୍ୱର୍ବର୍ତ୍ତୀ ରାସ୍ତାରେ ଯାତାୟାତ କରିଥିଲେ ।

ଜାତୀୟ ରାଜପଥର ପାଲଲହଡ଼ାରୁ ପିତିରି ପର୍ଯ୍ୟନ୍ତ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ସମ୍ପୂର୍ଣ୍ଣ କରିବା, ରାସ୍ତାର ଉଭୟ ପାଶ୍ୱର୍ରେ ଦୁଇ ମିଟର ମୋରାମ ବେସ୍ ନିର୍ମାଣ, ପାଲଲହଡ଼ାରେ ଏନ୍‌ଏଚ୍‌ଏଆଇର ସବ୍‌ଡିଭିଜନାଲ ଅଫିସ କାର୍ଯ୍ୟକ୍ଷମ କରିବା, ଖମାର ଟୋଲ ଗେଟ ଉଚ୍ଛେଦ ଅଥବା ପାଲଲହଡ଼ା ଓ କଣିହାଁ ବ୍ଲକର ସମସ୍ତ ଚାରିଚକିଆ ଯାନକୁ ଦେୟମୁକ୍ତ କରିବା ସହ ବିଭାଗ ପକ୍ଷରୁ କୁହାଯାଉଥିବା ୧୪୯ ନମ୍ବର ଜାତୀୟ ରାଜପଥ ମରାମତି ନିମନ୍ତେ ହୋଇଥିବା ୧୦ କୋଟି ଟଙ୍କା ବ୍ୟୟର ଭିଜିଲାନ୍ସ ତଦନ୍ତ ଆଦି ଦାବି ରହିଛି । ଗତ ୧୫ ତାରିଖ ପାଲଲହଡ଼ା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପୂରଣ ନ ହେଲେ ୨୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଟୋଲ ପ୍ଲାଜା ନିକଟରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ ପାଇଁ ଚେତାବନୀ ଦିଆଯାଇଥିଲା । ତେବେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ପାଲଲହଡ଼ା ସଦରମହକୁମାର ଚତୁର୍ପାଶ୍ୱର୍ରେ ୨୦ କିମି ମଧ୍ୟରେ ୩ଟି ଟୋଲ ଗେଟ ନିର୍ମାଣ କରି ଜାତୀୟ ରାଜପଥ ପ୍ରାଧିକାରଣ କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲ ଆଦାୟ କରୁଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା ପୂର୍ବତନ ବିଧାୟକ ପାଲ ଅଭିଯୋଗ କରିଛନ୍ତି । ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ଖମାର ଡାକବଙ୍ଗଳାଠାରୁ ଶହ ଶହ ବିଜେଡି କର୍ମୀ ଶୋଭାଯାତ୍ରାରେ ବାହାରି ଟୋଲ ଗେଟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି । ବିକ୍ଷୋଭରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ସୁବାସ ମହାନ୍ତି, ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ ଯୋଗଦେଇଛନ୍ତି । ଅନ୍ୟପଟେ ସନ୍ଧ୍ୟାରେ ଏନ୍‌ଏଚ୍‌ଏଆଇର ସହକାରୀ ପ୍ରକଳ୍ପ ଅଧିକାରୀ ଦିବ୍ୟାଂଶୁ ମୀନା, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର କୌଣସି ବାଟ ବାହାରି ନାହିଁ । ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପୂର୍ବତନ ବିଧାୟକ ପାଲ କହିଛନ୍ତି ।

## ହିମିତିରା ଓ ଅଙ୍ଗପଡ଼ାରେ କାଳୀପୂଜା



କିଶୋରନଗର,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହିମିତିରା ଓ ଅଙ୍ଗପଡ଼ା ଗ୍ରାମରେ ମା' କାଳୀପୂଜା ଅନୁଷ୍ଠିତ ହୋଇଛି । ୨୦ ତାରିଖ ହିମିତିରା ନାଳରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ପବିତ୍ର ଜଳ ଉଠାଇ କଳସ ଯାତ୍ରା ପରେ ମା'ଙ୍କ ପୂଜା କରାଯାଇଥିଲା । ୨୧ ତାରିଖ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ପରିବେଷଣ ହୋଇଥିଲା । ବୁଧବାର ମା'ଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହିମିତରା ପୂଜା କମିଟି ସଭାପତି ବିଜୟ ପ୍ରଧାନ, ସମ୍ପାଦକ ବାବ୍ରୁବାହାନ ବେହେରାଙ୍କ ତତ୍ତ୍ୱାବଧାନ ତଥା କାଳୀପୂଜା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଛି । ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଉଭୟ ଗ୍ରାମର ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଦର୍ଶନ କରିଥିଲେ ।

## ଜାମୁନାଳିରେ ପୁଲିସ ସହିଦ ଦିବସ ପାଳିତ



କିଶୋରନଗର,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳି ହାଇସ୍କୁଲ ପରିସରରେ ହଣ୍ଡପା ଥାନା ପୁଲିସ ପକ୍ଷରୁ ସହିଦ ଦିବସ ପାଳିତ ହୋଇଛି । ଜାମୁନାଳି ପଞ୍ଚାୟତ ନାଗାଝରଣ ଗ୍ରାମର ଏସଓଜି ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସହିଦ ହୋଇଥିଲେ । ବିଦ୍ୟାଳୟ ପରିସରରେ ଥିବା ତାଙ୍କ ଫଟୋରେ ମାଲ୍ୟାପଣ କରାଯାଇଥିଲା । ଏ ନେଇ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ବିନୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଡଡିଆ ଯୋଗଦେଇ ଚନ୍ଦ୍ରକାନ୍ତଙ୍କ ଯୋଗୁଁ ଆଜି କିଶୋରନଗର ବ୍ଲକ ଗର୍ବିତ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଟଙ୍କଧର ପ୍ରଧାନ, ପ୍ରମୋଦ କୁମାର ସାମଲ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ପରେ ସମସ୍ତ ଅତିଥି ଚନ୍ଦ୍ରକାନ୍ତଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ



ଅନୁଗୋଳ,୨୨ ।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯିବ । ସପ୍ତାହର ପ୍ରଥମ ଦିନ ଅକ୍ଟୋବର ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ସମସ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଶପଥପାଠ କରିବେ । ଦୁର୍ନୀତି ବିରୋଧରେ ବ୍ୟାପକ ସଚେତନତା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ରାଲି, ୱାକାଥନ, ପଥପ୍ରାନ୍ତ ନାଟକ, ଗ୍ରାମସଭା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ । ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ ସମ୍ପୃକ୍ତ ବିଡିଓଙ୍କ ତତ୍ତ୍ୱାବଧାନରେ ସଚେତନତା ରାଲି ଓ ଗ୍ରାମସଭା କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ କେବୁଲ ଅପରେଟର ଓ ସିନେମା ହଲଗୁଡ଼ିକରେ ପ୍ରସାରଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏଲ୍‌ଡିଏମ୍ ଚୌଧୁରୀ ଦୀପକ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

### ପ୍ରଧାନ ଆଇ କେୟାରରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ମାମଲା

## ପ୍ରତି ପୀଡ଼ିତଙ୍କୁ ମିଳିବ ୧ ଲକ୍ଷ ଟଙ୍କା କ୍ଷତିପୂରଣ

ଅନୁଗୋଳ,୨୨ ।୧୦(ସମିସ): ଅମଲାପଡ଼ାସ୍ଥିତ ପ୍ରଧାନ ଆଇ କେୟାରରେ ଗତ ବର୍ଷ ଜୁନ ୨୦ ତାରିଖ ହୋଇଥିବା ତ୍ରିଟିପୂର୍ଣ୍ଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାମଲାରେ ରାଜ୍ୟ ସରକାର ୧୩ ଜଣ ପୀଡ଼ିତଙ୍କୁ ଲକ୍ଷେ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ରାଜ୍ୟ ମାନବିକ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଦିନ ପ୍ରଧାନ ଆଇ କେୟାରରେ ଡା. ଚନ୍ଦ୍ରଶେଖର ପ୍ରଧାନ ଓ ବିଶ୍ୱଜିତ୍ ଦେ ୧୩ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଥିଲେ । ହେଲେ ଅସ୍ତ୍ରୋପଚାର ପରଦିନ ରୋଗୀମାନଙ୍କ ଆଖି ଜୋର୍‌ରେ ବିନ୍ଧିବାରୁ ସେମାନେ କ୍ଲିନିକ୍‌କୁ ଆସିଥିଲେ । ଡା. ପ୍ରଧାନ ଭୟଙ୍କର ଚକ୍ଷୁ ସଂକ୍ରମଣ ହୋଇଥିବା ଜାଣି ରୋଗୀମାନଙ୍କୁ ସମ୍ବଲପୁର ନେଇ ଚିକିତ୍ସା କରାଇଥିଲେ । କିନ୍ତୁ ଅସ୍ତ୍ରୋପଚାର ଏଭଳି ତ୍ରୁଟିପୂର୍ଣ୍ଣ ଥିଲା ଯେ ରୋଗୀମାନଙ୍କ ଅବସ୍ଥାରେ ବେଶୀ ଉନ୍ନତି ଆସି ନ ଥିଲା । ରୋଗୀମାନେ ବିଭିନ୍ନ ଘରୋଇ ହସ୍ପିଟାଲ ଯାଇ ଯେତେ ଅର୍ଥଶ୍ରାଦ୍ଧ କଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା । ଘଟଣା ପ୍ରଘଟ ହେବା ପରେ ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା । ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ କ୍ଲିନିକ୍‌କୁ ସିଲ୍ କରି ଦିଆଯାଇଥିଲା । ଘଟଣା ସମ୍ପର୍କରେ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ଦୃଷ୍ଟି ଆକର୍ଷଣ କରିଥିଲେ । କମିଶନ ମାମଲାର ବିଚାର କରି କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ କହିଛନ୍ତି ଯେ ପ୍ରତି ପୀଡ଼ିତଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ନିର୍ଦ୍ଦେଶ ଆସିଛି । ୧୩ ଜଣ ପୀଡ଼ିତଙ୍କୁ ବ୍ୟାଙ୍କ୍ ନଥିପତ୍ର, ଆଧାର କାର୍ଡ ଆଦି ଦେବାକୁ ଚିଠି କରାଯାଇଛି । ଉପଯୁକ୍ତ ଦଲିଲ ସରକାରଙ୍କୁ ପ୍ରଦାନ କରାଯିବା ପରେ ପୀଡ଼ିତଙ୍କ ଆକାଉଣ୍ଟକୁ କ୍ଷତିପୂରଣ ଟଙ୍କା ପଠାଯିବ ବୋଲି ସିଡିଏମ୍‌ଓ ଡା. ପ୍ରଧାନ କହିଛନ୍ତି ।

## ୨୯ରେ କେନ୍ଦୁପତ୍ର କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଘେରାଉ

### ଯୋଗଦେବେ ରାଜ୍ୟର ୧୦ ହଜାର କେନ୍ଦୁପତ୍ର ତୋଳାଳି



ଅନୁଗୋଳ,୨୨ ।୧୦(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଡିଭିଜନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଅକ୍ଟୋବର ୨୯ ତାରିଖ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରି ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ତଥା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଯଥାକ୍ରମେ ମଜୁରି ୪୬୦ ଟଙ୍କା ଓ ୬୦୦ ଟଙ୍କା ପ୍ରଦାନ, ତୋଳାଳିମାନଙ୍କ ପତ୍ର ଦର ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି, ଜିଏସଟି ଅର୍ଥ ଫେରସ୍ତ, ବୋନସ ବୃଦ୍ଧି ଆଦି ଦାବିରେ ଏହି ସମାବେଶ ତଥା ଧାରଣା ଆୟୋଜିତ ହେବ । ଏଥିରେ ସାରା ରାଜ୍ୟରୁ ୧୦ ହଜାର ତୋଳାଳି ଯୋଗଦେବେ । ଅନୁଗୋଳ ଡିଭିଜନରୁ ୫୦୦ ତୋଳାଳି ଏବଂ ଶ୍ରମିକ ଯୋଗଦେବେ ବୋଲି କୁହାଯାଇଛି । ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ସମ୍ପାଦକ ମନୋଜ ସାହୁ, ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ସୁମିତ ପଟେଲ, ବିନୋଦ ଜେନା, ସୁରେଶ ଚନ୍ଦ୍ର ସାମଲ, ଜଗବନ୍ଧୁ ମହାନ୍ତ, ଫକୀର ପ୍ରଧାନ, ପ୍ରସନ୍ନ ସାହାଣୀ, ରଞ୍ଜନ ପ୍ରଧାନ, ଅଖିଳ ସାମଲ, ମାଧବ ସାହୁ, ସତ୍ୟାନନ୍ଦ ସାହୁ, ପ୍ରଶାନ୍ତ ପ୍ରଧାନ, ଅଜୟ ପଟନାୟକ, ଦୀନବନ୍ଧୁ ଦେହୁରୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ପୁରୁଷୋତ୍ତମ ସାହୁ, ସନ୍ତୋଷ ସାହୁ, କୋକିଳ ସାହୁ, ରୀନା ବେହେରା, ମାନସ ନାୟକ, ସୁକାନ୍ତି ସାହୁ, ଉର୍ମିଳା ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଅନୁଗୋଳ,୨୨ ।୧୦(ସମିସ): ସ୍ଥାନୀୟ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଇଓ ଅଶୋକ କୁମାର ପ୍ରଧାନ, ଏବିଇଓ ପ୍ରଦ୍ୟୁମ୍ନ ମିଶ୍ର, ସଂସାର ଭୋଇ ଏବଂ କଲେଜପଡ଼ା ସ୍କୁଲ ପ୍ରଧାନଶିକ୍ଷକ ମନୋଜ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ, ନୃତ୍ୟ, ସଙ୍ଗୀତ, କ୍ୱିଜ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ୫୦ ଷ୍ଟ୍ରିଟଲାଇଟ ଅଚଳ; ନିମ୍ନମାନର ଅଭିଯୋଗ


### ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଜାତୀୟରାଜପଥ ବିଭାଗ ପକ୍ଷରୁ ଫ୍ଲାଏଓଭର ବ୍ରିଜରେ ୧୧୦ଟି ଷ୍ଟ୍ରିଟଲାଇଟ ଲଗାଯାଇଛି । ଲାଇଟଗୁଡ଼ିକ ଅଗଷ୍ଟ ମାସରେ ଲଗା ଯାଇଥିବା ବେଳେ ସେଥିରୁ ୫୦ଟି ଅଚଳ ହୋଇପଡ଼ିଛି । ଅତି ନିମ୍ନମାନର ଲାଇଟ ଲଗାଯାଇଥିବାରୁ ସେଗୁଡ଼ିକ ଅଚଳ ହୋଇ ପଡୁଥିବା ବଇଣ୍ଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ବଇଣ୍ଡାଠାରେ ଜାତୀୟ ରାଜପଥ କାମ କରୁଥିବା ଠିକାସଂସ୍ଥା ଅତି ନିମ୍ନମାନର ଲାଇଟ ଲଗାଇଛି । ଯେଉଁଦିନ ଲାଇଟ ଲଗାଗଲା ସେହିଦିନ ହିଁ ୩ଟି ଅଚଳ ହୋଇପଡ଼ିଥିଲା । ପରବର୍ତ୍ତୀ ସମୟରେ ୫୦ ଲାଇଟ ଅଚଳ ହୋଇପଡ଼ିଲାଣି । ଏପରିକି ପ୍ରତେକ ଦିନ ସନ୍ଧ୍ୟା ୬ଟାରୁ ଲାଇଟଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦିଆଯାଉଥିବା ବେଳେ ରାତି ୧୧ଟାରେ ବନ୍ଦ କରି ଦିଆଯାଉଛି । ଫଳରେ ରାତି ୧୧ଟା ପରେ ଏହି ଓଭରବ୍ରିଜ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଉଛି । ଅନ୍ଧାରର ସୁଯୋଗ ନେଇ କିଛି ଦୁର୍ବୃତ୍ତ ବିଭିନ୍ନ ଗାଡ଼ି ଅଟକାଇ ଲୁଟପାଟ କରୁଛନ୍ତି । ଏ ନେଇ ବଇଣ୍ଡା ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ ଉକ୍ତ ଲାଇଟର ସମ୍ପୂର୍ଣ୍ଣ ଦାୟିତ୍ୱ ଠିକାସଂସ୍ଥାର ବୋଲି ସେମାନେ କହୁଛନ୍ତି । ତୁରନ୍ତ ଅଚଳ ଲାଇଟଗୁଡ଼ିକକୁ ଖୋଲି ନୂତନ ଲାଇଟ ଲଗାଇବା ସହ ୧୨ ଘଣ୍ଟା ଆଲୋକିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି, ଫ୍ଲାଏ ଓଭର ବ୍ରିଜରେ ଲାଗିଥିବା ଷ୍ଟ୍ରିଟଲାଇଟର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାସଂସ୍ଥା ଏଆଇପିଏଲର । ଯାହା ଅସୁବିଧା ଉକ୍ତ ଠିକାସଂସ୍ଥା ସମାଧାନ କରିବେ । ଅନ୍ୟପଟେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଠିକାସଂସ୍ଥାର ପରିଚାଳକ ତ୍ରିଲୋଚନ ବେହେରା କହିଛନ୍ତି ।

### ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା

## ୧୦୧ ସ୍ମାର୍ଟ ଫୋନ୍ ଉଦ୍ଧାର, ମାଲିକଙ୍କୁ ହସ୍ତାନ୍ତର





ଅନୁଗୋଳ,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିଖୋଜ କିମ୍ବା ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା ୨.୦ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମ ଅଧୀନରେ ନିଖୋଜ କିମ୍ବା ହଜିଯାଇଥିବା ୧୦୧ଟି ସ୍ମାର୍ଟ ଫୋନ୍ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି । ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ।

ଏହି ନିଖୋଜ କିମ୍ବା ହଜିଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନେଇଥିଲା ଅନୁଗୋଳ ପୁଲିସ । ଅନୁଗୋଳ ଏସ୍‌ପି ଭାବେ ରାହୁଲ ଜୈନ ଯୋଗଦେବା ପରେ ଏ ସମ୍ପର୍କରେ ସିଧାସଳଖ ଅଭିଯୋଗ କରିବାକୁ ଏକ ହ୍ୱାଟ୍ସଆପ ନମ୍ବର ଜାରି କରିଥିଲେ । ଫଳରେ ଲୋକେ ତୁରନ୍ତ ଏବଂ ସହଜରେ ମୋବାଇଲ ଚୋରି ଆଉ ହଜିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଗୁରୁତ୍ୱର ସହ ତଦନ୍ତ କରିଥିଲା । ଗତ ଜୁନ ୧୭ ତାରିଖ ପ୍ରଥମ ପର୍ଯ୍ୟାୟରେ ୧୨୫ ମୋବାଇଲ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୦୧ଟି ଫୋନ୍ ଉଦ୍ଧାର କରି ବୁଧବାର ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି ପୁଲିସ । ଏହି କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ ଉପସ୍ଥିତ ଥିଲେ । ଥାନା ଅଧିକାରୀ ଓ ଅନୁଗୋଳ ଜିଲ୍ଲା ପୁଲିସ ସାଇବର ସେଲ କର୍ମଚାରୀଙ୍କ ପ୍ରୟାସ ଯୋଗୁଁ ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର ହୋଇପାରିଥିବା ଆଇଜି ଓ ଏସ୍‌ପି କହିଛନ୍ତି ।

### କୋଇଲା ଚୋରି ବନ୍ଦ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ତାଳଚେର,୨୨ ।୧୦(ସମିସ): ତାଳଚେର ଅଞ୍ଚଳରେ ଦିନକୁ ଦିନ କୋଇଲା ଚୋରି ବଢ଼ିବାରେ ଲାଗିଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । କୋଇଲା ଚୋରି ରୋକିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଘଣ୍ଟପଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏମ୍‌ସିଏଲ୍ ଓ କୋଲ୍ ୱାସେରୀ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ସରକାର କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି । ଦୈନିକ ହଜାର ହଜାର ଟନ୍ କୋଇଲା କେବଳ ଗ୍ଲୋବାଲ୍ କୋଲ୍ ୱାସେରୀକୁ ଯାଉଛି । ଯାହାର ସଠିକ୍ ତଦାରଖ କରାଯାଉ ନାହିଁ । ନିୟମ ମୁତାବକ ପ୍ରତି ୧୦ ଚକିଆ ଟ୍ରକ୍‌ରେ ୧୮ ଟନ୍ ଓ ୧୨ ଚକିଆ ଟ୍ରକ୍‌ରେ ୨୨ ଟନ୍ କୋଇଲା ପରିବହନ କରାଯିବା କଥା । କିନ୍ତୁ ଏହି ନିୟମକୁ ଉଲ୍ଲଙ୍ଘନ କରି ଅଧିକ କୋଇଲା ଟ୍ରକ୍‌ରେ ପରିବହନ କରାଯାଉଛି । ସାଧାରଣ ଗାଡ଼ି ମାଲିକଙ୍କ ଗାଡ଼ି ୱେ ବ୍ରିଜ୍‌ରେ ଓଜନ କଲା ବେଳେ ଏମ୍‌ସିଏଲ୍ ଓ ମାଇନିଂ ବିଭାଗ ରହି କରୁଛନ୍ତି । କିନ୍ତୁ ୱାସେରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହେଉଛି । ରୋଡ୍ ସେଲର ନିୟମ ଅନୁସାରେ ୨୪ ଘଣ୍ଟା ଲୋଡିଂ ହେବା ବ୍ୟବସ୍ଥା ରହିଛି । କିନ୍ତୁ ସାଧାରଣ ଟ୍ରକ୍ ମାଲିକଙ୍କ ପାଇଁ ଏହି ନିୟମ ୧୨ ଘଣ୍ଟା (ସକାଳ ୬ରୁ ସନ୍ଧ୍ୟା ୬) ହୋଇଥିବା ବେଳେ ୱାସେରୀ ପାଇଁ ୨୪ ଘଣ୍ଟା ଲୋଡିଂ ଓ ପରିବହନ କରାଯାଉଛି । ରୋଡ୍ ସେଲରେ ସାଧାରଣ ଟ୍ରକ୍ ମାଲିକଙ୍କ ପାଇଁ ପରଚି ସିକ୍ୟୁରିଟି ଗାର୍ଡ ଯାଞ୍ଚ କରି ଗାଡ଼ି ଲୋଡିଂ ପାଇଁ ପଠାଯାଉଛି । କିନ୍ତୁ ୱାସେରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଉଛି । ଗ୍ଲୋବାଲ୍ କୋଲ୍ ୱାସେରୀ ପ୍ରତି ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କର ଏତେ ଅନୁକମ୍ପା କାହିଁକି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏସ୍‌ଆଇଟି କିମ୍ବା ସିବିଆଇ ଦ୍ୱାରା ଏହାର ତଦନ୍ତ କରାଗଲେ ଅନେକ ସତ୍ୟ ପଦାକୁ ଆସିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ରର ନକଲ ତାଳଚେର ଉପଜିଲ୍ଲାପାଳ, ଅନୁଗୋଳ ଏସ୍‌ପି, ତାଳଚେର ଉପ-ଖଣି ନିର୍ଦ୍ଦେଶକ, ତାଳଚେର ଏସ୍‌ଡିପିଓ, ତାଳଚେର/କୋଲିୟରୀ/ବିକ୍ରମପୁର ଥାନାକୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ରାଜକିଶୋର ସାହୁ, ଅଶୋକ ଦାସ, ବାପୁନ ସାହୁ, ଜିନେଶ ସାହୁ, ଆରବ୍ୟ ସାହୁ, ଅଜିତ୍ ସାହୁ, ପରେଶ ପ୍ରଧାନ, ଶିଳା ସାହୁ, ସଞ୍ଜୀୟ ସ୍ୱାଇଁ, ଲିପୁ ଦେହୁରୀ, ଅନିଲ ପ୍ରଧାନ, ପ୍ରକାଶ ସାହୁ, ଦୀପକ ଦେହୁରୀ, ଅଶ୍ୱିନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଟୋକୁ ଧକ୍କା ଦେଲା କାର୍; ତିନି ଗୁରୁତର

ଆଳି, ୨୨।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଭରତପୁର ଗ୍ରାମ ଛକ ନିକଟରେ ଆଜି ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆଳି ଥାନା ମାଣିକପାଟଣା ଗ୍ରାମର ଫକୀର ଚରଣ ଦାସ ଅଟୋରେ ପଟ୍ଟାମୁଣ୍ଡାଇ ଆଡୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ କାର ଯୋଗେ ବାଲେଶ୍ୱର ବସ୍ତା ଅଞ୍ଚଳର ଏମଡି ଡାନିସ(୩୨) ଓ ଭଦ୍ରକ ପୁରୁଣା ବଜାର ଅଞ୍ଚଳର ସେକ ଫୈଜୁଲ ହବିବ(୪୦) ଯାଉଥିବା ବେଳେ ଆଳି ଥାନା ଭରତପୁର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫକୀରଙ୍କର ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଥିଲା। ଅନ୍ୟପକ୍ଷେ ଉକ୍ତ ସ୍ଥାନରେ ତୀବ୍ର ଉତ୍ତେଜନା ଲାଗି ରହିଥିବା ବେଳେ କାର ମଧ୍ୟରୁ ଏକ ବ୍ୟାଗରେ ବିରିୟାନୀ ବାହାରିଥିଲା। ବିରିୟାନୀରେ ଗୋମାଂସ ଥିବା ସନ୍ଦେହ କରି ଉତ୍ତେଜିତ ଲୋକମାନେ କାର୍‌ରେ ଥିବା ଦୁଇ ଜଣଙ୍କୁ ଆକ୍ରମଣ କରିଥିଲେ। ଆଳି ପୁଲିସ ପହଞ୍ଚି ଯୁବକମାନଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ସମସ୍ତ ତିନିଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ପଠେଇ ଦେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ନଜର ରଖିବା ସହ ତଦନ୍ତ ଚଳାଇ ଥିବାନେଇ ଆଳି ଥାନା ଅଧିକାରୀ ଧୀରାଜ ଲେଙ୍କା ସୂଚନା ଦେଇଛନ୍ତି।

## ଠିକାସଂସ୍ଥାରେ କାର୍ଯ୍ୟରତ ରାତ୍ର ଜଗୁଆଳୀଙ୍କ ସନ୍ଦେହଜନକ ମୃତ୍ୟୁ

ମାର୍ଶାଘାଇ, ୨୨।୧୦(ସମିସ): ପାରାଦ୍ୱୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ମାର୍ଶାଘାଇ ଥାନା ହଜାରି ଛକ ନିର୍ମାଣାଧୀନ ସେତୁରେ ନିୟୋଜିତ ରାତ୍ର ଜଗୁଆଳ ସୁରେଶ ଲେଙ୍କା(୫୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ନିର୍ମାଣଧୀନ ଯୋରର ସେତୁ ତଳୁ କ୍ଷତାକ୍ତ ମୃତଦେହକୁ ମାର୍ଶାଘାଇ ପୁଲିସ ଜବତ କରିଛି। ମୃତ ସୁରେଶଙ୍କ ଘର ମହାକାଳପଡ଼ା ବିଜୟନଗର ଅଞ୍ଚଳରେ ହୋଇଥିବା ବେଳେ ସେ ୧୫ବର୍ଷହେବ ମାର୍ଶାଘାଇ ଥାନା ବାଲିସାହିରେ ବସବାସ କରିଆସୁଥିଲେ। ତାଙ୍କର ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ନିର୍ମାଣଧୀନ ଠିକା ସଂସ୍ଥା ରାଜବୀର କନଷ୍ଟ୍ରକସନ କମ୍ପାନୀ ପକ୍ଷରୁ କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ସ୍ଥାନୀୟ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆଧାରେରେ ତଦନ୍ତ ଆଗୁକୁ ବଢ଼ିବ ବୋଲି ଆଇଆଇସି ତପନ ନାୟକ କହିଛନ୍ତି।

## ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ

ଡେରାବିଶ, ୨୨।୧୦(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ବଜାର ନିକଟରେ କାରରେ ଜଣେ ଯୁବକ ୧ବସ୍ତା ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲସ୍ ତାକୁ କାବୁ କରିଛି। ସୂଚନାରୁ ପ୍ରକାଶ ମାର୍ଶାଘାଇ ଥାନା କୁସୁନୁପୁର ଗ୍ରାମର ରମାକାନ୍ତ ନାୟକ କାର (ଓଡି-୩୩-ଏଡି-୨୨୯୧) ଡିକିରେ ଗୋଟିଏ ବସ୍ତା ଗଞ୍ଜେଇ ମାର୍ଶାଘାଇରୁ ଆଣି କଟକ-ଚାନ୍ଦବାଲି ରାସ୍ତା ଦେଇ ଭୁବନେଶ୍ୱରକୁ ଚାଲାଣ କରୁଥିଲା। କେନ୍ଦ୍ରାପଡ଼ା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପୁଲିସ୍ ସଦଳବଳେ ଚାନ୍ଦୋଳବଜାର ପେଟ୍ରୋଲ ଟାଙ୍କି ପାଖରେ କାର୍‌କୁ ଅଟକାଇ ୧୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ, ଦୁଇଟି ମୋବାଇଲ ଓ ନଗଦ ଟଙ୍କା ସମେତ ଚାଲାଣରେ ବ୍ୟବହୃତ ଗାଡ଼ିକୁ ଜବତ କରିଥିବା ଜଣାଯାଇଛି।

## ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର, ୨୨।୧୦(ସମିସ): ରାଜନଗରବ୍ଲକ ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ଗ୍ରାମର ମଠ ମନ୍ଦିର ନିକଟରେ ଉଜ୍ଜ୍ୱଳ ଆଲୋକ ଲାଗିବା ଓ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବାଲିସାହିପାଟଣା ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ତାଙ୍କ ସମିତି ପାଣ୍ଠିରୁ ସବୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ହେଲା ମଧୁପୁର ମାଧବେଶୋର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ, ବାଲିସାହିପାଟଣା ମା' ଥାନପତି ନିକଟରେ ହାଇମାଷ୍ଟ ଲାଇଟ ସ୍ଥାପନ, ଚମ୍ପାଦିଆ ଗ୍ରାମ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ, ପୋଖରୀଆ ବିସେଶୋର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ ଓ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ ବୋଲି ଶ୍ରୀ ରାଉତ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିଶ୍ୱରଞ୍ଜନ ଜେନା, ବିଭୂତି ଭୂଷଣ ଜେନା, ପଞ୍ଚାୟତ ମୁରବି କାମିନି ରଞ୍ଜନ ଜେନା, ବୈକୁଣ୍ଠନାଥ ପରିଡ଼ା, କାଲୁ ବଳ, ସଚିଦାନନ୍ଦ ବଳ, ନାରାୟଣ ଭୂୟାଁ, ବସନ୍ତ କୁମାର ନାୟକ, ବିକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସଦର ସଫେଇ କାର୍ଯ୍ୟକ୍ରମ

ଗୋବିନ୍ଦପୁର, ୨୨।୧୦(ସମିସ): କପିଳା ପଞ୍ଚାୟତ ରାହାସ ଗୁହାଳି ଗ୍ରାମରେ ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଞ୍ଜାଇ ମନ୍ଦିରଠାରୁ ସ୍ୱପ୍ନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ପରିଷ୍କାର କରାଯାଇଥିଲା। ସଂସଦର ସଭାପତି ବ୍ରଜସୁନ୍ଦର୍ ସାମଲଙ୍କ ନେତୃତ୍ୱରେ ସମ୍ପାଦକ ସୁରେନ୍ଦ୍ର କୁମାର ପତି, ସଦସ୍ୟ ପ୍ରମୋଦ କୁମାର ସାମଲ, ରାମଚନ୍ଦ୍ର ନାୟକ, ବିଷ୍ଣୁ ସାମଲ, ନିରଞ୍ଜନ ସାମଲ, ସରୋଜ କୁମାର ମଲ୍ଲିକ, ନରେନ୍ଦ୍ର ବାରିକ, ଧନେଶ୍ୱର ଦାସ, ଅକ୍ଷୟ ସେଠୀ, ଅଶ୍ୱିନୀ ସାମଲ, ରବିନାରାୟଣ ସାମଲ, ରବୀନ୍ଦ୍ର ସାମଲ ପ୍ରମୁଖ ଅଂଶଗ୍ରହଣ କରି ଟ୍ରାକ୍ଟର ଯୋଗେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନାକୁ ପରିଷ୍କାର କରିଥିଲେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

# ଶିକ୍ଷକ ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୨।୧୦(ସମିସ)

କେନ୍ଦ୍ରାପଡ଼ା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣକରାଯିବାକୁ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ନିମନ୍ତେ ୨୦୧୦ ମସିହାରେ ଜିଲ୍ଲାର ବାରିମୂଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହାଦ୍ୱାରା କେନ୍ଦ୍ରାପଡ଼ା ଭଳି କୃଷିଭିତ୍ତିକ ଜିଲ୍ଲାର ଛାତ୍ରଛାତ୍ରୀ ସଫଳତାର ସହିତ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ବର୍ତ୍ତମାନ ବିଦ୍ୟାଳୟରେ ଅର୍ଦ୍ଧାଧିକ ଶିକ୍ଷକ ପଦ ଖାଲିପଡ଼ିଥିବାରୁ ଉକ୍ତ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ କରାଯାଉଛି। ଯେଉଁଥିପାଇଁ ଛାତ୍ରଛାତ୍ରୀ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେବା ସହିତ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି। ବିଶେଷକରି ୨୦୧୯/୨୦ ଶିକ୍ଷାବର୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବିଭାଗରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସ୍ଥାୟୀ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ନିମନ୍ତେ ସଠିକ୍ ଗୁଣାତ୍ମକ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି। ଯେଉଁଥିପାଇଁ ଅଧିକାଂଶ ମେଧାବୀ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟର ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ସିବିଏସ୍‌ଇ କ୍ଷେତ୍ରରେ ଉଚ୍ଚଶିକ୍ଷା ନିମନ୍ତେ ବାଧହୋଇ ଜିଲ୍ଲା ବାହାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରି ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲ୍ଲାପାଳ ସହୃଦୟତାର ସହିତ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଇବା ସହିତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିସହିତ ବିଦ୍ୟାଳୟକୁ ଯିବା ପାଇଁ ଥିବା ରାସ୍ତାରେ ବାରିମୂଳ ଉପକାରାଗାରକୁ ବଡ଼ ବଡ଼ ଗାଡ଼ି ସବୁ ଯାଉଥିବାରୁ ସେହି ରାସ୍ତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯିବାଆସିବା କରିବା ବିପଦ ସଙ୍କୁଳ ହୋଇପଡ଼ିଛି।



ତେଣୁ ବିଦ୍ୟାଳୟକୁ ମୁଖ୍ୟରାସ୍ତାରୁ ସଂଯୋଗ କରୁଥିବା ଅପରପାର୍ଶ୍ୱ ରାସ୍ତାଟି ଥିଲେ ମଧ୍ୟ ତାହାକୁ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି ବୋଲି ଅଭିଭାବକମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅଭିଭାବକ ସଂଘର ସଭାପତି ବିଷ୍ଣୁଚରଣ ସାମଲ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଧନେଶ୍ୱର ପାତ୍ର, ମହେନ୍ଦ୍ର କୁମାର ପ୍ରଧାନ, ଜତିନ୍ଦ୍ର ରାଉତ, ପ୍ରଭାକର ରାଉତ, ଦେବବ୍ରତ ଭୂୟାଁ, ପ୍ରଦିପ୍ତ କୁମାର ଶତପଥୀ, ମଧୁସ୍ମିତା ସ୍ୱାଇଁ, ଧନେଶ୍ୱର ମଲ୍ଲିକ ଓ ମହେନ୍ଦ୍ର କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଅସନ୍ତୋଷ

ପଟ୍ଟାମୁଣ୍ଡାଇ, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ନୋଡାଲ ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କ ବଦଳି କରାଯାଇଥିଲେ ମଧ୍ୟ ଆଜିକୁ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ତାଙ୍କ ସ୍ଥାନରେ କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହା ଛଡ଼ା ୩ବର୍ଷ ହେବ କିରାଣୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ତାଙ୍କ ସ୍ଥାନରେ କୌଣସି ନିଯୁକ୍ତି ଦିଆଯାଇନାହିଁ। ଏପରିକି ସ୍କୁଲର ୩ଜଣ ଶିକ୍ଷୟିତ୍ରୀଙ୍କୁ ପ୍ରାୟ ୧ବର୍ଷ ହେବ ଡେପୁଟେସନରେ ଅନ୍ୟତ୍ର ପଠାଯାଇଛି। ଯାହାଫଳରେ ବାଲିପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଶିକ୍ଷାଦାନ ବ୍ୟାହତ ହେବା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଘୋର ଅସୁବିଧା ହେଉଛି ବୋଲି ଅଭିଯୋଗ ହେଉଛି। ଏସମ୍ପର୍କରେ ବାଲିପାଟଣା ନୋଡାଲ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଅବିଳମ୍ବେ ବାଲିପାଟଣା ନୋଡାଲ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆ ନଗଲେ ସ୍କୁଲ ପରିଚାଳନା କମିଟି ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଅଗ୍ନିକାଣ୍ଡରେ ଦୁଇବଖରା ସମେତ ଜଳିଗଲା ଗୁହାଳ; ୨ ବାଛୁରୀ ମୃତ

ଡେରାବିଶ, ୨୨।୧୦(ସମିସ): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅଧୀନ କାଉପଡ଼ା (ଲେଙ୍କାସାହି) ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରତ୍ନାକର ଲେଙ୍କାଙ୍କ ୨ବଖରା ଚାଳଘର ଓ ଗୋଟିଏ ଗୁହାଳ ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଦୁଇଟି ବାଛୁରୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ନିଆଁର ତିବ୍ରତା ଏତେ ଥିଲା ଯେ, ଚାହୁଁ ଚାହୁଁ ହଠାତ୍ ତାଙ୍କର ଘର ସମେତ ଗୁହାଳକୁ ବ୍ୟାପିଯାଇଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ରତ୍ନାକରଙ୍କ ପରିବାର ଜଳୁଥିବା ଘରୁ ଜୀବନ ବିକଳରେ ବାହାରକୁ ପଳାଇ ଆସିଥିଲେ। ଲୋକମାନେ ରତ୍ନାକରଙ୍କ ପାଟି ଶୁଣି ଦଉଡ଼ିଆସି ଗୁହାଳ ମଧ୍ୟରୁ ଦୁଇଟି ଗାଈଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ହେଁ ନିଆଁର ତିବ୍ରତା ଯୋଗୁଁ ଗୁହାଳେ ବନ୍ଧା ହୋଇଥିବା ବାଛୁରି ଦୁଇଟିକୁ ଉଦ୍ଧାର କରିପାରିନଥିଲେ। ଫଳରେ ଗୁହାଳରେ ଗୋଟିଏ ବର୍ଷକର ବାଛୁରୀ ଓ ଏକ ମାସର ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ଡେରାବିଶ ଓ କେନ୍ଦ୍ରାପଡ଼ାରୁ ଦୁଇଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ରତ୍ନାକରଙ୍କ ବର୍ଷକର ଆହାର ଧାନ ଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡ଼ିପାଉଁଶ ହୋଇଯାଇଛି। ପିନ୍ଧିବା ବସ୍ତ୍ର ଛଡ଼ା ରତ୍ନାକରଙ୍କ ପରିବାର ନିକଟରେ କିଛିନଥିବା ଜଣାଯାଇଛି। ଘଟଣାସ୍ଥଳରେ କାଉପଡ଼ା ସରପଞ୍ଚ ପ୍ରତାପ ବେହେରା ପହଞ୍ଚି ବିପନ୍ନଙ୍କୁ ପାଲ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ଖବର ପାଇ ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ବାଛୁରୀ ଦ୍ୱୟର ବ୍ୟବଚ୍ଛେଦ କରିବାସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ଦୁଗ୍ଧ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଗରିବ ରତ୍ନାକର ଆକସ୍ମିକ ଅଗ୍ନିକାଣ୍ଡରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ବିକାଶ ପରିଷଦର ସଭାପତି ଆଇନଜୀବୀ ବିଜୟ କୁମାର ପରିଡ଼ା ବିପନ୍ନ ରତ୍ନାକରଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଗରିବ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



## ବନ୍ୟା ବନ୍ଧକୁ ତାଡ଼ିଦେଲେ ଠିକାଦାର; ପ୍ରଶାସନ ନୀରବ

ପଟ୍ଟାମୁଣ୍ଡାଇ, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ-ଉତ୍ତିକଣ ଅଞ୍ଚଳର ଜୀବନରେଖା କୁହାଯାଉଥିବା ରାଜନଗର ବନ୍ୟା ପ୍ରତିରକ୍ଷା ବନ୍ଧକୁ ଠିକାଦାର ତାଡ଼ି ନଷ୍ଟ କରିଦେଇଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇରୁ ମଦନପୁର ପର୍ଯ୍ୟନ୍ତ ବନ୍ୟାପ୍ରବଣ ଅଞ୍ଚଳର ସୁରକ୍ଷା ପାଇଁ କାହିଁ କେଉଁ କାଳରୁ ନିର୍ମାଣ କରାଯାଇଥିବା ବନ୍ଧର ଉଚ୍ଚତା ଓ ଚଉଡ଼ା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। କିଛିଦିନ ତଳେ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ଚାଲୁଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବନ୍ୟା ପ୍ରତିରକ୍ଷା ବନ୍ଧକୁ ଅନେକ ଜାଗାରେ ଖୋଳି ପକାଇଥିଲେ। ଯାହାଦ୍ୱାରା ନଦୀବନ୍ଧର ଅନେକ ସ୍ଥାନରେ ଉଚ୍ଚତା ହ୍ରାସ ପାଇବା ସହିତ ଦୁର୍ବଳ ହୋଇପଡ଼ିଥିଲା। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ବି ଜଳସମ୍ପଦ ବିଭାଗ ଅଧିକାରୀ କିମ୍ବା ଠିକା ସଂସ୍ଥା କେହି କର୍ଣ୍ଣପାତ କରି ନ ଥିଲେ। ସବୁ ଜାଣି ବିଭାଗୀୟ ଅଧିକାରୀ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା। ଯାହାଦ୍ୱାରା ଠିକା ସଂସ୍ଥା ତାହାର ମନଇଚ୍ଛା ନଦୀବନ୍ଧକୁ ତାଡି କାମ କରି ଚାଲିଥିଲା। ପ୍ରାଥମିକ ସୂଚନା ମୁତାବକ ପୁନଶ୍ଚ ନିମପୁର ବଜାର ନିକଟରେ ସମ୍ପୃକ୍ତ ଗ୍ରାମର ଜଣେ ବ୍ୟକ୍ତି ବନ୍ଧକୁ ଖୋଳି ଚଉଡ଼ା କରିବା ସହିତ ବନ୍ଧର ଉଚ୍ଚତା କମାଇ ଦେଇ ନିଜର ମେସିନ, ଟ୍ରାକ୍ଟର ଆଦି ପାର୍କିଂ କରିବା ପାଇଁ ପୂର୍ତ୍ତ ବିଭାଗ ରାସ୍ତାକୁ ଲଗାଇ ନଦୀବନ୍ଧର କିଛି ଅଂଶକୁ ତାଡ଼ି ବନ୍ୟା ପ୍ରତିରକ୍ଷା ବନ୍ଧକୁ ଦୁର୍ବଳ କରିଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଆଶଙ୍କା ସୃଷ୍ଟି ହେବା ସହିତ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଯାନବାହନ ପାର୍କିଂ କରାଗଲେ ଭବିଷ୍ୟତରେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯଥାଶୀଘ୍ର ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ ଓ ତହସିଲଦାର ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଖୋଳାଯାଇଥିବା ସ୍ଥାନକୁ ମରାମତି କରିବାକୁ ତୀର୍ଥ ପରିଡ଼ା, ରଞ୍ଜନ ଧଳ, ପବିତ୍ର ପଣ୍ଡା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ଶିଳିପୁରରେ ମା'ଶ୍ୟାମାକାଳୀଙ୍କ ପାର୍ବଣ ମହୋତ୍ସବ

ମାର୍ଶାଘାଇ, ୨୨।୧୦(ସମିସ): ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତର ପିଠାଧୀଶ୍ୱରୀ ମା' ଶ୍ୟାମାକାଳୀଙ୍କ ୬୧ତମ ପାର୍ବଣ ମହୋତ୍ସବ ଆଲୋକର ପର୍ବ ଦୀପାବଳି ଠାରୁ ଆରମ୍ଭ ହୋଇଯାଇଛି। ପୀଠ ପୂଜକ ରଞ୍ଜନ ମହାପାତ୍ର, ପାର୍ବଣ ପୂଜକ ଜ୍ଞାନରଞ୍ଜନ ମିଶ୍ର ପୂଜକଭାବେ ନିୟୋଜିତ ଅଛନ୍ତି। ମା' ଶ୍ୟାମାକାଳୀ ପୀଠ ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ପାଖଆଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି। ପରିଷଦର ଉପସଭାପତି ନିତ୍ୟାନନ୍ଦ ପରିଡ଼ା, ସମିତିସଭ୍ୟା ଭାରତୀ କାନୁନଗୋ, ସରପଞ୍ଚ ମଧୁସ୍ମିତା ପରିଡ଼ା, ପୂର୍ବତନ ସରପଞ୍ଚ ଯୁଗଳ କିଶୋର ଦାସ, ଇଂ ମନଜ ପରିଡ଼ା, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ମଳୟ କୁମାର ଦାସ, ଗଙ୍ଗାଧର ଦାସ, ଭିକାରୀ ଚରଣ ବେଉରା, ସଞ୍ଜୟ ବେଉରା, ଲଲାଟେନ୍ଦୁ ସାହୁ, ହାଡିବନ୍ଧୁ ବେହେରା, ଅଭୟ କୁମାର ପରିଡ଼ା, ସୁଶାନ୍ତ କୁମାର ବେଉରା, ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

## ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଙ୍କ ଆଲୁମିନ ମିଟ୍

ରାଜନଗର, ୨୨।୧୦(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଆଲୁମିନ ମିଟ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କ ସଭାପତିରେ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ବାଣିଜ୍ୟ ବିଭାଗର ଅଧ୍ୟାପକ ବିପିନ ବିହାରୀ ପରିଡ଼ା, ଅନଙ୍ଗ ପାତ୍ର, ଦିଲ୍ଲୀପ ମହାରଥା ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କର ଏକ ଆଲୁମିନ କମିଟି ଗଠନ କରାଯାଇ ସଭାପତି ଭାବେ ଦେବଦତ୍ତ ସେଠୀ, ସମ୍ପାଦକ ଭାବେ ସୌଭାଗ୍ୟ ମହାନ୍ତି, ଉପସଭାପତି ଭାବେ ନୟନାନନ୍ଦ ବେହୁରା, ସହ ସମ୍ପାଦକ ଭାବେ ସ୍ମୃତିପ୍ରଭା ରାଉତରାୟ, କୋଷାଧ୍ୟକ୍ଷ ଭାବେ ରାଘେବେନ୍ଦ୍ର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ବ୍ରାହ୍ମଣୀ ଉପତ୍ୟକା ବିକାଶ ସଂଘ ପକ୍ଷରୁ ରକ୍ତଦାନ ଶିବିର

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ରାମନାୟକଡିଆ ଠାରେ ବ୍ରାହ୍ମଣୀ ଉପତ୍ୟକା ବିକାଶ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟ ନିରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ହିମାଂଶୁ ଶେଖର ନାୟକ, ଜ୍ଞାନରଞ୍ଜନ ନାୟକ, ସୁବ୍ରତ କୁମାର ଜେନା, ପ୍ରଦ୍ୟୁମ୍ନ ମଲ୍ଲିକ, ସଂଗ୍ରାମ କୁମାର ନାୟକ, ପ୍ରସନ୍ନଜିତ ନାୟକ ଓ ମା' ଦକ୍ଷିଣେଶ୍ୱର କାଳୀପୂଜା କମିଟିର ସମସ୍ତ ସଦସ୍ୟମାନେ ଯୋଗଦେଇ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଅସହାୟ ପରିବାରକୁ ଆର୍ଥିକ ସହାୟତା

ଗୋବିନ୍ଦପୁର, ୨୨।୧୦(ସମିସ): ଆଲୋକ ଶିଖା ପରିବାର ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ମହାକାଳପଡ଼ା ଅଧୀନ ଜୟଚନ୍ଦ୍ରପୁର ବାସିନ୍ଦା ଅନୁସୟାଙ୍କ ବାପା ପରଲୋକ ହୋଇଯାଇଥିବା ବେଳେ ମାଆ ମସ୍ତିଷ୍କାଘାତରେ ପୀଡ଼ିତ ଅଛନ୍ତି। ବାପା ଆରପାରିକୁ ଚାଲିଯିବା ପରେ ଅନୁସୟାଙ୍କୁ ତାଙ୍କ ୪ ଭଉଣୀଙ୍କୁ ପଢ଼ାଇବା କଷ୍ଟକର ହେଉଛି। ଖବର ପାଇବା ପରେ ଆଲୋକ ଶିଖା ପରିବାର ପକ୍ଷରୁ ଆର୍ଥିକ ସହଯୋଗ ପ୍ରଦାନ କରିବା ସହିତ ପ୍ରତ୍ୟେକ ମାସରେ ସମସ୍ତ ସହାୟତା ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। କାର୍ଯ୍ୟକ୍ରମରେ ଆଲୋକ ଶିଖାର ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ ଓଝା, ଲକ୍ଷ୍ମୀଧର ପରିଡ଼ା, ରାଜ୍ୟ ଯୁଗ୍ମ ସଚିବ ଗୋପୀନାଥ ତ୍ରିପାଠୀ, ନାରୀ ସଶକ୍ତିକରଣ ସଭାପତି ପ୍ରଜ୍ଞାପରମିତା, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ସୂର୍ଯ୍ୟକାନ୍ତ ବେହେରା, ଯାଜପୁର ଜିଲ୍ଲା ସଂଯୋଜକ ଗୌରବ ଶୁଭକେତନ ରଥ, ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ସେଠୀ ପ୍ରମୁଖ ସାମିଲ ଥିଲେ।

## ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ

ରାଜକନିକା, ୨୨।୧୦(ସମିସ)



ରାଜକନିକା ବ୍ଲକ ତରାସ ସ୍ଥିତ ନେତାଜୀ ମିନିଷ୍ଟାଡିୟମରେ ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଏବଂ ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ଓ ତରାସ ପଞ୍ଚାୟତ ସରପଞ୍ଚ ମିନତି ନାୟକ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଛନ୍ତି। ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟ ରହିଛି ବୋଲି କ୍ଲବର ସଭାପତି ବନଜ କୁମାର ବାରିକ ମତ ଦେଇଥିଲେ। ପ୍ରଥମ ମ୍ୟାଚରେ ସତ୍ୟ ନାରାୟଣ କ୍ଲବ୍ ବାଘବୁଦା ୧-୦ ଗୋଲରେ ଯୁବ ଜ୍ୟୋତି କ୍ଲବ୍ ଚେରଣ୍ଟପଡ଼ାଠାରୁ ବିଜୟ ହାସଲ କରିଥିବା ବେଳେ ବି. ହେମ୍ବ୍ରମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆୟୋଜକ ନେତାଜୀ କ୍ଲବ୍ ତରାସ ଓ ଭଦ୍ରକର ରାମେଶ୍ୱର କ୍ଲବ୍‌କୁ ପେନାଲ୍ଟି ସ୍କୋର ମାଧ୍ୟମରେ ବିଜୟ ଲାଭ କରିଥିବା ବେଳେ ମଣ୍ଟି ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ତୃତୀୟ ମ୍ୟାଚରେ ଚାନ୍ଦବାଲି ବ୍ଲକର କିଶାନ କ୍ଲବ୍ ଓ ସୁରଜ୍ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ୩-୦ ଗୋଲରେ କିଶାନ କ୍ଲବ୍ ବିଜୟୀ ହୋଇଥିବା ବେଳେ କ୍ରିସ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ଚତୁର୍ଥ ମ୍ୟାଚ ଯାଜପୁର ମା' ମଙ୍ଗଳା କ୍ଲବ୍ ଓ ଡିଫା ଯାଜପୁର ସହିତ ଖେଳା ଯାଇଥିବା ବେଳେ ମା' ମଙ୍ଗଳା କ୍ଲବ୍ ୩-୦ ଗୋଲରେ ବିଜୟ ଲାଭ କରିଥିଲା। ପରବର୍ତ୍ତୀ କ୍ୱାଟର ଫାଇନାଲ ମ୍ୟାଚରେ ସତ୍ୟନାରାୟଣ କ୍ଲବ୍‌କୁ ୨-୦ ଗୋଲରେ ହରାଇ ଏନ୍‌ଏସିଚାନ୍ଦବାଲି ବିଜୟ ଲାଭ କରି ସେମିଫାଇନାଲ ମ୍ୟାଚ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଭାବେ ଦ୍ୱିତୀୟ କ୍ୱାଟର ଫାଇନାଲରେ ଆୟୋଜକ ନେତାଜୀ କ୍ଲବ୍ ତରାସ ପେନାଲଟି ସ୍କୋର ମାଧ୍ୟମରେ ପାରାଦୀପ ବନ୍ଦର ଦଳକୁ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଭଲିବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୨।୧୦(ସମିସ): ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅଧୀନ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡ଼ାଲ ଉଚ୍ଚବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ଜୁବୁଲି ସିଂଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଥମ ଛାତ୍ରୀ ଭାବେ ଏହି ବିରଳ କୃତିତ୍ୱ ହାସଲ କରିଥିବାରୁ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୁବୁଲିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀମତୀ ସାମଲଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧିତ କରିବାସହ ତାଙ୍କର ଭବିଷ୍ୟତ ଜୀବନ ଉତରୋତର କାମନା କରିଥିଲେ। ଏଥିସହିତ ଜୁବୁଲିଙ୍କୁ ବିଦ୍ୟାଳୟରେ ଭଲିବଲ୍ ଖେଳର ଶିକ୍ଷା ପ୍ରଦାନ କରୁଥିବା ଶାରିରୀକ ଶିକ୍ଷା ଶିକ୍ଷକ ମଧୁସୂଦନ ଦାଶଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ବେଶ୍ ପ୍ରଶଂସା କରିଥିଲେ। ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଶାରିରୀକ ଶିକ୍ଷା ଶିକ୍ଷକ ଶ୍ରୀ ଦାଶ ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଚାଟରାଚକଡ଼ା ପଞ୍ଚାୟତ ଅଧୀନ ମନ୍ତ୍ରୀପଡ଼ା ଗ୍ରାମର ବୁଲୁ ସିଂଙ୍କ ଝିଅ ଜୁବୁଲି ସିଂ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଭଦ୍ରକର ଚରମ୍ପା ସ୍ଥିତ ହନୁମାନଜୀଉ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ୬୯ ତମ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିବା ସହ ଡେରାବିଶ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି।



ସକାଳ
THE SAKALA

# ଜନତା ଜାଗିଲେଣି

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବୋଚ୍ଚ କ୍ଷମତା ଅଧିକାରୀ ଜନଗଣ। ସେମାନେ ବହୁମତରେ ନେତା ବା ଦଳକୁ ଚୟନ କରିଥା'ନ୍ତି କିଏ ଶାସନ କ୍ଷମତାରେ ରହିବ। ନିର୍ଦ୍ଧାରିତ ମିଆଦ ଶେଷରେ ସେମାନଙ୍କୁ ପୁନର୍ବାର ସୁଯୋଗ ମିଳିଥାଏ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ। ଏସବୁ ସତ୍ତ୍ୱେ କ୍ଷମତାସୀନ ସରକାରର ମିଆଦ ନ ପୁରିଥିଲେ ମଧ୍ୟ ସେମାନଙ୍କ ଆଶା ଓ ଆକାଂକ୍ଷା ଅନୁରୂପ ନହେଲେ ବିକ୍ଷୋଭ ଓ ବିଦ୍ରୋହ ଜନ୍ମ ନିଏ। ତେଣିକି ତାହା 'ଜେନ-ଜେଡ' ହେଉ ବା 'ନୋ କିଙ୍ଗସ୍'। ଏହି ବିଦ୍ରୋହ କ୍ଷମତାର ଅପରିଣାମଦର୍ଶିତାକୁ ପଦାରେ ପକାଇଥାଏ। ଆମେରିକାରେ ଟ୍ରମ୍ପ ପ୍ରଶାସନର କ୍ଷମତାସର୍ବସ୍ୱ ନୀତି, ଗଣମାଧ୍ୟମର ନିରପେକ୍ଷ ହନନ, ପ୍ରବାସୀ ବିରୋଧୀ ପଦକ୍ଷେପ ଓ ସରକାରୀ କାର୍ଯ୍ୟରେ ବିଭ୍ରାଟ ବିରୋଧରେ ପରିଲକ୍ଷିତ ପ୍ରତିବାଦ ଓ ବିକ୍ଷୋଭ ସମଗ୍ର ବିଶ୍ୱ ଜନସମୁଦାୟକୁ ଚମକାଇ ଦେଇଛି। ଦେଶର ୨୭ଟି ସହରରେ ୭୦ ଲକ୍ଷ ନାଗରିକଙ୍କ 'ନୋ କିଙ୍ଗସ' ବିକ୍ଷୋଭ କିଛି କମ କଥା ନୁହେଁ।

ଆମେରିକାର ରାଷ୍ଟ୍ରପତି-ପ୍ରଧାନ ଶାସନ ବ୍ୟବସ୍ଥାରେ ଟ୍ରମ୍ପ ଅଖଣ୍ଡ କ୍ଷମତାର ଅଧିକାରୀ। ଶାସନତାନ୍ତ୍ରିକ କଟକଣା ସତ୍ତ୍ୱେ ରାଷ୍ଟ୍ରପତି ତାଙ୍କର ପ୍ରଭୁତ୍ୱ ଜାହିର କରିପାରିବେ। ପ୍ରଚଳିତ ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଟ୍ରମ୍ପ ତୃତୀୟବାର ରାଷ୍ଟ୍ରପତି ହୋଇପାରିବେନି। ଏହି ୪ ବର୍ଷ ତାଙ୍କ କ୍ଷମତାର ଶେଷ ପର୍ଯ୍ୟାୟ। ତେଣୁ ରିପବ୍ଲିକାନ ପାର୍ଟିର ନେତା ରୂପେ ସେ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ସକାଶେ ସମସ୍ତ କଳବଳ ପ୍ରୟୋଗ କରିଚାଲିଛନ୍ତି। ଏମିତିରେ ଦେଖିବାକୁ ଗଲେ ସମଗ୍ର ବିଶ୍ୱରେ ଆମେରିକା ସର୍ବଶକ୍ତିମାନ ଏବଂ କ୍ରମାଗତ ଭାବେ ନିଜର ପ୍ରାଧାନ୍ୟ ଓ କର୍ତ୍ତୃତ୍ୱ ଅନ୍ୟମାନଙ୍କ ଉପରେ ଜାହିର କରିଚାଲିଛି। ତାହାର ନୀତିନିର୍ଦ୍ଧାରକ ଓ ନିୟାମକ ହେଲେ ଖୋଦ ରାଷ୍ଟ୍ରପତି। ତେଣୁ ଏକ୍ଷେତ୍ରରେ ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଭିନ୍ନ ବାଦ ଓ ବିବାଦରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାର ଦକ୍ଷତା ଥିବା ଜଣେ ବ୍ୟକ୍ତିତ୍ୱ ଆମେରିକାର ରାଷ୍ଟ୍ରପତି ହେବା ଉଚିତ। ପରିସ୍ଥିତି ଏପରି ହୋଇଛି ଯେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଅହଂକାର ଯୋଗୁଁ କେବଳ ଆମେରିକା ବଦନାମ ହୋଇନି, ବିଶ୍ୱର ବାଣିଜ୍ୟ ବ୍ୟବସ୍ଥା ଓ ବଜାର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ନିଜ ଦେଶର ଆଭ୍ୟନ୍ତରୀଣ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ସେ କ୍ଷମତା ଜାହିର କରିବା ସକାଶେ ଗଣତାନ୍ତ୍ରିକ ବ୍ୟବସ୍ଥାର ମୌଳିକ ଅଧିକାରକୁ ମଧ୍ୟ ଖର୍ବ କରିଚାଲିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଆମେରିକାରେ ସର୍ବକାଳୀନ ସୁଦୀର୍ଘ ସଟଡାଉନ ଲାଗୁହୋଇଛି ଟ୍ରମ୍ପଙ୍କ ଶାସନ କାଳରେ। ଏହା ତାଙ୍କର ଅପରିପକ୍ୱତା ଓ ଅଦୂରଦୃଷ୍ଟିତାର ପରିଚାୟକ। ଏତେ ବଡ଼ ବିକ୍ଷୋଭ ସତ୍ତ୍ୱେ ସେ ଚିନ୍ତିତ ନୁହନ୍ତି। କାରଣ ୪ ବର୍ଷର କ୍ଷମତା ସଂକୁଚିତ ହୋଇଯିବାର ନାହିଁ। ପ୍ରତିବାଦ ଓ ବିକ୍ଷୋଭକାରୀଙ୍କୁ ପରିସ୍ଥିତିର ଗୁରୁତ୍ୱ ଦର୍ଶାଇ ଆଶ୍ୱାସନା ଦେବା ପରିବର୍ତ୍ତେ ସେ ଯେଉଁଳି ନିଜର ଅହଂକାର ପ୍ରଦର୍ଶନ କରି ସାମାଜିକ ଗଣମାଧ୍ୟମରେ ଭର୍ତ୍ସନା କରିବା ସହ ଏଆଇ ପ୍ରସ୍ତୁତ ଭିଡିଓ ମାଧ୍ୟମରେ ଆପତ୍ତିଜନକ ମନୋଭାବ ଦର୍ଶାଇଛନ୍ତି ତାହା ସମସ୍ତ ସୌଜନ୍ୟକୁ ଅତିକ୍ରମ କରିଛି।

ଏହି ତଥ୍ୟ ଉପସ୍ଥାପନ କଲାବେଳେ ଆମକୁ କହିବାକୁ ପଡୁଛି ଯେ ଏସିଆ ମହାଦେଶରେ ଏକାଧିକ ରାଷ୍ଟ୍ରରେ କ୍ଷମତା ବିରୋଧୀ ଜେନ-ଜେଡ ଆନ୍ଦୋଳନକୁ ଆମେରିକାର ଏହି ବିକ୍ଷୋଭ ବଳ ଯୋଗାଇଛି। କ୍ଷମତାସର୍ବସ୍ୱ ରାଜନୀତି ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଯେଉଁ ଦମନ ନୀତି ପ୍ରୟୋଗ କରୁଛି ତାହାର ଭୟଙ୍କର ପ୍ରତିକୂଳ ପରିସ୍ଥିତି ପ୍ରତି ଏବହୁଁ ସତର୍କ ହେବା ଉଚିତ। ଶ୍ରେଷ୍ଠ ଶାସନତନ୍ତ୍ର ଗଣତନ୍ତ୍ର ହୋଇଥିବା ବେଳେ ତାହା ପ୍ରତି କ୍ରମେ ଭରସା ତୁଟି ଯାଉଥିବା ପରିଦୃଷ୍ଟ ହେଉଛି। ●

# କଳିମଞ୍ଜି ସୀମାରେଖା

ପାକିସ୍ତାନର ଆଭ୍ୟନ୍ତରୀଣ ସ୍ଥିତି ଦିନକୁଦିନ ଅଶାନ୍ତ ହୋଇ ପଡୁଥିବା ବେଳେ ଆଫଗାନିସ୍ତାନରେ ଇସଲାମାବାଦର ସାମରିକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱର ବୃହତ ଶକ୍ତି ସୋଭିଏତ ରୁଷ ଓ ଆମେରିକା ବିରୋଧରେ ଶେଷପର୍ଯ୍ୟନ୍ତ ନିର୍ଣ୍ଣାୟକ ଲଢ଼େଇ କରି ଯେଉଁ ତାଲିବାନୀ ଆନ୍ଦୋଳନ ଆଫଗାନିସ୍ତାନରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବାକୁ ସମର୍ଥ ହୋଇଛି ସେ ଯେ ପାକିସ୍ତାନକୁ ବରଦାସ୍ତ କରିବ ଏକଥା ନୁହେଁ। ତେଣୁ ତୁରନ୍ତ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଇସଲାମାବାଦ ନେତୃତ୍ୱର ଆତୁରତା ଏହି ଅସ୍ଥାୟୀ ଶାନ୍ତି ଚୁକ୍ତିର ପଥ ପରିଷ୍କାର କରିଛି। ଅସଲରେ ଡୁରାଣ୍ଡ ଲାଇନ୍ ଆନ୍ତର୍ଜାତିକ ସୀମାରେଖାକୁ ନେଇ ଦୁଇରାଷ୍ଟ୍ର ମଧ୍ୟରେ ତୀବ୍ର ମତଭେଦ ରହିଛି। ଆଫଗାନିସ୍ତାନର ବିରୋଧ ଓ ପାକିସ୍ତାନର ସମର୍ଥନକୁ କେନ୍ଦ୍ରକରି ଯେଉଁ ଆତଙ୍କବଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି ତାହାର ପୃଷ୍ଠଭାଗରେ ଅଛି କାବୁଲର ନିରବ ସମର୍ଥନ। ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)ର ସକ୍ରିୟତାକୁ ନିୟନ୍ତ୍ରଣ କରିବାରେ ପାକ୍ ସେନାର ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏମାନଙ୍କ ପଛକୁ ରହିଛି ବିଏଲ୍ଓ ଓ ଫିତନା ଅଲ୍ ଖ୍ୱାରିଜ୍‌ର ଧମକପୂର୍ଣ୍ଣ କାର୍ଯ୍ୟକଳାପ। ଏକଥା ସତ ଯେ ଡୁରାଣ୍ଡ ଲାଇନ୍ ବିବାଦ ସଂଶୋଧନ ଏତେ ସହଜ ନୁହେଁ। କାରଣ ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ଏହି ବିବାଦର କଳିମଞ୍ଜିକୁ ନେଇ କେହି ସାଲିସ କରିବା ଅବସ୍ଥାରେ ନାହାନ୍ତି।

ନବେ ଦଶକର ଆରମ୍ଭରୁ ଆମେରିକାର ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ସହାୟତାରେ ପାକିସ୍ତାନରେ ତାଲିମପ୍ରାପ୍ତ ମୁଜାହିଦ୍ଦିନ ଓ ତାଲିବାନ ଗୋଷ୍ଠୀ ସମ୍ପ୍ରତି ଆଫଗାନିସ୍ତାନରେ ଶାସନଭାର ଗ୍ରହଣ କରିଥିବାରୁ ଏବେ ମଧ୍ୟ ଇସାଲାମାବାଦ ବିଶ୍ୱାସ କରେ କାବୁଲ ତାଙ୍କ ଅନୁଗତ କିଲ୍ଲା। ଏକ ଲଢୁଆ ଜାତି ନିଜର ଆତ୍ମସମ୍ମାନ ଓ ସାର୍ବଭୌମତାର ସୁରକ୍ଷା ସକାଶେ କିଛି ବି କରିପାରେ ଏକଥା ବୁଝିବାକୁ ପାକିସ୍ତାନକୁ ନିଶ୍ଚୟ ସମୟ ଲାଗିବ। ଏଥିମଧ୍ୟରେ ଆଫ୍‌ଗାନିସ୍ତନାର ତାଲିବାନ୍ ସରକାର ଇରାନ, ଚୀନ ଓ ଭାରତ ସହ ସୁସଂପର୍କ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଛି। ଚବାହାର ବନ୍ଦର ମଧ୍ୟରେ ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଆଗେଇ ଆସିଛି ଆଫଗାନିସ୍ତାନ। କ୍ରମେ ତାହାର ପାକିସ୍ତାନ ଉପରେ ନିର୍ଭରଶୀଳତା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଆଫ୍‌ଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ଓ ଭୂ-ରାଜନୈତିକ ସଂପର୍କରେ ପରିଲକ୍ଷିତ ଉନ୍ନତି ପାକିସ୍ତାନ ପାଇଁ ଅସହ୍ୟ ହୋଇପଡ଼ିଛି। କତାର, ସାଉଦୀଆରବ ଓ ତୁର୍କୀର ମଧ୍ୟସ୍ଥତାରେ ଯେଉଁ ଅସ୍ଥାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ତାହାର ଭବିଷ୍ୟତ ଯେ ଅନିଶ୍ଚିତ ଦୁଇଦେଶର ତୁଙ୍ଗ ନେତାଙ୍କ ବୟାନବାଜିରୁ ସ୍ପଷ୍ଟ ବାରି ହୋଇପଡୁଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଟ୍ରମ୍ପଙ୍କ ଇଙ୍ଗିତରେ ଶାନ୍ତି ରାଜିନାମାର ସମସ୍ତ ପ୍ରୟାସ ଗୋଟିକ ପରେ ଗୋଟିଏ ଭୁଶୁଡ଼ି ପଡୁଥିବାବେଳେ ଦୋହା ଚୁକ୍ତିର ପରିଣାମ ଯେ ଅନିଶ୍ଚିତ ଏହା ଏକ ପ୍ରକାର ଥୟ।

ଆଫଗାନିସ୍ତାନ ସରକାରର ଗୃହମନ୍ତ୍ରୀ କଡ଼ା ଚେତାବନୀ ଶୁଣାଇ କହିଛନ୍ତି ଯେ ଯଦି ପାକ୍ ସେନାକୁ ଧର୍ମୀୟ ଫତୱା ଦ୍ୱାରା ଆକ୍ରମଣ ଘୋଷଣା କରାଯିବ ତେବେ ବିଶ୍ୱର କୌଣସି ଶକ୍ତି ସେମାନଙ୍କୁ ରକ୍ଷା କରି ପାରିବନି। ଏଠାରେ ମନେ ରଖିବାକୁ ହେବ ଯେ ପରମାଣୁ ଶକ୍ତିର ପତିଆରା ଜାହିର କରି ଇସଲାମିକ୍ ରାଷ୍ଟ୍ରଙ୍କ ସମର୍ଥନ ଓ ସହଯୋଗ ହାସଲ ସକାଶେ ପାକ୍ ନେତୃତ୍ୱ ପକ୍ଷରୁ ହେଉଥିବା ଉଦ୍ୟମରୁ ସେଭଳି ସୁଫଳ ମିଳିବାର ସମ୍ଭାବନା ଊଣା। ସମୟର ଆବଶ୍ୟକତା ଦୃଷ୍ଟିରୁ ବନ୍ଧୁତାର ହାତ ବଢ଼ାଇଥିବା ବୃହତ୍ ଶକ୍ତି କେତେବେଳେ ହାତଛଡ଼ା କରିଦେବେ ସେଥିପ୍ରତି ଏବହୁଁ ସତର୍କ ରହିବା ଉଚିତ୍। ●

# ସମ୍ପାଦକୀୟ



ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ।
-ଜର୍ଜ ୱାଶିଂଟନ୍

# ବିପଦ ଓ ବିପଥରେ ଦ୍ୱିତୀୟ ଈଶ୍ୱର

**ଡକ୍ଟର ମାନସ ରଞ୍ଜନ ଶତପଥୀ**

ମାନବ ସେବା ହିଁ ମାଧବ ସେବା। ଏହି ବ୍ରତୀ ହେବାକୁ ଡାକ୍ତରମାନଙ୍କୁ 'ହିପୋକ୍ରାଟିକ ଶପଥ' କରାଇ ଡାକ୍ତରଖାନାରେ ଜନସେବା ପାଇଁ ଭାରତୀୟ ଭେଷଜ ପରିଷଦ ଅନୁମତି ପ୍ରଦାନ କରିଥାଏ। ବିପଦ ସମୟରେ ଜୀବନ ରକ୍ଷା କରି ଡାକ୍ତର 'ଦ୍ୱିତୀୟ ଭଗବାନ' ଆଖ୍ୟା ପାଇଛନ୍ତି। କିନ୍ତୁ ଏହି ଭଗବାନ ଆଜି କର୍ମକ୍ଷେତ୍ରରେ ବିପଦସଙ୍କୁଳ ଓ ଅସୁରକ୍ଷିତ। ୧୪୪ କୋଟି ଭାରତୀୟଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଓ ଡାକ୍ତର କମ ଥିବା ବେଳେ ରୋଗୀଙ୍କ ଅତ୍ୟଧିକ ଆଶା ଡାକ୍ତରଙ୍କ ନିମନ୍ତେ ଅସୁବିଧା ସୃଷ୍ଟି କରୁଛି। ପ୍ରତ୍ୟହ ନୂତନ ରୋଗର ଆବିର୍ଭାବ ଚିକିତ୍ସା କ୍ଷେତ୍ରକୁ ଜଟିଳ କରୁଥିବା ବେଳେ ଏହାର ନିୟନ୍ତ୍ରଣ ଡାକ୍ତର, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରି ଚାଲୁଛି। ଆଧୁନିକ ମନୁଷ୍ୟ ନିଜର ଜୀବନଶୈଳୀ ବିକୃତ କରିବାରେ ବ୍ୟସ୍ତ ରହିବା ଯୋଗୁଁ ଡାକ୍ତରଖାନାର ମଧ୍ୟ ପ୍ରାଧାନ୍ୟ ବଢ଼ିଚାଲିଛି। ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟ କ୍ଷେତ୍ର ଉଦ୍ୟୋଗ ମାନ୍ୟତା ପାଇଛି। ସରକାରୀ ହାସପାତାଳ ଗୁରୁତ୍ୱ ହ୍ରାସ ଘଟି ବେସରକାରୀ ଉଦ୍ୟୋଗୀଙ୍କ ସ୍ଥାପିତ ଚିକିତ୍ସାଳୟ ବିରାଟ ଆକାରରେ ମୁଣ୍ଡ ଟେକିବାରେ ଲାଗିଛି।

କୌଣସି ବ୍ୟବସ୍ଥାର ବ୍ୟବସାୟକରଣ ହେଲେ ଯେପରି ପ୍ରତିଯୋଗିତା ଓ ଅଣସମ୍ବେଦନତା ଦେଖାଯିବା କଥା ତାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିଦୃଶ୍ୟ ହେଉଛି। ଅନୁରୂପ ବ୍ୟବସ୍ଥାରେ ଅଧୁନା ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପାଇଁ ଆର୍ଥିକ ସ୍ୱଚ୍ଛଳତା କିମ୍ବା ପ୍ରଭାବଶାଳୀ ହେବା ନିହାତି ଆବଶ୍ୟକ ହୋଇପଡ଼ିଛି। ସାମ୍ପ୍ରତିକ ଚିକିତ୍ସାରେ ମାନବ ସେବା ପାଇଁ ଦଲାଲ ନିଯୁକ୍ତି ବଢ଼ି ଚାଲିଛି। କର୍ପୋରେଟ ଡାକ୍ତରଖାନାମାନଙ୍କରେ ବ୍ୟବସାୟ ବୃଦ୍ଧି ଦୃଷ୍ଟିରୁ ଆଶ୍ଚର୍ଯ୍ୟଜନକ ଭାବେ 'ମାର୍କେଟିଙ୍ଗ ଏଜେଣ୍ଟ'(ବ୍ୟବସାୟ ପ୍ରତିନିଧି) ନିଯୁକ୍ତ ଥିବା ବେଳେ ସରକାରୀ ଡାକ୍ତରଖାନାରେ କୁଜି ଦଲାଲ ଡାକ୍ତରୀ ଚିକିତ୍ସାକୁ ନିନ୍ଦିତ କରୁଛି। ବିଭିନ୍ନ ସମୟରେ ସରକାରୀ ଡାକ୍ତରଖାନାମାନଙ୍କରେ ଦଲାଲରାଜ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ। ମଳିମୁଣ୍ଡିଆ ସାଧାରଣ ଜନତାଙ୍କ ବ୍ୟତୀତ କୌଣସି ଭି.ଆଇ.ପି. କିମ୍ବା ସେମାନଙ୍କ ଜ୍ଞାତି ସରକାରୀ ଡାକ୍ତରଖାନା ଚିକିତ୍ସା ନିମନ୍ତେ ବିମୁଖପ୍ରାୟ। ସରକାରୀ ସ୍ୱାସ୍ଥ୍ୟ କାର୍ଡ ଅଥବା ସାଧାରଣ ଲୋକେ ନିଜ ପକେଟରୁ ସୁରକ୍ଷା ନିମନ୍ତେ ସ୍ୱାସ୍ଥ୍ୟ ବୀମା କରୁଥିବାରୁ ସବୁ ବର୍ଗର ଲୋକ ପ୍ରାୟ ଉତ୍ତମ ଚିକିତ୍ସା ଉଦ୍ଦେଶ୍ୟରେ କର୍ପୋରେଟ ହାସପାତାଳକୁ ପ୍ରଥମେ ପସନ୍ଦ କରନ୍ତି। ମୋଟାମୋଟି ଭାବେ ସରକାରୀ ଡାକ୍ତରଖାନା ଆଜି ଧନିକ ଶ୍ରେଣୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଓ ଅବହେଳିତ କହିଲେ ଅତ୍ୟୁକ୍ତି ହେବ ନାହିଁ।

ପରିବର୍ତ୍ତିତ ପରିସ୍ଥିତିରେ ସରକାରୀ ଡାକ୍ତରଖାନା ଚିତ୍ର ଆଜି ଭିନ୍ନ। ଏଠାରେ ସଫାସୁତୁରା ପରିବେଶ, ଚକଚକ ଚଟାଣ, ସମସ୍ତ ୱାର୍ଡ ଶୀତତାପ ନିୟନ୍ତ୍ରିତ ହେବା ସହିତ ମାଗଣା ଔଷଧ ଓ ରୋଗ ନିରୂପଣ ଯନ୍ତ୍ରପାତି ସୁବିଧା ଉପଲବ୍ଧ। ଆବଶ୍ୟକତା ଅନୁଯାୟୀ ଡାକ୍ତର ଅଭାବକୁ ଅସ୍ୱୀକାର କରା ଯାଇ ନ ପାରେ। ସମସ୍ତ ଡାକ୍ତର ଯେ ଉଚ୍ଚାଭିଳାଷୀ କହିବା ଠିକ ହେବ ନାହିଁ। କିନ୍ତୁ ସରକାରଙ୍କ ସୁନ୍ଦର ବେତନପ୍ରାପ୍ତ ଅଧିକାଂଶ ଡାକ୍ତରଙ୍କ ବ୍ୟବସାୟିକ ମନୋଭାବ ଆଜି ସେମାନଙ୍କୁ ଆଲୋଚନାର ଶରବ୍ୟ କରିଛି। ସମସ୍ତ ସୁବିଧା ସରକାର ଯୋଗାଇଥିଲେ ମଧ୍ୟ ସଲାସୁତୁରା ମାଧ୍ୟମରେ ଚିକିତ୍ସାଳୟରୁ ନ୍ୟସ୍ତସ୍ୱାର୍ଥ ଦୃଷ୍ଟିରୁ ବାହାର ପରୀକ୍ଷାଗାରକୁ ପଠାଇ ରୋଗୀକୁ ଅଯଥା ଖର୍ଚ୍ଚାନ୍ତ କରାଇ ଦଲାଲ ପୋଷଣ ନୀତି ଆଜି ସମସ୍ତଙ୍କୁ ଅଛପା ନାହିଁ। ବିଭିନ୍ନ ଔଷଧ କମ୍ପାନୀ ପ୍ରତିନିଧିମାନେ ବିଶେଷ ଭାବେ ରୋଗୀଙ୍କ ଚିକିତ୍ସାକୁ ଗୁଣାତ୍ମକ ଓ ଅର୍ଥନୈତିକ ଭାବେ ପ୍ରଭାବିତ କରୁଥିବା ଯୋଗୁଁ ସରକାରୀ ହାସପାତାଳରେ ସେମାନଙ୍କ ପ୍ରବେଶ ବାରଣ କରାଯାଇଛି। ବ୍ୟବସାୟଖୋର ମନୋବୃତ୍ତି ଯୋଗୁଁ ଶସ୍ତା ଔଷଧ ଉପଲବ୍ଧ ଥିବା ବେଳେ ଅତ୍ୟଧିକ ଦାମୀ ଔଷଧ ଲେଖିବା କେହି କେହି ଚିକିତ୍ସକ ବେଶୀ ପସନ୍ଦ କରନ୍ତି, ଯାହା ରୋଗୀଙ୍କ ପାଇଁ ଏକ ବିଡ଼ମ୍ବନା। ଅତ୍ୟନ୍ତ ଅବହେଳା ପ୍ରଦର୍ଶନ ହେତୁ ଚିକିତ୍ସାରେ ଲିପ୍ତ ଥିବା ଭଗବାନଙ୍କ ଉପରେ ଥିବା ଅତୁଟ ଭରସା ଲୋପ ପାଇବାରେ ଲାଗିଛି।

ମଦର ଟେରେସାଙ୍କ ୧୯୭୯ ମସିହା ନୋବେଲ ଶାନ୍ତି ପୁରସ୍କାର ପରେ ପ୍ରକୃତ ନିଷ୍ଠାପର ଜନସେବା କ'ଣ ଲୋକଲୋଚନକୁ ଆସିଥିଲା। ତେଣୁ ବେସରକାରୀ ସଂସ୍ଥାରେ ମିଳୁଥିବା ଚିକିତ୍ସାକୁ ସେବା ଆଖ୍ୟା ଦେଲେ ହୁଏତ ଏହାର ସଂଜ୍ଞା ବଦଳି ଯାଇପାରେ। 'ସେବା' ସାଧାରଣ ଭାବେ ସ୍ୱତଃପ୍ରବୃତ୍ତ ଏବଂ ନିଃଶୁଳ୍କ ହେବା ଉଚିତ, ଯାହା ଆଜି ମଧ୍ୟ ସରକାର କିମ୍ବା କୌଣସି ଦାତବ୍ୟ ଚିକିତ୍ସାଳୟ ଦ୍ୱାରା ସମ୍ଭବ ହୋଇଥାଏ। ସରକାରୀ ସଂସ୍ଥାରେ ନିଯୁକ୍ତିପ୍ରାପ୍ତ କିଛି ଚିକିତ୍ସକ କାମଚଳା ଚିକିତ୍ସା କରି ରୋଗୀଙ୍କୁ କ୍ଲିନିକ ମୁହାଁ କରିବା ଯୋଗୁଁ ରୋଗୀ କିମ୍ବା ସମ୍ପର୍କୀୟଙ୍କ ଅସନ୍ତୋଷ ବୃଦ୍ଧି ପାଏ। ଅପରପକ୍ଷେ ସରକାରୀ ଡାକ୍ତରଙ୍କ ସଂଖ୍ୟା ଜନସଂଖ୍ୟା ଅନୁପାତରେ ନଗଣ୍ୟ ହେବା ସହିତ ଜନତାଙ୍କର ଡାକ୍ତରଙ୍କଠାରୁ ଅତ୍ୟଧିକ ଆଶା ଅଧିକାଂଶ ସ୍ଥଳେ ଅସନ୍ତୋଷ ଓ ହିଂସା ଭିଆଇଥାଏ। ଏପରି ଅବସ୍ଥାରେ ଯଦି କୌଣସି ବଳବାନ ବା ପ୍ରଭାବଶାଳୀ ରୋଗୀ ଡାକ୍ତରଙ୍କ ଅସହଯୋଗ ଯୋଗୁଁ କ୍ଷତି ଭୋଗେ, ତାହାର ସିଧା ପ୍ରଭାବ ଡାକ୍ତର ଆକ୍ରମଣ ମାଧ୍ୟମରେ ଭୋଗିଥା'ନ୍ତି। ଆଜିକାଲି ଚିକିତ୍ସା ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିବା ଖବର ବରାବର ମିଳୁଥିବା ବେଳେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମାଡ଼ ଘଟଣା ଥମୁନାହିଁ। ଯଦିଓ ଆଇନରେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଯୋଗାଇବା ଓ ବର୍ବରତା ପ୍ରଦର୍ଶନ ସ୍ଥଳେ ଦଣ୍ଡ ବ୍ୟବସ୍ଥା ରହିଛି, କିନ୍ତୁ ଉତ୍ତ୍ୟକ୍ତ ଓ ଉଦ୍ଧତ ଜନତା ଏସବୁକୁ ଭ୍ରୂକ୍ଷେପ ନକରି ନିସ୍ଥୁକ ପିଟୁଥିବା ଦେଖାଯାଏ। ସାଧାରଣ ଜନତାଙ୍କ ଏତାଦୃଶ ଆଚରଣ ଯୋଗୁଁ କୌଣସି ଡାକ୍ତର ରିସ୍କ ନନେଇ ଭୁବନେଶ୍ୱର କିମ୍ବା କଟକ ଡାକ୍ତରଖାନାକୁ ରେଫର କରିବା ନିରାପଦ ମଣନ୍ତି। କର୍ପୋରେଟ କ୍ଷେତ୍ରରେ 'ବାଉଁସର' ନିଯୁକ୍ତ ହୋଇ ଡାକ୍ତରଙ୍କୁ ରୋଗୀଙ୍କ ରୋଷରୁ ରକ୍ଷା କରନ୍ତି, ଯାହା ସରକାରୀ କ୍ଷେତ୍ରରେ ଦୃଶ୍ୟ ହୁଏ ନାହିଁ।

ଓଡ଼ିଶାରେ ଥିବା ସରକାରୀ ମେଡିକାଲ କଲେଜରେ ପାଠ ପଢ଼ିଥିବା ପ୍ରତ୍ୟେକ ଡାକ୍ତରଙ୍କ ପାଇଁ ସରକାର ରିହାତିଯୁକ୍ତ ଶିକ୍ଷା ପ୍ରଦାନ କରୁଥିବା ବେଳେ ବେସରକାରୀମାନଙ୍କୁ ସରକାର ରିହାତି ମୂଲ୍ୟରେ ଜମି ଯୋଗାଇଛନ୍ତି। ଅତଏବ ସମସ୍ତ ଉଦୀୟମାନ ଡାକ୍ତରଙ୍କର ସରକାର ଓ ଓଡ଼ିଆ ଲୋକଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ବିଡ଼ମ୍ବନା ଯେ ଏହି ଡାକ୍ତରମାନେ ପାଠ ପଢ଼ି ସାରିବା ପରବର୍ତ୍ତୀ ସରକାରୀ ଚିକିତ୍ସା ସେବାକୁ କୁଠାରଘାତ କରି ଭୁବନେଶ୍ୱର କିମ୍ବା କଟକରେ ଭଲ ବ୍ୟବସାୟ କରୁଥିବା କର୍ପୋରେଟ ଡାକ୍ତରଖାନାରେ ନିୟୋଜିତ ହେବାକୁ ଅଧିକାଂଶ ପ୍ରାଧାନ୍ୟ ଦିଅନ୍ତି। ଅନୁରୂପ ଭାବେ 'ଆପେ ବଞ୍ଚିଲେ ବାପାର ନାଁ' ନ୍ୟାୟରେ ସମସ୍ତ ସ୍ୱାସ୍ଥ୍ୟ କ୍ଷେତ୍ର ଆଜି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ସାଧନରେ ବ୍ୟସ୍ତ। ପ୍ରତିଯୋଗିତାମୂଳକ ସମାଜରେ କେବଳ ରୋଗୀ ଆଜି ଆକ୍ରାନ୍ତ ଓ ହନ୍ତସନ୍ତ।

ଡାକ୍ତରଙ୍କ ଚିକିତ୍ସା ପ୍ରଣାଳୀ ଓ ସେବା ଅନ୍ୟ ଯେକୌଣସି ବୃତ୍ତିଠାରୁ ସ୍ୱତନ୍ତ୍ର। ସେମାନେ ଜୀବନ ରକ୍ଷାକାରୀ ହେତୁ ସମାଜରେ ଅଗ୍ରପୂଜ୍ୟ। ପୁରୁଣା ଦିନର ସେଭଳି ଯଦି କିଛି ଡାକ୍ତରଙ୍କୁ ସ୍ମରଣ କରାଯାଏ ତେବେ ଆଜି ମଧ୍ୟ ଡାକ୍ତର ତେଜେଶ୍ୱର ରାଓ, ଡାକ୍ତର ଟିଂଗା ରାଜୁ, ଡାକ୍ତର ଜେ. ପି. ଦାସ, ଡାକ୍ତର ରଘୁ ସାହୁ, ଡାକ୍ତର ଚଣ୍ଡୀ ଦାସ, ଇତ୍ୟାଦି ଲୋକମାନସରେ ସେମାନଙ୍କ ସେବା ମନୋଭାବ, ମହନୀୟତା ଯୋଗୁଁ ଜୀବିତ ଅଛନ୍ତି। ଆଜି ମଧ୍ୟ ସେଭଳି ଅନେକ ଡାକ୍ତର କଟକ ବଡ଼ ମେଡିକାଲଠାରୁ ଆରମ୍ଭ କରି ପୁରପଲ୍ଲୀରେ ଥିବା ଚିକିତ୍ସା କେନ୍ଦ୍ରରେ ଭଗବାନ ସ୍ୱରୂପ କାର୍ଯ୍ୟରତ। ବାପା, ଅଜାଙ୍କଠାରୁ ଶୁଣିବାକୁ ମିଳେ, ପୁରୁଣା ଡାକ୍ତରମାନେ ମାଗଣାରେ ଚିକିତ୍ସା କରୁଥିଲେ ଏବଂ କୌଣସି ପରୀକ୍ଷା ନିରୀକ୍ଷା ନକରି ମଧ୍ୟ ଅତି କମ ଔଷଧରେ ରୋଗ ନିରାକରଣ ଶକ୍ତିଧାରୀ ଥିଲେ। କିନ୍ତୁ ଅଧୁନା ଚିତ୍ର ଓଲଟା। ଭଗବାନଙ୍କ ଦର୍ଶନ ଫିସ୍, ବିଭିନ୍ନ ବାଂଛିତ ଓ ଅବାଂଛିତ ପରୀକ୍ଷା ସହିତ ଦାମୀ ଔଷଧ କିଣିବା ବେଳକୁ ରୋଗୀ ନାକେଦମ ହୋଇ ପଡ଼ିଥାଏ।

କହିବା ବାହୁଲ୍ୟ ଯେ ସାଧାରଣ ସମାଜରେ ମନୁଷ୍ୟ ମାନସିକତାରେ ଦ୍ରୁତ ଅବକ୍ଷୟ ପରିଲକ୍ଷିତ ହେଉଥିବା ବେଳେ 'ଦ୍ୱିତୀୟ ଭଗବାନ' ମଧ୍ୟ ଏପରି ସ୍ଖଳନରୁ ବାଦ ପଡ଼ି ନାହାନ୍ତି। ଭଗବାନ ତାଙ୍କର ପ୍ରତିନିଧି ସ୍ୱରୂପ ଡାକ୍ତରମାନଙ୍କୁ ଜନସମାଜର ମଙ୍ଗଳ ନିମନ୍ତେ ମର୍ତ୍ତ୍ୟଲୋକକୁ ପଠାଇବା କାରଣ ରୋଗବ୍ୟାଧି ବଢ଼ିଲେ ତାଙ୍କର ସୃଷ୍ଟିରେ ଅସନ୍ତୁଳନ, ବ୍ୟତିକ୍ରମ ଓ ବାଧାବିଘ୍ନ ସୃଷ୍ଟି ହେବା ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ଭଗବାନଙ୍କ ଚଳନ୍ତି ସ୍ୱରୂପ ପଥଭ୍ରଷ୍ଟ ଓ ଲକ୍ଷ୍ୟଭ୍ରଷ୍ଟ ହେଲେ ବୋଧେ ଈଶ୍ୱରଙ୍କ ସୃଷ୍ଟିର ଲକ୍ଷ୍ୟ ସାଧନ ହେବା ଅସମ୍ଭବ ହୋଇଉଠିବ। ତଥାପି ଚିକିତ୍ସା କଲାବେଳେ ଏବେ ମଧ୍ୟ ଡାକ୍ତରମାନଙ୍କୁ ଭଗବାନ ମାନିବାକୁ ସମସ୍ତେ ବାଧ୍ୟ। କାରଣ ସେମାନଙ୍କ ବିକଳ୍ପ ନାହିଁ। ତେଣୁ ଡାକ୍ତରମାନଙ୍କୁ ସମ୍ମାନ ଦେଇ ଉତ୍ତମ ପରିବେଶ ଜନତା ଯୋଗାଇଦେଲେ ନିଶ୍ଚୟ ନିରନ୍ତର ଓ ଗୁଣାତ୍ମକ ଚିକିତ୍ସା ଉପଲବ୍ଧ ହୋଇପାରିବ। ●

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ)
ନୟାଗଡ଼, ମୋ: ୯୪୩୭୪୭୯୦୪୫

# ଉଚ୍ଚାରଣ ନୁହେଁ, ଆଚରଣ ଜରୁରୀ

**କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ**

ପ୍ରଥିତଯଶା କର୍ମଯୋଗୀ ବରିଷ୍ଠ ବ୍ୟକ୍ତିତ୍ୱମାନେ କନିଷ୍ଠମାନଙ୍କ ପ୍ରକୃତ ଶିକ୍ଷା ବିକାଶ କରନ୍ତି। ତାଙ୍କ ସ୍ୱଚ୍ଛ ସ୍ୱାଭିମାନ ଉଚ୍ଚାରଣ ଓ ଆଚରଣର ସମନ୍ୱୟ ହିଁ ପ୍ରେରଣାପ୍ରଦ ହୋଇଥାଏ, ଯାହାଦ୍ୱାରା କନିଷ୍ଠମାନଙ୍କ ଚିନ୍ତାର ଗୁଣାତ୍ମକ ବିସ୍ତାରିତ ହୁଏ। ଉଦାହରଣ ସ୍ୱରୂପ, ଅଳସୁଆ କେବେ ଆତ୍ମନିର୍ଭରଶୀଳ ହୋଇପାରେ ନାହିଁ - ଏହା କହିବା ସହଜ; ମାତ୍ର ଉଦାହରଣ ସୃଷ୍ଟି କରିବା କଷ୍ଟକର। ବରିଷ୍ଠମାନେ ପରିଶ୍ରମକୁ ନିଜ ଜୀବନରେ ପ୍ରମାଣିତ କରିଥିଲେ ବା କରୁଥିଲେ ତାହା କନିଷ୍ଠମାନଙ୍କୁ ପ୍ରଭାବିତ କରିଥାଏ।

ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ, 'ମହତ ଜନର ଲାଗି ଅଙ୍ଗକାୟା, ପବିତ୍ର ହୁଅଇ କ୍ଷୁଦ୍ର ପ୍ରାଣୀ କାୟା / କ୍ଷଣମାତ୍ର ହେଲେ ସଜ୍ଜନ ସଙ୍ଗତି, ତୁଟେ ସିନା ସତେ ସଂସାର-ଦୁର୍ଗତି।' ଏହି ଦୃଷ୍ଟିରୁ ପାନ ଖାଉ ନଥିବା ବରିଷ୍ଠ ବ୍ୟକ୍ତି ପିଲାଙ୍କୁ ପାନ ଖାଅ ନାହିଁ କହିବା ବୃଥା ହୋଇ ନଥାଏ। ସରଳ ଜୀବନଚର୍ଯ୍ୟା ଏବଂ ଉଚ୍ଚ ଚିନ୍ତନର ଆଦର୍ଶ ମଣିଷ ଆଡ଼ମ୍ବରଶୂନ୍ୟ ପ୍ରଶସ୍ତ ମନର ପରପିଢ଼ି ସୃଷ୍ଟି କରିବା ଅସମ୍ଭବ ହୁଏ ନାହିଁ। କିନ୍ତୁ ଦୁର୍ନୀତିଯୁକ୍ତ ମଣିଷ ଦ୍ୱାରା କ'ଣ ଦୁର୍ନୀତିମୁକ୍ତ ସମାଜ ଗଢ଼ିବା ସମ୍ଭବ ହେବ? କେବେ ବି ନୁହେଁ। ଦୁର୍ନୀତିଯୁକ୍ତ ଅଧିକାରୀ ପ୍ରମୁଖ ଦୁର୍ନୀତିମୁକ୍ତ ସପ୍ତାହ ପାଳନ ବେଳେ ଲାଞ୍ଚ ନ ନେବାକୁ ଶପଥପାଠ କରାଇଲେ ଅଧସ୍ତନ କର୍ମଚାରୀମାନଙ୍କର ଏ ମନ୍ଦ ଅଭ୍ୟାସ କ'ଣ ବଦଳିବ? ସେମାନେ ତ ବରିଷ୍ଠଙ୍କ କଥାକୁ ନୁହେଁ, କାମକୁ ଅନୁସରଣ କରୁଛନ୍ତି! ସେହିପରି କ୍ରୋଧଯୁକ୍ତ ବ୍ୟକ୍ତି କ'ଣ କ୍ରୋଧହୀନ ହେବାକୁ ପରାମର୍ଶ ଦେଇ ବାସ୍ତବତା ସୃଷ୍ଟି କରିପାରିବ?

ଆମ ପାଖରେ ଯେଉଁ ଭଲ ଗୁଣ ନାହିଁ, ତା'କୁ ଉପଦେଶ ଦେଇ ଅନ୍ୟକୁ କହିଲେ କିଛି ଲାଭ ହୁଏ ନାହିଁ। କର୍କଶଭାଷୀ ମଣିଷ ସୌହାର୍ଦ୍ଦ୍ୟପୂର୍ଣ୍ଣ ମଧୁରଭାଷୀ ହେବାକୁ ପରାମର୍ଶ ଦେବ କିପରି? ନୀତିହୀନ ବ୍ୟକ୍ତି ପିଲାଙ୍କୁ ନୀତିବାନ୍ ହେବା ପାଇଁ ପରାମର୍ଶ ଦେବା ହାସ୍ୟାସ୍ପଦ ନୁହେଁ କି? ସଂଯମହୀନ ମଣିଷ ଅନ୍ୟକୁ ଆତ୍ମସଂଯମୀ ହେବା ପାଇଁ ଶିକ୍ଷାଦେବା ଫଳପ୍ରଦ ହେବ କି? ତେଣୁ ପିଲାଙ୍କ ମୌଳିକ ଅଭାବର ସହଭାଗିତା ଏବଂ ସେମାନଙ୍କ ସାମଗ୍ରିକ ବିକାଶର ଚିନ୍ତା କରୁଥିବା ବରିଷ୍ଠମାନେ ପ୍ରଥମେ ଆଦର୍ଶ ଉଦାହରଣ ହେବାକୁ ପଡ଼ିବ। ନିଜର ନିଆରା ସ୍ଥିତି ତିଆରିବାକୁ ହେବ।

ସର୍ବୋପରି ଅସତ୍ ଅନାଦର୍ଶ କର୍ମରେ ଲିପ୍ତ ରହିଥିବା ବ୍ୟକ୍ତି ସତ୍‌କର୍ମ ନ କରି ପ୍ରଶଂସକ ହୋଇ ଅନ୍ୟକୁ ସହଜରେ ଅନୁପ୍ରେରିତ କରିବ କିପରି? ତା'ର ପରାମର୍ଶ ଅନ୍ୟର ବ୍ୟକ୍ତିସତ୍ତାକୁ ଉଜ୍ଜ୍ୱଳ କରିବା ସମ୍ଭବ ହେବ ନାହିଁ। ନିଜ ସ୍ୱାଭିମାନର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରି ନ ଥିବା ବରିଷ୍ଠ ବ୍ୟକ୍ତି କନିଷ୍ଠମାନଙ୍କ ଆଦର୍ଶ ହେବ କିପରି? ଘରୋଇ ସ୍କୁଲରେ ଶିକ୍ଷକତା କରୁଥିବା କିମ୍ବା ନିଜ ପିଲାଙ୍କୁ ପାଠ ପାଉଥିବା ସରକାରୀ ଶିକ୍ଷକ ସ୍ୱଶିକ୍ଷାନୁଷ୍ଠାନର ସମୃଦ୍ଧି କରିବେ କିପରି? ଆଦୌ ସମ୍ଭବ ନୁହେଁ। ସେ କ'ଣ ସମାଜରେ ତାରକା ଶିକ୍ଷକ ରୂପେ ଗଣା ହେବେ? ବ୍ୟବସାୟୀକରଣ ଶିକ୍ଷାବ୍ୟବସ୍ଥା ବିରୋଧୀ ବିପ୍ଳବର ବହ୍ନି ଜାଳି ପାରିବେ କି? ସେହିପରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଅବସର ପରେ ଆଧ୍ୟାତ୍ମିକ ନୀତିବାଣୀ କବିତା ଲେଖିବା 'ବଗର ପଞ୍ଜୁକ ପାଳିବା' ପରି ଘଟଣା ନୁହେଁ କି? ଶିଶୁମାନଙ୍କ ପାଇଁ କବିତା ଲେଖି ଉପଦେଶ ଦେଉଥିବା କବି ଓଲଟା ଆଦର୍ଶର ମଣିଷ ହୋଇ ଜଣାଶୁଣା ପାଠକ ପାଖରେ 'ନୀଳବର୍ଣ୍ଣ ଶୃଗାଳ' ରୂପେ ପରିଚିତ ହେବା ସାର ହେବ ହିଁ ହେବ। ଯେତେ ବରିଷ୍ଠ ବ୍ୟକ୍ତି ହେଲେ ବି ଆଦର୍ଶହୀନ ମଣିଷ ଅନ୍ୟର ଚେତନାକୁ ବସ୍ତାରିତ କରି ପ୍ରକୃତ ଶିକ୍ଷା ଦେବାକୁ ସକ୍ଷମ ହେବେ ନାହିଁ।

ଅଧୁନା କଳୁଷିତ ରାଜନୀତି ଦଳମାନଙ୍କ ମାଗଣା ସଭ୍ୟତା ସୃଷ୍ଟିରେ ବିଜୁଳିଠାରୁ ଖାଦ୍ୟଶସ୍ୟ, ରନ୍ଧନ ଗ୍ୟାସ, ସ୍କୁଟର, ମଙ୍ଗଳସୂତ୍ର, ମୋବାଇଲ, ମଦ ଇତ୍ୟାଦି ମାଗଣାଦେବାକୁ ଇସ୍ତାହାରରେ ବା ବିଜ୍ଞାପନରେ ପ୍ରକାଶ ପାଉଥିବା ସମୟରେ ଯଦି ବରିଷ୍ଠମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ଜରାନିବାସ ଉଦ୍‌ଘାଟନ କରି ମାତା-ପିତା, ପ୍ରମାତା-ପ୍ରପିତାଙ୍କୁ ମାଗଣାରେ ରଖିବାରେ ପ୍ରତିଶ୍ରୁତି ଦେଇ ଅଧିକ ଭୋଟ ହାତେଇ ନେଇ ରାଜ୍ୟ ଶାସନ କରେ, ତେବେ ଭବିଷ୍ୟତରେ ବରିଷ୍ଠ ବ୍ୟକ୍ତିମାନଙ୍କର ଅବସ୍ଥା କ'ଣ ହେବ, କିଏ କହିବ?

ଏ ପରିସ୍ଥିତିରେ ପରିପକ୍ୱ ପ୍ରକୃତ ମଣିଷ ଜାତିର କୁଳପ୍ରଦୀପ ସାଜି ପରପିଢ଼ିର ଚେତନାକୁ ବିସ୍ତାରିତ କରି ପ୍ରକୃତ ଶିକ୍ଷା ପ୍ରଦାନ ପାଇଁ ଆଦର୍ଶ ଉଦାହରଣ ସାଜନ୍ତୁ ବରିଷ୍ଠ ବନ୍ଧୁବୃନ୍ଦ। ଶତ୍ରୁକୁ ଆଦର କରୁଥିବା ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭଲ ପାଉଥିବା ନିଷ୍କଳଙ୍କ ବ୍ୟକ୍ତି ସୃଷ୍ଟି କରନ୍ତୁ। ବିଶୁଦ୍ଧ ବରିଷ୍ଠ ବ୍ୟକ୍ତି ରୂପେ ଦୂରଦର୍ଶୀ, ବିବେକୀ, ବିଚାରବନ୍ତ ନୀତିବାନ୍ ମଣିଷ ଗଢ଼ନ୍ତୁ। ଏଥିରେ ସମାଜର ମଙ୍ଗଳ ହେବ। ଜୀବନ ଜଳିବାଟା ଅନ୍ତୁଡ଼ିରୁ ଆରମ୍ଭ ହୋଇ ମଶାଣିରେ ଶେଷ ହେବା ପୂର୍ବରୁ ସମୟୋଚିତ ମୂଲ୍ୟବୋଧ ଭିତ୍ତିକ ପ୍ରକୃତ ଶିକ୍ଷାର ଅଭାବ ବହୁଦର୍ଶୀ ବରେଣ୍ୟ ବରିଷ୍ଠମାନଙ୍କ ଦ୍ୱାରା ପୂରଣ ହୋଇ ପାରିବ। ●

(ସଂପାଦକ, 'ସ୍ୱୟଂପ୍ରଜ୍ଞା')
ଭଣ୍ଡାରିପୋଖରୀ(ଭଦ୍ରକ)
ମୋ: ୯୮୫୩୫୮୯୯୮୯

# ସନ୍ଦୀପନର ଦିବ୍ୟଶକ୍ତି: ସରଳା ଦେବୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ନିଷ୍କ୍ରିୟ, ନିଶ୍ଚେଷ୍ଟ, ପ୍ରସୁପ୍ତ ଅଚେତନ ମଣିଷ ସମାଜରେ ଚେତନାର ଅଗ୍ନିସ୍ଫୁଲିଙ୍ଗ ପ୍ରଜ୍ୱଳିତ କରିଦେବା ସକାଶେ ଅବର୍ଣ୍ଣନୀୟ ଶକ୍ତିମୟୀ ଦିବ୍ୟସତ୍ତାଙ୍କ ଧରାବତରଣ ଘଟିବା ଯେ ପୌରାଣିକ ବା କାଳ୍ପନିକ ନାଟକର ବିଷୟବସ୍ତୁ କେବଳ ନୁହେଁ- ଏହାର ପ୍ରୋଜ୍ୱଳ, ପ୍ରମାଣସିଦ୍ଧ ପବିତ୍ର ପ୍ରତୀକ ହେଉଛନ୍ତି ଉତ୍କଳ-ନନ୍ଦିନୀ ସରଳାଦେବୀ। ସାମ୍ପ୍ରତିକ ସ୍ଥାଣୁ, ଦୁର୍ବଳ, ଅଥର୍ବ, ସ୍ୱାର୍ଥସର୍ବସ୍ୱ ସମାଜ ସହଜରେ ବିଶ୍ୱାସ କରିପାରିବ ନାହିଁ ଯେ ସରଳା ଦେବୀଙ୍କ ପ୍ରତିଟି ମୁହୂର୍ତ୍ତ ଥିଲା କିପରି ସଂଘର୍ଷମୟ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ତ୍ୟାଗ କରିଥିଲେ ସମସ୍ତ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ। କାରାବରଣ କରିଥିଲେ ନିର୍ଭୟ ଚିତ୍ତରେ। ବିଶେଷତଃ ନାରୀସମାଜ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାର ଉତ୍ତପ୍ତ ଭାବ-ବୀଜ ବୁଣିଦେବାରେ ସେ ଯେଉଁ ଆନ୍ତରିକତା ଓ ଗଭୀର ନିଷ୍ଠା ପ୍ରଦର୍ଶନ କରିଦେଲେ ତାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷ ପାଇଁ ଥିଲା କ୍ରାନ୍ତିକାରୀ। ସେ କେବଳ ପ୍ରେରଣାଦାତ୍ରୀ ନଥିଲେ। ଥିଲେ ବାସ୍ତବିକ ଅର୍ଥରେ ପ୍ରେରଣା-ଧାତ୍ରୀ।

ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ସ୍ରଷ୍ଟାମାନଙ୍କ ସମ୍ମିଳିତ ପ୍ରଚେଷ୍ଟାରେ 'ବାସନ୍ତୀ' ଉପନ୍ୟାସ ରଚନା ସମ୍ପର୍କରେ ସମସ୍ତେ ଜାଣନ୍ତି। ସେଇ ସ୍ରଷ୍ଟାମାନଙ୍କ ମଧ୍ୟରେ ତାଙ୍କର ଯୋଗଦାନ ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। 'ବାସନ୍ତୀ' ଚରିତ୍ର ଚିତ୍ରଣ ବେଳେ ସେ ଭରି ଦେଇଛନ୍ତି ସେଥିରେ ସେହି ନାରୀ ସ୍ୱାଧୀନତାର ଅଭିମନ୍ତ୍ରିତ ବାକ୍ୟାବଳୀ। ଏପରି ମମତାମୟୀ ଓ ଶକ୍ତିମୟୀ ଚେତନା-ଚାଳିତ ଲେଖନୀ କି ଅନନ୍ୟ ରୀତିରେ ଉଦବୁଦ୍ଧ କରିଦେଇପାରେ ନାରୀ ଓ ପୁରୁଷ ସମାଜକୁ ତାହା ଯଦି ପୁଣିଥରେ ଅନୁଭବ କରିବା ପାଇଁ ଆଜିର ସମାଜରେ ନୂତନ ଆକାଂକ୍ଷା ଜାଗ୍ରତ ହୋଇଉଠନ୍ତା, ସରଳା ଦେବୀଙ୍କ ପୁନଃ ଆବିର୍ଭାବରେ ଆଲୋକିତ ହୋଇଯା'ନ୍ତା ଭୟାକ୍ରାନ୍ତ, ଅତ୍ୟାଚାର ନିପୀଡ଼ିତ ନାରୀ-ଚିତ୍ତରେ ଜମାଟ ବାନ୍ଧିଥିବା ଯୁଗ ଯୁଗର ଅନ୍ଧକାର। ପୁରୁଷ ଚରିତ୍ର ମଧ୍ୟ ପରିଷ୍କୃତ ହୋଇଉଠନ୍ତା ତାଙ୍କ ଶବ୍ଦ-ସ୍ପର୍ଶରେ।

'ଉତ୍କଳୀୟ ନାରୀ ସମସ୍ୟା', 'ନାରୀର ଦାବି', 'ଭାରତୀୟ ମହିଳା ପ୍ରସଙ୍ଗ', 'ବୀର ରମଣୀ', 'ବିଶ୍ୱବିପ୍ଳବିଣୀ' ପ୍ରଭୃତି ପୁସ୍ତକରେ ନିଜର ସ୍ୱାଧୀନ ଚିନ୍ତନ ଓ ମହାନ ନାରୀନେତ୍ରୀଙ୍କ ଉଦାହରଣ ସେ ଯେପରି ପ୍ରାଣବନ୍ତ ଭାଷାରେ ପ୍ରକାଶ କରିବାକୁ ଲାଗିଲେ, ତାହା ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ। ଯେଉଁ ପୁରୁଷପ୍ରଧାନ ସମାଜରେ ନାରୀର ସ୍ୱପ୍ନ, ସଦିଚ୍ଛା, ସ୍ୱାତନ୍ତ୍ର୍ୟ, ସ୍ୱାଭିମାନ ଭଲୁଣ୍ଠିତ ହୁଏ ଭୟଙ୍କର ଭାବରେ, ସେହି ସମାଜର କଠୋର ଓ ନିର୍ମମ ପୁରୁଷ ପ୍ରତି ଉଚ୍ଚାରଣ କରିଛନ୍ତି ସେ ଅଗ୍ନିବର୍ଷୀ ବାଣୀ। ତାଙ୍କ ଦ୍ୱାରା ରଚିତ ଲକ୍ଷ୍ମୀବାଈ, ପାନ୍ନାଦେବୀ, କୃଷ୍ଣକୁମାରୀ ପ୍ରମୁଖଙ୍କ ଉପରେ ରଚିତ ଲେଖା ଦିନେ ଉଚ୍ଚଇଂରାଜୀ ସ୍କୁଲରେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର ପ୍ରତିଭାଶାଳୀ ନାରୀମାନେ ସୁପ୍ରତିଷ୍ଠିତ ହୁଅନ୍ତୁ, ଏହି ଉଚ୍ଚାଭିଳାଷ ସେ ପାଠକ ପାଠିକାଙ୍କ ମଧ୍ୟରେ ଭରିଦେବାକୁ ଚାହିଁଛନ୍ତି। ସୋଭିଏତ ରୁଷିଆରେ ଜାର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ସୋଫିଆ ବାର୍ଦ୍ଦିନାଙ୍କ ଜୀବନୀ ଉପରେ ଆଲୋକପାତ କରିବା ବେଳେ ବାଙ୍କୀରାଣୀ ଶୁକଦେଇଙ୍କ ସାହସିକତାକୁ ସେ ବିସ୍ମରି ଯାଆନ୍ତେ କିପରି? ଓଡ଼ିଶାରେ ବାମାବାଦୀ ଚେତନାର ସେ ହିଁ ପ୍ରବର୍ତ୍ତିକା।

ଆଶ୍ଚର୍ଯ୍ୟ ଲାଗେ ଯେ, ଏପରି ସମୁଚ୍ଚ ଚେତନାର ନାରୀ ପ୍ରତିଭା ଆମ ସାହିତ୍ୟଜଗତରେ ସମୁଜ୍ଜ୍ୱଳ ନକ୍ଷତ୍ର ପରି ତେଜସ୍କ୍ରିୟ କିରଣ ବିକିରଣ କରୁଥିବା ବେଳେ ପାଶ୍ଚାତ୍ୟ ବାମାବାଦୀ ସାହିତ୍ୟ ତତ୍ତ୍ୱଭିତ୍ତିରେ ନାରୀକବି/ଲେଖିକାଙ୍କ ମୂଲ୍ୟାୟନ କରାଯାଏ ସାହିତ୍ୟ ସମୀକ୍ଷକମାନଙ୍କ ଦ୍ୱାରା। ସାହିତ୍ୟ ଛାତ୍ର/ଛାତ୍ରୀମାନଙ୍କ ଉପରେ ଲଦି ଦିଆଯାଏ ପାଶ୍ଚାତ୍ୟ ତତ୍ତ୍ୱ ଅଧ୍ୟୟନ। ନାରୀ ଓ ପୁରୁଷର ବୈବାହିକ ଜୀବନ ଯେ ପାରସ୍ପରିକ ସଦଭାବନା, ବୁଝାମଣା, ପରସ୍ପର ପାଇଁ କଷ୍ଟବରଣ, ସହଯୋଗ ଓ ସଦିଚ୍ଛା ବଳରେ ହୁଏ ରମଣୀୟ ଏହାକୁ ସେ ଯେପରି ଉପଲବ୍ଧି କରିପାରିଛନ୍ତି, ତାହା ପଶ୍ଚିମ ଦେଶଗୁଡ଼ିକରେ କେତେଦୂର ସମ୍ଭବ ହୋଇଛି? ଆମେ ପାଶ୍ଚାତ୍ୟ ନାରୀବାଦୀ ତତ୍ତ୍ୱ ଆଧାରରେ ସାହିତ୍ୟର ମୂଲ୍ୟାୟନ ନକରି ୟୁରୋପୀୟ ଦେଶରେ ଯେଉଁଦିନ ସରଳା ଦେବୀଙ୍କ ସରଳ ତତ୍ତ୍ୱ ହେବ ଅଧ୍ୟୟନ ଓ ଅନୁଶୀଳନର ବିଷୟ, ସେଇଦିନ ପ୍ରକୃତ ନାରୀବାଦ ଚିନ୍ତନରେ ଆସିବ ଆଧୁନିକତା ଓ ପରିପକ୍ୱତା। ସେପରି ପ୍ରେରଣା-ପ୍ରଦୀପ୍ତ ସମୟର ଆବାହକ ହୋଇପାରିବା କେବେ ଆମେ? ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଋଣ ପରିଶୋଧ ଖିଲାପୀରେ ଯୁଗ୍ମ ଆକାଉଣ୍ଟରୁ ଟଙ୍କା କାଟିବା ବେଆଇନ: ହାଇକୋର୍ଟ

କଟକ,୨୨।୧୦(ସମିସ): ପତ୍ନୀ କରିଥିବା ଋଣ ଅର୍ଥ ପରିଶୋଧ ନ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ରହିଥିବା ଯୁଗ୍ମ ବ୍ୟାଙ୍କ ଜମାଖାତାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସିଧାସଳଖ ଅର୍ଥ କାଟିନେବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଭରତଚନ୍ଦ୍ର ମଲ୍ଲିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ବିଶେଷକରି ଆବେଦନକାରୀଙ୍କ ପେନସନ ଅର୍ଥ ଏହି ଆକାଉଣ୍ଟରେ ଜମା ହେଉଥିବାରୁ ଏହା ପେନସନ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ସୁରକ୍ଷା ଏବଂ ଧାରା ୨୧ ଅନୁଯାୟୀ ଆବେଦନକାରୀଙ୍କ ଜୀବିକା ନିର୍ବାହର ମୌଳିକ ଅଧିକାରକୁ ଉଲ୍ଲଂଘନ କରିଛି ବୋଲି କହିଛନ୍ତି ହାଇକୋର୍ଟ। ଏହି ରାୟ ପ୍ରକାଶନ ତାରିଖରୁ ଚାରି ସପ୍ତାହ ମଧ୍ୟରେ କାଟି ନିଆଯାଇଥିବା ୫ ଲକ୍ଷ ଟଙ୍କା ଆବେଦନକାରୀଙ୍କ ଆକାଉଣ୍ଟରେ ଫେରାଇବାକୁ ବ୍ୟାଙ୍କକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ତାଙ୍କ ଆକାଉଣ୍ଟ ମୁକ୍ତ ଭାବରେ ପରିଚାଳନା କରିବାକୁ ଅନୁମତି ଦିଆଯିବ ଏବଂ ଆଇନଗତ ପ୍ରକ୍ରିୟା ପାଳନ ନ କରି ବ୍ୟାଙ୍କ ଭବିଷ୍ୟତରେ ତାଙ୍କ ପେନସନରୁ

**୫ ଲକ୍ଷ ଟଙ୍କା ଫେରସ୍ତ ନିର୍ଦ୍ଦେଶ**

କୌଣସି ପରିମାଣ ଆଦାୟ କରିବେ ନାହିଁ। ତେବେ ଏହି ରାୟ ଆବେଦନକାରୀଙ୍କର ରହିଥିବା ମୂଳ ଋଣ ଦାୟିତ୍ୱକୁ ସମାପ୍ତ କରିନାହିଁ। ଏଣୁ ବ୍ୟାଙ୍କ ଆଇନଗତ ଉପାୟରେ ବକେୟା ଦେୟ ଆଦାୟ କରିବାକୁ ସ୍ୱାଧୀନତା ରଖିଛି ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ। ତାଙ୍କ ପତ୍ନୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଏକ ପରିବହନ ଋଣ କରିଥିଲେ ଯେଉଁଥିରେ ସ୍ୱାମୀ ଗ୍ୟାରେଣ୍ଟର ରହିଥିଲେ। ପତ୍ନୀ ଋଣ ପରିଶୋଧରେ ଖିଲାପ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ଥିବା ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ ଆବେଦନକାରୀଙ୍କୁ ଅବଗତ ନକରି ୫ଲକ୍ଷ ଟଙ୍କା ବିନା ନୋଟିସରେ କାଟିନେଇଥିଲା। ଏହା ତାଙ୍କର ପେନସନ ଅର୍ଥ ହୋଇଥିବାରୁ ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ଜଣେ ବ୍ୟକ୍ତି ଋଣ ପରିଶୋଧରେ ଖିଲାପ କରିବାରୁ ଋଣୀ ନଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଥିବା ଏକ ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଜବତ କରିପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ବୋଲେରୋ ଉପରେ ଚଢ଼ିଗଲା ହାଇୱା

# ୨ ମୃତ, ୯ ଗୁରୁତର

ବୌଦ୍ଧ/କନ୍ଧମାଳ/ଶଗଡ଼ା, ୨୨।୧୦ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ଲୁଇସିଂ-କୁମେଲବନ୍ଧ ଘାଟି ରାସ୍ତାରେ ଏକ ପୋଲ ଉପରେ ବୁଧବାର ରାତିରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଉପରେ ଗୋଟିଏ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁଇ ମୃତକ ହେଲେ ସମ୍ବଲପୁର କୁଚିଣ୍ଡା ଅଞ୍ଚଳର ସୁକୁନି କିଶାନ ଓ କଳାବତୀ କିଶାନ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳର ୨ ଜଣ ପୁରୁଷ ଓ ୬ ଜଣ ମହିଳା ଶ୍ରମିକ ବୁଧବାର ବସ୍ ଯୋଗେ ଆସି କଣ୍ଟାମାଳରେ ଓହ୍ଲାଇଥିଲେ। ଏମାନଙ୍କୁ ନେବାକୁ ଜଣେ ଠିକାଦାର ବୋଲେରୋ ପଠାଇଥିଲେ। କଣ୍ଟାମାଳରୁ ଏହି ୮ ଜଣ ଶ୍ରମିକଙ୍କ ସହ ଆଉ ୨ ଜଣ ବୋଲେରୋରେ ଚଢ଼ିଥିଲେ। ଗାଡ଼ି ଚାଳକଙ୍କୁ ମିଶାଇ ମୋଟ ୧୧ ଜଣ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଆହତମାନଙ୍କୁ ସ୍ଥାନୀୟ ପୁଲିସ ଓ ଦମକଳ ବାହିନୀ ଉଦ୍ଧାର କରି ପ୍ରଥମେ କଣ୍ଟାମାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

■ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲା

# ସିବିଆଇ ତଦନ୍ତରେ ହସ୍ତକ୍ଷେପକୁ ଅଗ୍ରାହ୍ୟ କଲେ ହାଇକୋର୍ଟ

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଇଣ୍ଡିଆ ଲିମିଟେଡ ଲାଞ୍ଚ କାରବାର ମାମଲାରେ ସିବିଆଇ ପକ୍ଷରୁ କରାଯାଇଥିବା ଏତଲା ରଦ୍ଦ ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସିବିଆଇ ତଦନ୍ତ ଜାରି ରହିଥିବା ବେଳେ ଏହାର ଫଳାଫଳକୁ ଅପେକ୍ଷା ନକରି ଏଥିରେ ପ୍ରାକ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ଆଦିତ୍ୟ ଦେବ ଇନଫ୍ରାଟେକ ପ୍ରାଇଭେଟ ଲିମିଟେଡ ଓ ଏହାର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ମହାପାତ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀ ଚାହିଁଲେ ତଦନ୍ତ ସମାପ୍ତ ହେବା ଓ ଚାର୍ଜସିଟ ଦାଖଲ ପରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଲିମିଟେଡର ଗ୍ରୁପ ଜେନେରାଲ ମ୍ୟାନେଜର ଥିବା ଚଞ୍ଚଳ ମୁଖାର୍ଜୀଙ୍କୁ ବେଆଇନ କାର୍ଯ୍ୟାଦେଶ ପାଇଁ ୧୦ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ମାମଲାରେ ଶ୍ରୀ ମୁଖାର୍ଜୀଙ୍କ ସମେତ ଆବେଦନକାରୀ ଦେବଦତ୍ତ ଓ ଅନ୍ୟ ଜଣେ ସନ୍ତୋଷ ମହାରଣାଙ୍କୁ ସିବିଆଇ ଗିରଫ କରିଥିଲା। ସିବିଆଇର ଏତଲା ରଦ୍ଦ ପାଇଁ ଆବେଦନକାରୀ ଓ ତାଙ୍କ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ ପ୍ରସଙ୍ଗ

# ଜିଲ୍ଲା ପରିଷଦ ବୈଠକରେ କେହି ବି ଯୋଗଦେଲେନି

ବାରିପଦା, ୨୨।୧୦(ସମିସ): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମୟୂରଭଞ୍ଜ ଜିଲ୍ଲାପରିଷଦର ୯ମ ବୈଠକରେ ଜିଲ୍ଲାର ୨୬ ଜଣ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଯୋଗଦେଇ ନାହାନ୍ତି। ରାଜ୍ୟ ସରକାର ନିକଟରେ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ (୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ତଳକୁ ପ୍ରକଳ୍ପ କାର୍ଯ୍ୟରେ ଅନୁମୋଦନ ନ ରଖିବା) ନିଷ୍ପତ୍ତି ପରେ ଏହା ଥିଲା ଜିଲ୍ଲାପରିଷଦର ପ୍ରଥମ ବୈଠକ। ଏଣୁ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇ ଜିଲ୍ଲା ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ସଂଘର ଆହ୍ୱାନକ୍ରମେ କେହି ବି ବୈଠକରେ ଯୋଗ ଦେଇନାହାନ୍ତି ବୋଲି ସଭାନେତ୍ରୀ ତୁଳସୀ ସିକ୍ରା ହାଁସଦା ଓ ସମ୍ପାଦକ ସୁଧନ୍ୟା ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ ଉଦଳା ବ୍ଲକ ବ୍ୟତୀତ ୨୪ଟି ବ୍ଲକରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ତେବେ ଆଜିର ପ୍ରତିବାଦରେ ଉଦଳା ଓ ଠାକୁରମୁଣ୍ଡା ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ମଧ୍ୟ ବୈଠକରେ ଯୋଗ ନ ଦେବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି।

# ଲାପ୍‌ଟପ୍ ପାଇବାକୁ ଆବେଦନ ପାଇଁ ଖୋଲିଲା ପୋର୍ଟାଲ୍

ଭୁବନେଶ୍ୱର, ୨୨।୧୦(ସମିସ): ଲାପ୍‌ଟପ୍ ପାଇବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଆବେଦନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ଏକ ସୁଯୋଗ ଦିଆଯାଇଛି। ଏଥିପାଇଁ ଷ୍ଟେଟ୍ ସ୍କୋଲାର୍‌ସିପ୍ ପୋର୍ଟାଲ୍‌କୁ ପୁଣିଥରେ ଖୋଲାଯାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ନଭେମ୍ବର ୬ ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲା ରହିବ। କେବଳ ଉପଶାସ୍ତ୍ରୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.in ୱେବସାଇଟ୍‌ରେ ଆବେଦନ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ପଠାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେରଳ ହେଲିପ୍ୟାଡ୍‌ରେ...

ଭୂମିକୁ ଛୁଇଁବା ପରେ ଚକ କଙ୍କ୍ରିଟ୍‌ଭିତରେ ଫସି ରହିଥିଲା। ସେଠାର ଉପସ୍ଥିତ ପୁଲିସ ଓ ଅଗ୍ନିସମ କର୍ମଚାରୀମାନେ ଭାରତ ବାୟୁସେନାର ଏହି ଏମ୍ଆଇ-୧୭ ହେଲିକପ୍ଟରକୁ ଧକ୍କା ଦେଇ ଗାତରୁ ବାହର କରିଥିଲେ। ପାଗ ଖରାପ ଥିବାରୁ ଠିକ୍ ରୂପେ ହେଲିପ୍ୟାଡ ତିଆରି ହୋଇପାରି ନଥିଲା ବୋଲି କୁହାଯାଉଛି। ଏହି ଘଟଣା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ଯାଇ ସବରିମାଲା ମନ୍ଦିର ଦର୍ଶନ କରିଥିଲେ। ସେ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଭଗବାନ ଆୟପ୍ପାଙ୍କ ଦର୍ଶନ କରିଥିଲେ।। ପୂର୍ବରୁ ୧୯୭୦ରେ ଭିଭି ଗିରି ଏହି ମନ୍ଦିର ଆସି ଆୟପ୍ପାଙ୍କ ଦର୍ଶନ କରିଥିଲେ।

### 'ଲିଭ୍-ଇନ୍'ରେ ଥିବା...

ବୋଲି ପ୍ରାଥମିକ ଦଦନ୍ତରୁ ଜଣାପଡ଼ିଛି। ଝଗଡ଼ା ପରେ ରାକେଶ ଆତ୍ମହତ୍ୟା କରିଥିଲେ ଓ ପରେ ସୀମା ମଧ୍ୟ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି ଘଟଣାର ତଦନ୍ତ କରିବା ସହ ପୁଲିସ ଏକ ମାମଲା ରୁଜୁ କରିଛି ଓ ଦୁଇଜଣଙ୍କ ମୃତଦେହାକୁ ବ୍ୟବଚ୍ଛେଦ ପାଇଁ ପଠାଇଦିଆଯାଇଛି। ତଦନ୍ତ ପରେ ସବୁକିଛି ସ୍ୱଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ତଦନ୍ତ କରିବ...

ଆଇଟିଆଇ ଲିମିଟେଡ୍ ପରୀକ୍ଷା କରିବା ପାଇଁ ଟେଣ୍ଡର ପାଇଥିବା ବେଳେ ଏହି ସଂସ୍ଥା ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ପରୀକ୍ଷା ପରିଚାଳନା ପାଇଁ ଠିକା ଦେବା, ପୁଣି ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି କାମ ପାଇଁ ପଞ୍ଚସଫ୍ଟକୁ ସବ୍‌ଲେଟ୍ ଦେବା ଆଦି ପ୍ରସଙ୍ଗ ସାଧାରଣରେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। କାରଣ ବ୍ୟବସ୍ଥା ଅନୁଯାୟୀ ଆଇଟିଆଇ ଲିମିଟେଡ୍ ଠାରୁ ମାତ୍ର ଗୋଟିଏ ସଂସ୍ଥା ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ନେଇପାରିବ। ହେଲେ ଏହା ୩ ଟି ସଂସ୍ଥାରେ ପହଞ୍ଚିଥିବାରୁ ଟେଣ୍ଡର ସର୍ତ୍ତାବଳୀ ଓ ସରକାରୀ ନିୟମର ମଧ୍ୟ ଉଲ୍ଲଂଘନ ହୋଇଥିବା ପରିଲକ୍ଷିତ ହୋଇଛି। ଏସବୁ ପରିପ୍ରେକ୍ଷୀରେ ରାଜ୍ୟ ପୁଲିସର ତଦନ୍ତ ଦ୍ୱାରା ଖୁଲାସା ହୋଇପାରିବ ନାହିଁ ବୋଲି ଅଭିଯୋଗ ହୋଇ ଆସୁଥିଲା। ତେଣୁ ଏହି ମାମଲାକୁ କୌଣସି କେନ୍ଦ୍ରୀୟ ସଂସ୍ଥା ବା ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି ହୋଇ ଆସୁଥିଲା। ଏଣୁ ସିବିଆଇ ତଦନ୍ତ ପରେ ପଞ୍ଚସଫ୍ଟର ନିଯୁକ୍ତି ସମ୍ପର୍କରେ ଓପିଆର୍‌ବି ଅବଗତ ଥିଲା କି ନାହିଁ ତାହା ଏବେ ସ୍ପଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି।

ଏହି ଘଟଣାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଗାନ୍ଧୀମାର୍ଗ ସମେତ ଅନେକ ସ୍ଥାନରେ ଚାକିରି ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କାରଣ ପ୍ରାଥମିକ ଅଭିଯୋଗ ଅନୁଯାୟୀ ପୁଲିସ ଏସ୍ଆଇ ଚାକିରି ପାଇଁ ପ୍ରତି ଆଶାୟୀଙ୍କ ସହିତ ୨୫ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ପ୍ରଥମେ ୧୫ ଲକ୍ଷ ଟଙ୍କା ଦିଆଯିବା ସହ ଚାକିରି ମିଳିବା ପରେ ଆଉ ୧୦ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ଏବେ ସୁଦ୍ଧା ଟଙ୍କା ଦେଇଥିବା ଶତାଧିକ ଆଶାୟୀ ଗିରଫ ହୋଇ ସାରିଥିଲେ ମଧ୍ୟ ତଥାକଥିତ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ ହୋଇନାହିଁ। ଏହାସହିତ ଅନ୍ୟମାନଙ୍କ ସମ୍ପୃକ୍ତି ମଧ୍ୟ ଏହି ତଦନ୍ତ ପରେ ସ୍ୱଷ୍ଟ ହେବାର ସମ୍ଭାବନା ରହିଛି। ମୋଟ୍ ୯୩୩ ପଦରୁ ୩୦୦ ପଦବୀ ବିକ୍ରି ପାଇଁ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରେ ଜଣାପଡ଼ିଛି। ତେଣୁ ରାଜ୍ୟର ଏହି ହାଇପ୍ରୋଫାଇଲ୍ କେଲେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ କରିବା ଦ୍ୱାରା ଅନେକ ବଡ଼ମୁଣ୍ଡଙ୍କ ସମ୍ପୃକ୍ତି ସାମନାକୁ ଆସିବାର ସମ୍ଭାବନା ସୃଷ୍ଟି ହୋଇଛି।

### ଶଙ୍କର ଓ ପତ୍ନୀଙ୍କ...

ଅଛନ୍ତି। ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ତରଫରୁ ଶଙ୍କର ବିରୋଧରେ ଲୁକଆଉଟ ସର୍କୁଲାର ଜାରି କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ଶଙ୍କରକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଟିମ ଚଢଉ ଜାରି ରଖିଥିବା ଜଣାପଡିଛି।

### ୨୨ଦିନ ହେଲା...

ସଚିବ କ୍ରିସ୍ ରାଇଟ୍ କହିଛନ୍ତି ଯେ ଏହା ପୂର୍ବରୁ କେବେ ଘଟିନାହିଁ ଏବଂ ଏହଭଳି ପରିସ୍ଥିତି ପରମାଣୁ ଅସ୍ତ୍ରଶସ୍ତ୍ରର ସୁରକ୍ଷାକୁ ପ୍ରଭାବିତ କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୦ରେ ଆମେରିକା ସଂସଦର ଉଚ୍ଚ ସଦନ ସିନେଟ୍ ପାଣ୍ଠି ବିଲ୍ ଉପରେ ୧୧ ଥର ପାଇଁ ଭୋଟ୍ ହୋଇଥିଲା, କିନ୍ତୁ ସେଥିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବକୁ ପୁଣି ଥରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଆମେରିକାର ଆର୍ଥିକବର୍ଷ ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥାଏ। ଏହି ସମୟ ମଧ୍ୟରେ, ସରକାର ନିର୍ଣ୍ଣୟ କରନ୍ତି ଯେ ସେନା, ସ୍ୱାସ୍ଥ୍ୟସେବା କିମ୍ବା ଶିକ୍ଷା ଭଳି କେଉଁଠାରେ ନିବେଶ କରିବେ। ଯଦି ଏହି ତାରିଖ ସୁଦ୍ଧା ନୂତନ ବଜେଟ୍ ପାସ୍ ନ ହୁଏ, ତେବେ ସରକାରୀ କାର୍ଯ୍ୟ ବନ୍ଦ ହୋଇଯାଏ। ଏହାକୁ ସଟ୍‌ଡାଉନ୍ କୁହାଯାଏ। ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଏବଂ ରିପବ୍ଲିକାନ ମଧ୍ୟରେ ଓବାମା ସ୍ୱାସ୍ଥ୍ୟସେବା ସବ୍ସିଡି କାର୍ଯ୍ୟକ୍ରମକୁ ନେଇ ମତଭେଦରେ ରହିଛି। ଡେମୋକ୍ରାଟ୍ ସଦସ୍ୟମାନେ ସ୍ୱାସ୍ଥ୍ୟସେବା ସ୍ୱବ୍ସିଡି ବୃଦ୍ଧି କରିବାକୁ ଚାହୁଁଥିଲେ। ରିପବ୍ଲିକାନମାନେ ଭୟ କରୁଛନ୍ତି ଯେ ସବ୍ସିଡି ବୃଦ୍ଧି କରିବା ଦ୍ୱାରା ଅଧିକ ସରକାରୀ ଖର୍ଚ୍ଚ ଆବଶ୍ୟକ ହେବ, ଯାହା ଅନ୍ୟାନ୍ୟ ସରକାରୀ କାର୍ଯ୍ୟକୁ ପ୍ରଭାବିତ କରିବ। ଆମେରିକା ସଟ୍‌ଡାଉନ୍‌ର ପ୍ରଭାବ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଉପରେ ସବୁଠାରୁ ଅଧିକ ପଡୁଛି। ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥିବା ସଟ୍ ଡାଉନ୍ ସତ୍ତ୍ୱେ ଟ୍ରାଫିକ୍ କଣ୍ଟ୍ରୋଲର କର୍ମଚାରୀମାନେ ସେମାନଙ୍କ କାମ ଜାରି ରଖିଛନ୍ତି। ଦରମା ବନ୍ଦ ହେବା ଯୋଗୁଁ ହଜାର ହଜାର କର୍ମଚାରୀ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ପରିସ୍ଥିତି ଏତେ ଭୟଙ୍କର ଯେ କଣ୍ଟ୍ରୋଲର କାର୍ଯ୍ୟାଳୟର ଅନେକ କର୍ମଚାରୀ ସେମାନଙ୍କର ନିୟମିତ ସିଫ୍ଟ ପରେ ଦ୍ୱିତୀୟ ଚାକିରି କରିବାକୁ ବାଧ ହେଉଛନ୍ତି। ସେମାନେ ଉବେର ଚଳାଉଛନ୍ତି, ଫୁଡ୍ ଡେଲିଭରୀ କରୁଛନ୍ତି କିମ୍ବା ରେସ୍ତୋରାଁରେ କାମ କରି ଜୀବିକା ନିର୍ବାହ କରୁଛନ୍ତି। ଏପରିକି କେବଳ ରବିବାର ୬୮୦୦ରୁ ଅଧିକ ବିମାନ ବିଳମ୍ବ ହୋଇଥିଲା ଏବଂ ୧୧୬ଟିର ବାତିଲ ହୋଇଥିଲା। ଏଥିରେ ୨୩ ହଜାର ବିମାନର ଉଡ଼ାଣ ବିଳମ୍ବ କେବଳ କର୍ମଚାରୀ ଅଭାବ ଯୋଗୁଁ ହୋଇଥିଲା।

### ବନ୍ଧାହେଲେ ଇନ୍ସପେକ୍ଟର...

ବଦଳି ହୋଇ ଆସିଥିଲେ। ଏଠାକୁ ଆସିବା ପରେ ମଧ୍ୟ ତୋଷବନ୍ତ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ନିକଟରେ ତୋଷବନ୍ତ ସବ୍ ଇନ୍ସପେକ୍ଟର (ସଶସ୍ତ୍ର)ରୁ ଇନ୍ସପେକ୍ଟର (ସଶସ୍ତ୍ର)କୁ ପଦୋନ୍ନତି ପାଇଥିବା ବେଳେ କଳାହାଣ୍ଡି ସ୍ଥିତ ନବମ ଭାରତୀୟ ସଂରକ୍ଷିତ ବାହିନୀ (ସ୍ୱତନ୍ତ୍ର)କୁ ବଦଳି ହୋଇଥିଲା। ଦୀର୍ଘ ୮ ବର୍ଷ ଧରି ପ୍ରେମ ସମ୍ପର୍କ ଚାଲିଥିବା ବେଳେ ମହିଳା ସବ୍ ଇନ୍ସପେକ୍ଟର ଜଣକ ବାରମ୍ବାର ବିବାହ କରିବାକୁ ଦାବି କରି ଆସୁଥିଲେ। ହେଲେ ନିକଟରେ ତୋଷବନ୍ତଙ୍କ ପତ୍ନୀ ସ୍ୱାମୀର ଏଭଳି କାରନାମା ବିଷୟରେ ଜାଣିବାକୁ ପାଇଥିଲେ।

ଆଉ ପ୍ରେମିକ ବିବାହିତ ବୋଲି ଜାଣିବା ପରେ ମହିଳା ସବ୍ ଇନ୍ସପେକ୍ଟରଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଇନ୍ସପେକ୍ଟରଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ମହିଳା ସବ୍ ଇନ୍ସପେକ୍ଟର ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ମହିଳା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ତୋଷବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଅଗ୍ନିକାଣ୍ଡରେ ୧ ନମ୍ବର...

ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କୌଣସି କାରଣ ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ମହାଜନ ସଂଘର ମିଟିଂ ଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଏନେଇ ହୃଷୀକେଶ ଓଝା କହିଛନ୍ତି ଯେ, ମାର୍କେଟରେ ହେଉଥିବା କିଛି ବେନିୟମ କାର୍ଯ୍ୟକୁ ସେ ବିରୋଧ କରୁଥିଲେ। ଯେଉଁଥି ପାଇଁ ତାଙ୍କର ବିରୋଧୀ ଗୋଷ୍ଠୀ ଜାଣିଶୁଣି ନିଆଁ ଲଗାଇ ଦେଇଥିବା ସେ କହିଛନ୍ତି।

### ୧୨ ଗିରଫ; ୨ ମୁଖ୍ୟ...

ରାଉତ(୨୫), ମଳୟ କୁମାର ବିଶୋୟୀ (୫୮), ମଦନ ମୋହନ ଦଳେଇ(୫୦), ଶିବଶଙ୍କର ଦାଶ (୪୯), ନୟାଗଡ଼ ଜିଲ୍ଲା ଚାନ୍ଦପୁରର ରାଜେନ୍ଦ୍ର କୁମାର ସାହୁ(୨୩), ପୁରୀ ହରଚଣ୍ଡୀ ସାହିର କାଳୁଚରଣ ଭୂୟାଁ(୩୯) ଏବଂ ବିକ୍ରମ କୁମାର ପଣ୍ଡା ଅନ୍ତର୍ଭୁକ୍ତ। ସମସ୍ତଙ୍କ ବିରୁଦ୍ଧରେ ୧୦୩(୧)/୬୧(୨)(କ)/୩(୫) ଭାରତୀୟ ନ୍ୟାୟସଂହିତା-୨୦୨୩ର ଧାରା ୨୫(୧) (କ)/୨୫(୬)/୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି। ସମସ୍ତଙ୍କ ବିରୁଦ୍ଧରେ ୧୦୩(୧)/୬୧(୨)(କ)/୩(୫) ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୫(୧) (କ)/୨୫(୬)/୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି।

ହତ୍ୟାକାଣ୍ଡର କାରଣ ସଂପର୍କରେ ଗଣମାଧ୍ୟମକୁ ସୂଚନା ନେଇ ଜିଲ୍ଲା ଏସ୍‌ପି କହିଛନ୍ତି ଯେ ଅକ୍ଟୋବର ୬ ରାତି ପ୍ରାୟ ୧୦ଟାରେ ପୀତବାସଙ୍କୁ ୨ ଅଜଣା ଆତତାୟୀ ବୈକୁଣ୍ଠନଗର ଠାରେ ଗୁଳି କରିଥିଲେ। ୬ଟି ସ୍ୱତନ୍ତ୍ର ପୁଲିସ ଟିମ ଜରିଆରେ ଘଟଣାର ତଦନ୍ତ କରାଯାଇଥିଲା। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ୪ଜଣ ଯୁବକ ଶିଶୁପାଳ କୁମାର ପାଶୱାନ(୨୫), କୁନ୍ଦନ କୁମାର(୨୨), ହିଞ୍ଜିଳି ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ବିପିନ ସ୍ୱାଇଁ(୩୫) ଓ ବାଦଗଡ଼ର ସୀମାଞ୍ଚଳ ନାୟକ(୩୦) ପୀତବାସ ପଣ୍ଡାଙ୍କ ଗତିବିଧି ଉପରେ ନଜର ରଖି ରେକି କରିଥିଲେ। ଉମା ଶଙ୍କର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଯୋଗୀ ରାଉତ ଉପରୋକ୍ତ ୪ ଯୁବକଙ୍କୁ ଆଣିଥିଲେ। ସେମାନେ ସମସ୍ତେ କର୍ପୋରେଟର ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଅଳକାପୁରୀ ଠାରେ ଶୂନ୍ୟ ଦାସଙ୍କ ଘରେ ଭଡ଼ାରେ ରହିଥିଲେ। ଉପରୋକ୍ତ ୪ଜଣ ଯୁବକଙ୍କର ହସ୍ପିଟାଲରେ କିଛି କାମ ଥିବା ଦର୍ଶାଇ ମଳୟ ବିଶୋୟୀ ଶୂନ୍ୟ ଦାସଙ୍କୁ ତାଙ୍କ ଘରେ କିଛିଦିନ ଆଶ୍ରୟ ଦେବାକୁ ଅନୁରୋଧ କରିଥିଲେ। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ସେମାନେ ସେଠାରେ ରହିବା ବେଳେ ଉମା ଓ ଯୋଗୀ ସେମାନଙ୍କୁ ସାକ୍ଷାତ କରିଥିଲେ। ରହିବା ପାଇଁ ଘର ସମେତ ଖାଦ୍ୟ, ବସ୍ତ୍ର ଓ ବୁଲିବାକୁ ବାଇକ୍ ଯୋଗାଇ ଦେଇଥିଲେ। ୧୨ ତାରିଖରେ ଯୋଗୀ ସହିତ ଅନ୍ୟ ୪ଜଣ ରେକି କରିବା ସହିତ ପୀତବାସଙ୍କ ଚାମ୍ବର ଓ ସେ ନିୟମିତ ଯାତାୟାତ କରୁଥିବା ରାସ୍ତା ସହିତ ପୀତବାସଙ୍କୁ ମଧ୍ୟ ଯୋଗୀ ଚିହ୍ନାଇଥିଲେ। ଉମା ବିଶୋୟୀ ଦୁଇଟି ବନ୍ଧୁକ ସହିତ ପୀତବାସଙ୍କୁ ହତ୍ୟା ପାଇଁ ୧୦ଲକ୍ଷ ଟଙ୍କା ଦେଇଥିଲେ। ୧୪ ତାରିଖରେ ପୀତବାସଙ୍କୁ ହତ୍ୟା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଶିଶୁପାଳ କୁମାର ପାଶୱାନର ଗର୍ଭବତୀ ସ୍ତ୍ରୀଙ୍କର ଦେହ ଖରାପ ହେବାରୁ ବିହାରୀ ଯୁବକମାନେ କାମ ନ କରି ବିହାର ଫେରିଯାଇଥିଲେ। ପରେ ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଉମା ବିଶୋୟୀ ଓ ଯୋଗୀ ରାଉତ ପୁନଃ ଯୋଜନା କରି ନିଜ ଗ୍ରାମ ବନ୍ଧପଲ୍ଲୀର ୨ଜଣ ଯୁବକ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ହତ୍ୟାକାଣ୍ଡ ଘଟାଇବା ପାଇଁ ରାଜି କରାଇଥିଲେ। କୁରୁପତି ବନ୍ଧପଲ୍ଲୀରୁ ଓ ବସ୍ ଯୋଗେ ଚିଣ୍ଟୁ ବେଙ୍ଗାଲୁରୁରୁ ବ୍ରହ୍ମପୁର ଆସିଥିଲେ। ଯୋଗୀ ରାଉତ ଓ ଉମା ବିଶୋୟୀଙ୍କ ଜରିଆରେ ପ୍ରଶାନ୍ତ ଆଣ୍ଡ କୋ ନାମକ ଏକ ବ୍ୟାଚଲର୍ ରୁମରେ ସେପ୍ଟେମ୍ବର ୨୯ରୁ ରହିଥିଲେ। ପୁଣି ଯୋଗୀ ସହିତ କୁରୁପତି ଓ ଚିଣ୍ଟୁ ପୀତବାସଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଘଟଣା ଦିନ ଅର୍ଥାତ୍ ଅକ୍ଟୋବର ୬ରେ ଯୋଗୀ ଉଭୟ କୁରୁପତି ଓ ଚିଣ୍ଟୁଙ୍କୁ ଅଳକାପୁରୀ ନେଇ ସେଠାରେ ସେମାନଙ୍କୁ ଫେକ୍ ନମ୍ବର ବିଶିଷ୍ଟ ଏକ ବାଇକ୍, ନୂଆ ସାର୍ଟ ପ୍ୟାଣ୍ଟ ସହିତ ଦୁଇଟି ବନ୍ଧୁକ ଯୋଗାଇଥିଲେ। ଚିଣ୍ଟୁ ବାଇକ୍ ଚଲାଇଥିବା ବେଳେ କୁରୁପତି ପଛରେ ବସିଥିଲା ଏବଂ ବୈକୁଣ୍ଠନଗର ଛକରେ ପୀତବାସଙ୍କ ଆସିବାକୁ ଅପେକ୍ଷା କରିଥିଲେ। ପୀତବାସ ସେଠାରେ ପହଁଞ୍ଚିବା କ୍ଷଣି କୁରୁପତି ଗାଡ଼ିରୁ ଓହ୍ଲାଇ ପୀତବାସଙ୍କୁ ନମସ୍କାର କହି ଅଟକାଇ ଅବିଳମ୍ବେ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଭିଆଇବା ପରେ ସେମାନେ ଲୋଚାପଡ଼ା ଦେଇ ଶୀତଳାପଲ୍ଲୀ ଗ୍ରାମ ନିକଟରେ ପହଁଞ୍ଚିଥିଲେ। ସେଠାରେ ନିଜର ବସ୍ତ୍ର ବଦଳାଇବା ସହିତ ବନ୍ଧୁକକୁ ମାଟି ତଳେ ଲୁଚାଇ ଦେଇଥିଲେ। ତଦନ୍ତ ବେଳେ ସମସ୍ତ ସାମଗ୍ରୀକୁ ପୁଲିସ ଜବତ କରିଛି। ସେହିଭଳି ତଦନ୍ତ ଓ ଅପରାଧୀଙ୍କୁ ଜେରା ସମୟରେ ଗୁଳିକାଣ୍ଡ ଘଟଣାରେ ମଳୟ ବିଶୋୟୀ, ମଦନ ଦଳେଇ, ଉମା ବିଶୋୟୀ ଓ ପିଣ୍ଟୁ ଦାଶଙ୍କର ସିଧାସଳଖ ସମ୍ପୃକ୍ତି ଥିବା ଜଣାପଡିଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ସେମାନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପରୁ ଏହା ସ୍ପଷ୍ଟ ହୋଇଥିବା ପୁଲିସ କହିଛି। ଗୁଳିକାଣ୍ଡ ପରେ କୁରୁପତି ଓ ଚିଣ୍ଟୁ ବାଇକ୍ ଯୋଗେ ୧୬ନଂ. ଜାତୀୟ ରାଜପଥକୁ ଯାଇ ଚାନ୍ଦପୁର ଛକରେ ଥିବା ଏକ ଚା' ଦୋକାନ ନିକଟରେ ବାଇକ୍‌କୁ ଛାଡ଼ି ବସ୍‌ରେ ଭୁବନେଶ୍ୱର ଚାଲି ଯାଇଥିଲେ। ଉଭୟେ ସେଠାରୁ ପୁରୀ ଯାଇ ଏକ ଲଜ୍‌ରେ ରହିଥିଲେ। ପୁରୀରୁ କୁରୁପତି ଜୟପୁର ଯାଇ ସେଠାରେ ସୁନୀଲ ହୋତା ନାମକ ଜଣେ ବ୍ୟକ୍ତିଙ୍କ ଫାର୍ମ ହାଉସରେ ଉଭୟ ଉମା ଓ କୁରୁପତି ଆଶ୍ରୟ ନେଇଥିଲେ। ଉଭୟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଜାଣି ସୁଦ୍ଧା ସୁନୀଲ ସେମାନଙ୍କୁ ୪ଦିନ ପର୍ଯ୍ୟନ୍ତ ଆଶ୍ରୟ ଦେଇଥିଲେ। କୁରୁପତି ଓ ଉମାଙ୍କ ରହଣୀ ମଧ୍ୟରେ ମଳୟ ବିଶୋୟୀ ଓ ମଦନ ଦଳେଇ ବାରମ୍ବାର ସୁନୀଲଙ୍କ ସହିତ କଥା ହୋଇ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ସୁନୀଲ ହୋତା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଛାତ୍ର ଜୀବନରୁ ଜଣେ ବନ୍ଧୁ। ବିକ୍ରମ ଓ ପିଣ୍ଟୁ ସେମାନଙ୍କର ରାଜନୈତିକ, ଆର୍ଥିକ ଓ ବ୍ୟକ୍ତିଗତ କ୍ଷତିକୁ ନେଇ ପୀତବାସଙ୍କୁ କୁଆଡେ ଟାର୍ଗେଟ କରିଥିଲେ ଏବଂ ପୀତବାସଙ୍କୁ ରାସ୍ତାରୁ ହଟାଇଦବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଏସ୍‌ପି କହିଛନ୍ତି।

ସେହିପରି ପୂର୍ବତନ ମେୟର ପିଣ୍ଟୁଙ୍କର ପୀତବାସ ପଣ୍ଡାଙ୍କ ସହିତ ବ୍ୟକ୍ତିଗତ ଶତ୍ରୁତା ଥିଲା। ପିଣ୍ଟୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାର ୧୩ଜଣ ଅଭିଯୁକ୍ତଙ୍କ ପାଇଁ ପୀତବାସ ମାମଲା ଲଢୁଥିଲେ। ସେଥିମଧ୍ୟରୁ ଅନ୍ୟତମ ଅଭିଯୁକ୍ତ ମୌଜ ମିଶ୍ର ଫେରାର ହୋଇ ପିଣ୍ଟୁଙ୍କ ଉପରକୁ ଗୁଳି ଓ ବୋମାମାଡ଼ କରିଥିଲା। ଏଥିରେ ପୀତବାସଙ୍କ ହାତ ଥିବା ପିଣ୍ଟୁ ଅଭିଯୋଗ କରିଥିଲେ। ଏପରିକି ପୀତବାସଙ୍କ ଯୋଗୁଁ ଗତ ସାଧାରଣ ନିର୍ବାଚନରେ ପିଣ୍ଟୁଙ୍କୁ ବିଜେପିରୁ ଟିକଟ ମିଳିପାରି ନ ଥିଲା ବୋଲି କହୁଥିଲେ, ଯାହା ପୀତବାସଙ୍କ ପ୍ରତି ତାଙ୍କର ଥିବା ଶତ୍ରୁତାକୁ ଅଧିକ କରିଥିଲା ବୋଲି ଏସ୍‌ପି କହିଛନ୍ତି।

### ରାଜନୈତିକ ଷଡ଼ଯନ୍ତ୍ର...

ରାଜ୍ୟରେ ଶାସନ ବ୍ୟବସ୍ଥା ଭୟଙ୍କର ସ୍ଥିତି ଦେଇ ଗତିକରୁଛି। ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ। ଗଣଦୁଷ୍କର୍ମ ଓ ଦୁଷ୍କର୍ମ ରେକଡର୍‌ରେ ଓଡ଼ିଶା ଜାତୀୟ ସ୍ତରରେ କୁଖ୍ୟାତି ଅର୍ଜିଛି। ଏପରିକି ଆମେରିକା ପ୍ରଶାସନ ଓଡ଼ିଶାକୁ ଏକାକୀ ନ ଆସିବାକୁ ନିଜ ଦେଶର ମହିଳା ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛି। ଶାସନ ବ୍ୟବସ୍ଥାରେ ଶୃଙ୍ଖଳା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋର୍ଡର୍‌ରେ ଦଳୀୟ ନେତାଙ୍କ ଥଇଥାନ ବିଳମ୍ବକୁ ନେଇ ଦଳୀୟ କନ୍ଦଳ ଭୟଙ୍କର ରୂପ ଧାରଣ କରିଛି। ବିକାଶମୂଳକ କାର୍ଯ୍ୟ ପୁରାପୁରି ବନ୍ଦ ହୋଇଯାଇଛି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ, ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ସରକାର ଓ ଶାସକ ଦଳ ଅକଳରେ ପଡ଼ିଛନ୍ତି। ଯାହାକୁ ନେଇ ସାଧାରଣରେ ଶାସକ ବିଜେପି ବିରୋଧରେ ରୋଷ ସୃଷ୍ଟି ହୋଇଛି। ଏହି ସମୟରେ ବ୍ୟବସ୍ଥାଗତ ଅପାରଗତାକୁ ଢ଼ାଙ୍କିବା ପାଇଁ ଶାସକ ଦଳ ପାଖରେ ଆଉ କିଛି ବାଟ ନାହିଁ। ତେଣୁ ପୁଲିସ କାନ୍ଧରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି।

ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ସରକାର ଅକଳରେ ପଡ଼ିଥିବା ସମୟରେ ଏଥିରୁ ନଜର ହଟାଇବା ପାଇଁ ଭୁବନେଶ୍ୱରରେ ଜଣେ ପ୍ରଭାବଶାଳୀ କର୍ପୋରେଟରଙ୍କୁ ଗିରଫ କରି ହଟଚମଟ କରାଯିବାକୁ ଉଦ୍ୟମ କରାଗଲା। ରଥଯାତ୍ରା ବିଭ୍ରାଟ ଓ ଦଳାଚକଟାରେ ଦୁଇଜଣଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ସମୟରେ ବିଏମ୍‌ସିରେ ଜଣେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼ ଘଟଣା ରଥଯାତ୍ରା ପ୍ରସଙ୍ଗକୁ ଗୌଣ କରିବାକୁ ଉଦ୍ୟମ କରାଗଲା। ଓଟିଇଟି କେଲେଙ୍କାରୀ ଓ ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାକୁ ନେଇ ସାରା ରାଜ୍ୟ କମ୍ପିଲା, ଏହି ଘଟଣାରେ ଏଯାଏ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ସରକାରଙ୍କ ବିଶ୍ୱସନୀୟତାକୁ ନେଇ ଯେତେବେଳେ ପ୍ରଶ୍ନବାଚୀ ସୃଷ୍ଟି ହେଲା, ସେହି ସମୟରେ କଟକରେ ଭସାଣୀ ସମୟରେ ସାମ୍ପ୍ରଦାୟିକ ବିଦ୍ୱେଷ ଘଟଣା ଦିଗକୁ ଗଣମାଧ୍ୟମର ଦିଗ ମୋଡ଼ି ଦିଆଗଲା। ଏବେ ନୂଆପଡ଼ା ଉପନିର୍ବାଚନ ସମୟରେ ପୁଣିଥରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି। ପୀତବାସ ପଣ୍ଡା ହତ୍ୟା ଘଟଣାରେ ସଂପୃକ୍ତ ଥିବା ଦର୍ଶାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଗିରଫ କରିଛି।

ଘଟଣାର ନିରପେକ୍ଷ ତଦନ୍ତ ପରିବର୍ତ୍ତେ ତରବରିଆ ଭାବରେ ରାତି ଅଧରେ ବିକ୍ରମଙ୍କୁ ଘରୁ ଉଠାଇ ନେଇ ସକାଳୁ ତାଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ କୋର୍ଟ ଚାଲାଣ କରିଛି। ଗିରଫଦାରୀ ସମ୍ପର୍କରେ ସୂଚନା ଦେବା ସମୟରେ ବ୍ରହ୍ମପୁର ଏସ୍‌ପିଙ୍କ ଶାରୀରିକ ଭାଷା ପୀତବାସ ହତ୍ୟା ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତି କେବଳ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ପ୍ରମାଣିତ କରିଛି।

### ନିଶାଣରେ ବିଜେଡି...

ଗିରଫ କରାଗଲା। ଏହାପରେ ପରେ କେନ୍ଦୁଝରର ଅନ୍ୟ ଜଣେ ଯୁବ ନେତା ରାଜା ଚକ୍ର ସରକାରଙ୍କ ନିଶାଣ ହେଲେ; ତାଙ୍କ ପରିବହନ ସଂସ୍ଥାରେ ଚଢ଼ଉ କରାଯିବା ସହ ତାଙ୍କୁ ଗିରଫ କରାଗଲା। ସେହିପରି ଦଳର ଅନ୍ୟଜଣେ ଯୁବ ନେତା ତଥା ଭୁବନେଶ୍ୱର ମହାନଗର ନିଗମର ପ୍ରଭାବଶାଳୀ କର୍ପୋରେଟର ଅମରେଶ ଜେନାଙ୍କୁ ଏକ ମାମଲାରେ ଗିରଫ କରି ଜେଲ ପଠାଇ ଦିଆଗଲା। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ବ୍ୟବସାୟିକ ବିବାଦକୁ ନେଇ ବିଜେଡିର ଜଣେ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଗିରଫ କରାଗଲା ଓ ସେ ଏବେ ବି ଜେଲ୍‌ରେ ଅଛନ୍ତି। ଅନୁରୂପ ଭାବରେ ବିଜେଡିର ଅନ୍ୟଜଣେ ନେତା ସୁବ୍ରତ ଛାଟୋଇ ମଧ୍ୟ ଆକ୍ରୋଶର ଶିକାର ହେଲେ। ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଅଭିଯୋଗରେ ଧରା ପଡ଼ିଥିବା ଛାତ୍ରମାନେ ଅନେକ କୋଚିଂ ସେଣ୍ଟରରେ ତାଲିମ ନେଇଥିଲେ ହେଁ କେବଳ ବିଜେଡି ସହ ସମ୍ପୃକ୍ତ ଥିବା ଯୋଗୁଁ ସୁବ୍ରତଙ୍କ କୋଚିଂ ସେଣ୍ଟରରେ ଚଢ଼ଉ କରାଗଲା। ଏହା ପରେ ଏବେ ବିଜେଡିର ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଳି ପଡ଼ି। ରାଜନୈତିକ ଆକ୍ରୋଶ ଯୋଗୁଁ ତାଙ୍କୁ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଯୋଡ଼ି ଗିରଫ କରାଯାଇଥିବା ଅଭିଯୋଗ ହୋଇଛି।


C-1298

☎- 06645-356292
FAX-06645-250236
Email- municipalitybelpahar@gmail.com

OFFICE OF THE MUNICIPAL COUNCIL, BELPAHAR.

"e" PROCUREMENT NOTICE

BID REFERENCE NO. EO/BPHM/03/25-26
BID IDENTIFICATION NO. 2025_ORULB_119779
TENDER CALL NOTICE NO.1855 DT. 18.10.2025.

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Construction works. |
| No of Works | : | 03 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt. 20.10.2025 at 10.00 A.M. to dt. 31.10.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt. 01.11.2025 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum/ corrigendum/ cancellation of tender shall be published in the above website only.

OIPR-13050/11/0022/2526

Executive Officer,
Belpahar Municipality

AFFIDAVIT

By virtue of an affidavit sworn before The Executive Magistrate, Sohela vide no. 01 dated 22/10/2025, I, Chaturananda Pradhan @ Padhan, S/o- Late Subash Chandra Pradhan, R/o Vill.- Dhusarbahal, Po./Ps.- Sohela, Dist.- Bargarh state that, I want to change my son's wrongly mentioned name in his aadhaar card i.e **Prayush Kumar Padhan, S/o- Chaturananda Pradhan** to **Prayas Padhan, S/o- Chaturananda Padhan**.

ହଜିଛି

ମୁଁ, ସ୍ମୃତି ସାରିକା (୩୧), ସ୍ୱାମୀ: କୁମାରଜିତ୍ ବାନାର୍ଜୀ, ପୁରଣ ପ୍ରଧାନ, ପଞ୍ଚାୟତ ରୋଡ, ବାଳକାଟି, ବାଲିଅନ୍ତା, ଖୋର୍ଦ୍ଧା, ଏତଦ୍‌ଦ୍ୱାରା ଘୋଷଣା କରୁଅଛି କି, ମୋର ଏକ ବିକ୍ରୟ ଦଲିଲ୍ ଯାହାର ନଂ.: ୧୧୦୯୧୩୦୦୧୮୮ ଏବଂ ପଟ୍ଟା ଯାହାର ଖାତା ନଂ.: ୪୫୮/୧୨ ଏବଂ ୪୫୮/୧୧ ବାଳକାଟି-ବାଲିଅନ୍ତା ରାସ୍ତାରେ ତା.୦୩.୧୧.୨୦୨୪ରିଖରେ କେଉଁଠାରେ ହଜିଯାଇଛି। ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳି ପାରି ନାହିଁ, ଯଦି କେହି ଏହାକୁ ପାଆନ୍ତି, ତେବେ ମୋ.୮୮୮୪୯୯୧୯୪୨ରେ ମୋତେ ଜଣାଇବାକୁ ଅନୁରୋଧ।

PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

AFFIDAVIT

By virtue of an affidavit sworn before the Executive Magistrate, Athgarh, dated- 17 10.2025 I Susanta Kumar Sahoo of village/ Po- Karikol Ps- Athagarh , Dist- Cuttack declare that I have changed the name of my minor Son name from Son Prakash Sahoo to Som Prakash Sahoo. wrongly omited my name in his aadhar card and I declare that my name Susanta Kumar Sahoo mentioned in the aadhar card of my son .Henceforth, he shall be known as Som Prakash Sahoo S/O Susanta Kumar Sahoo for all purposes.

AFFIDAVIT

I, Miss. Bidusi Biprava Jena, D/O Sri Umesh Chandra Jena, resident of Village- Daruha (Bhograi), Dist.:Balasore, Odisha declare that my correct name is BIDUSI BIPRAVA JENA. In my foreign medical degree issued by the Urgench Branch of Tashkent Medical Academy, Uzbekistan, my name has been incorrectly printed as "JENA BIPRAVA BIDUSI" instead of "BIDUSI BIPRAVA JENA." Both names refer to one and the same person - myself. Vide Affidavit No. 11099 dated 22/10/2025, sworn before the Executive Magistrate, Balasore.

AFFIDAVIT

By virtue of an affidavit sworn before Executive Magistrate, Khordha, No.- 2484, Dated 12.09.2025, I, Itishree Priyadarsini, Address : At- Beruhan, Po.- Kalyanapur, Ps.-Khordha Sadar, Dist.- Khordha, Odisha, Pin-752056, declared that, I have changed my name from **Itishree Priya Darshini Sethi** to **Itishree Priyadarsini**, Henceforth. I shall be known as **Itishree Priyadarsini** for all purposes.

AFFIDAVIT

I, Sankar Meher, aged about 46 years, S/o- Hari Meher, resident of Champapur, Champamal, Po- Biramaharajpur, Ps- Biramaharajpur, Dist- Sonapur, Odisha, Pin-767018 declare by this affidavit No. 2149, dtd-21/10/2025, that now onwards I shall be known as **SHANKAR MEHER** for all future purposes.

AFFIDAVIT

I, Pradeep Panda , S/o- Sridhar Panda, resident of Flat No. C-106, C Block, Utkal Vatika, Canal Road, Jharpada, Bhubaneswar, Khurda, PIN- 751006, Odisha declared by this affidavit No- 575, dtd- 22/10/2025 that now onwards I shall be known as **PRADEEP KUMAR PANDA** for all future purposes.

AFFIDAVIT

I, Debashis Mohanty, S/o- Gobinda Chandra Mohanty, resident of At- Balipatana, Po- Balipatana, Dist- Kendrapara PIN-754215, Odisha declared by this affidavit No-864, dtd- 22/10/2025 that now onwards I shall be known as **DEBASISH MOHANTY** for all future purposes

■ ପାରାଦ୍ୱୀପ ତେଲ ଚୋରିରେ ଶ୍ରମିକ ନେତାଙ୍କ ସମ୍ପୃକ୍ତି

## ଏତଲା ଦେଲା ପୁଲିସ; ନ ବାନ୍ଧିବାକୁ ପଡୁଛି ଚାପ

ଭୁବନେଶ୍ୱର,୨୨।୧୦(ସମିସ): ପାରାଦୀପର ତଥାକଥିତ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନାମରେ ଏବେ ଆସିଛି ତେଲ (ଡିଜେଲ)ଚୋରି ଭଳି ସାଂଘାତିକ ଅଭିଯୋଗ। ଖୋଦ୍ ପାରାଦୀପ ପୁଲିସ ଥାନା ଏଏସଆଇ ବିପ୍ରିରଞ୍ଜନ ଜେନା ଅଭିଯୋଗ କରିଛନ୍ତି ଓ ମାମଲା ମଧ୍ୟ ରୁଜୁ ହୋଇଛି। ମାତ୍ର ଶ୍ରୀ ତ୍ରିପାଠୀ ଓ ତାଙ୍କର ଘନିଷ୍ଠ ୧୨ ସହଯୋଗୀଙ୍କୁ ଗିରଫ ନ କରିବାକୁ ଉପରୁ ଚାପ ପଡୁଥିବାରୁ ପୁଲିସ ହାତରେ ହାତ ବାନ୍ଧି ବସି ରହିଛି। ପୁଲିସ ନିଜେ କରିଥିବା ଏତଲା ଅନୁସାରେ ପାରାଦୀପ ଅଞ୍ଚଳରୁ ଦୈନିକ ହଜାର ହଜାର ଲିଟର ଡିଜେଲ ଚୋରି ଘଟଣାରେ ପ୍ରକାଶ ତ୍ରିପାଠୀ ଓ ଅନ୍ୟମାନଙ୍କର ସମ୍ପୃକ୍ତି ରହିଛି। ମାତ୍ର କୌତୂହଳର କଥା ହେଉଛି ଏହି ବ୍ୟକ୍ତିମାନେ ଶାସକ ଦଳର କର୍ମୀ ହୋଇଥିବାରୁ ସେମାନଙ୍କୁ ଗିରଫ କରିବାକୁ ପୁଲିସ ଡରୁଛି। ଏପରିକି ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିବାରୁ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ଆଣିବାକୁ ପୁଲିସ ସୁଯୋଗ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପାରାଦୀପରୁ ନିୟମିତ ତେଲ ଚୋରି ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲା। ଗତ୧୭ ତାରିଖରେ ଏଏସଆଇ ବିପ୍ରିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଟର୍ମିନାଲ ରାସ୍ତାରେ ଏକ ଟ୍ୟାଙ୍କରରୁ ତେଲ କାଢୁଥିବା କିଛି ଚୋରଙ୍କୁ ଧରିଥିଲେ। ସେଠାରୁ ୫୦ ଲିଟର ବିଶିଷ୍ଟ ୭ ପ୍ଲାଷ୍ଟିକ ଜାର ଓ ୪୦ ଲିଟରର ୩ ଟି ଜାରକିନରେ ଥିବା ୪୭୦ ଲିଟର ଡିଜେଲ ଜବତ କରିବା ସହ ରାଜେଶ ସାମଲ ଓ ବୃନ୍ଦାବନ ବେହେରାଙ୍କୁ ଗିରଫ କରିଥିଲେ। ଥାନାରେ ପଚରା ଉଚରା କରିବା ପରେ ସେମାନେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ପବିତ୍ର ପରିଡ଼ା, ରାଜେଶ ସାମଲ, ବୃନ୍ଦାବନ ବେହେରା, କିଶୋର ପାତ୍ର, ସନ୍ତୋଷ ନାୟକ, ଅଭିମନ୍ୟୁ ବେହେରା, ରତ୍ନାକରଙ୍କ ନାମ ପ୍ରକାଶ କରିଥିଲେ। ଅଭିଯୁକ୍ତ ପ୍ରକାଶ ତ୍ରିପାଠୀ ପାରାଦୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀଙ୍କ ଘନିଷ୍ଠ ବୋଲି ସମସ୍ତେ ଜାଣନ୍ତି। ପାରାଦୀପ ଅଞ୍ଚଳରେ ଶିଳ୍ପମନ୍ତ୍ରୀଙ୍କ ଅଘୋଷିତ ପ୍ରତିନିଧି ଭାବରେ ସେ ସବୁ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ଏବେ ପ୍ରକାଶଙ୍କ ନାମରେ ତେଲଚୋରି ମାମଲା ଆସିବା ପରେ ମନ୍ତ୍ରୀଙ୍କ ପଦକ୍ଷେପ ଉପରେ ସଭିଙ୍କ ନଜର ରହିଛି।

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରଶମନ ସମ୍ପର୍କିତ ପ୍ରତିଯୋଗିତା

ଜଗତସିଂହପୁର,୨୨।୧୦(ସମିସ): ଅକ୍ଟୋବର ୨୯ ତାରିଖ ୧୯୯୯ ମସିହାର ପ୍ରଳୟଙ୍କାରୀ ମହାବାତ୍ୟା ଓଡ଼ିଶା ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଥିଲା। ତାହାର କାରୁଣିକ ସ୍ମୃତି ସହିତ ସମ୍ବନ୍ଧ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରଶମନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଜଗତସିଂହପୁର ସହରର ଦୁଇଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କନିଷ୍ଠ ବିଭାଗ (ଷଷ୍ଠ -ଅଷ୍ଟମ) ଓ ବରିଷ୍ଠ ବିଭାଗ (୯ମ-୧୦ମ) ନିମନ୍ତେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଠାରେ କନିଷ୍ଠ ବିଭାଗ ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଶ୍ରୀକୃଷ୍ଣ ଏକାଡେମୀ ଠାରେ ବରିଷ୍ଠ ବିଭାଗ ନିମନ୍ତେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାଣିରେ ବୁଡ଼ିଯିବା, ଘଡ଼ଘଡ଼ି ଓ ସର୍ପଦଂଶନରୁ ରକ୍ଷା ପାଇବା ନିମନ୍ତେ ବିଷୟବସ୍ତୁକୁ କେନ୍ଦ୍ର କରି ପ୍ରବନ୍ଧ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇ ସନ୍ତୋଷଜନକ ସ୍ଥାନ ଲାଭକରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପ୍ରବନ୍ଧ କନିଷ୍ଠ ବିଭାଗରେ ବିଜୟଲକ୍ଷ୍ମୀ ନାୟକ ପ୍ରଥମ, ସୃଷ୍ଟି ମହାନ୍ତି ବିତର୍କରେ ଦ୍ୱିତୀୟ ଓ ସାଇ ଶ୍ରୀଶା ନାୟକ ଚିତ୍ରାଙ୍କନରେ ତୃତୀୟ ସ୍ଥାନ ହାସଲ କରିଥିଲେ। ବରିଷ୍ଠ ବିଭାଗରେ ବୈଶାଖୀ ତରାଇ ପ୍ରବନ୍ଧରେ ଦ୍ୱିତୀୟ, ଅନୁଷ୍କା ସ୍ୱାଇଁ ବିତର୍କରେ ତୃତୀୟ ଓ ଶ୍ରାବଣୀ ବିଶ୍ୱାଳ ଚିତ୍ରାଙ୍କନରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଛାତ୍ରୀମାନଙ୍କର କୃତିତ୍ୱରେ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ପଟ୍ଟନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀମାନଙ୍କର ସଫଳତାରେ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସ୍ମୃତିରଞ୍ଜନ ସ୍ୱାଇଁ ଓ କଳା ଶିକ୍ଷକ ସ୍ଥିତପ୍ରଜ୍ଞ ସ୍ୱାଇଁଙ୍କ ସହଯୋଗ ରହିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଶ୍ରୀମଦ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରାଦୀପ,୨୨।୧୦(ସମିସ): ଉନ୍ନବିଂଶତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି, ପାରାଦୀପ ଆନୁକୂଲ୍ୟରେ ସ୍ଥାନୀୟ ଭାଗବତ ମଇଦାନ ଜିଜେଏଆଇ କଲୋନୀ ମଧୁବନ ଠାରେ ୭ ଦିନ ଧରି ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ ଓ କାଉନସିଲର ସୁବ୍ରତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ପ୍ରବଚନ, ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପାରାଦୀପ ସମେତ ଓଡିଶାର ଭାଗବତ ଅନୁଷ୍ଠାନର କର୍ମକର୍ତ୍ତା ଓ ଭଗବତ ରସପିପାସୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ସୂର୍ଯ୍ୟମୁଖୀର ବାର୍ଷିକ ଉତ୍ସବ

ପାରାଦୀପ, ୨୨।୧୦(ସମିସ): କଳା, ସାହିତ୍ୟ, ସଂସ୍କୃତି, ସମାଜ ଚେତନା ଓ ପରିବେଶ ସୁରକ୍ଷା ସଂଗଠନ ସୂର୍ଯ୍ୟମୁଖୀର ବାର୍ଷିକ ଉତ୍ସବ ଓ ଉଦବେଳନର ୩୪ତମ ସଂସ୍କରଣ ଉନ୍ମୋଚନ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଅକ୍ଷୟ ରାଉତ ଓ ଶିକ୍ଷକ ନେତା ବାବୁରାମ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯ୍ୟମୁଖୀର ସଭାନେତ୍ରୀ ହରାମଣି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସୂର୍ଯ୍ୟମୁଖୀର ପ୍ରତିଷ୍ଠାତା ସ୍ୱର୍ଗତ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। ସୂର୍ଯ୍ୟମୁଖୀର ମୁଖପତ୍ର ତଥା ପରିବେଶ ପତ୍ରିକା ଉଦବେଳନର ୩୪ତମ ସଂସ୍କରଣର ଉନ୍ମୋଚନ ହୋଇଥିଲା। ଶ୍ରୀମତୀ ତୁଳସୀ ବରାଳଙ୍କୁ ଡଃ ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ଡଃ ବସନ୍ତ ମଞ୍ଜରୀ ଦାସଙ୍କୁ ବିଭୂତି ଭୂଷଣ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟମୁଖୀର ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ପ୍ରଶାନ୍ତ ରାଉତ କବିତା ସଂଯୋଜନା କରିଥିଲେ।

### ବିଜେଡି ମହିଳା କର୍ମୀ ରଶ୍ମି ପରିଜାଙ୍କୁ ମରଣାନ୍ତକ ଆକ୍ରମଣ

# ସଭ୍ୟସମାଜ ଲଜ୍ଜିତ, ମର୍ମାହତ: ଚିରଞ୍ଜିବ

ଜଗତସିଂହପୁର,୨୨।୧୦(ସମିସ):

ଜଗତସିଂହପୁର ସଦର ଥାନା ଅଧୀନ ପଟସରା ଗ୍ରାମର ବିଜେଡି ମହିଳା କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ। ସେ କହିଛନ୍ତି ଯେ ମହିଳାମାନଙ୍କ ଉପରେ ବଢୁଥିବା ଏହିପରି ଅପରାଧ ସଭ୍ୟ ସମାଜକୁ ଲଜ୍ଜିତ କରିଛି। କ୍ରମାଗତ ଭାବରେ ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ସମସ୍ତଙ୍କୁ ବ୍ୟଥିତ କରିଛି।



ଶ୍ରୀ ବିଶ୍ୱାଳ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା ରଶ୍ମୀ ପରିଜାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଛନ୍ତି। ତାଙ୍କ ସହିତ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ବିଜେଡି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଯୁବନେତା ପ୍ରଶାନ୍ତ କୁମାର ମଲ୍ଲିକ, ପୂର୍ବତନ ପରିଷଦ ଦିଲ୍ଲୀପ ସିଂହ, ନିକୁଞ୍ଜ କିଶୋର ବେହେରା, ସୁବାସ ସାହୁ, ସୁନୀଲ ମାଟିଆ, ପଟସରା ପଞ୍ଚାୟତ ସରପଞ୍ଚ ପ୍ରମୁଖ ରାଉତ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାୟକ, ପରିଷଦ ମନୋଜ ମହାନ୍ତି, ଜଗଦାନନ୍ଦ ପଡ଼ିଆରୀ, ପୂର୍ବତନ ସରପଞ୍ଚ ଅଦ୍ୱୈତ୍ୟ ଜେନା, ନାରାୟଣ କାନୁନଗୋ, ସରପଞ୍ଚ ଲିପକ ସାହୁ, ଦୀପ୍ତି ଦାସ, ସୁଜିତ୍ ଘୋଷ, ତପନ ବାଘ, ସଞ୍ଜୟ ଜେନା, ରଜତ ରାଉତ, ଚିତ୍ତରଞ୍ଜନ ଦାସ, ସରୋଜ ବିଶ୍ୱାଳ, ରମାକାନ୍ତ ମହାନ୍ତି, ଶାରଦା ପ୍ରସାଦ ନନ୍ଦ, ଅନିଲ ଦାସ, ରାକେଶ ରାଉତ, ଆଶିଷ ଗୋଚ୍ଛାୟତ, ନିର୍ଲିପ୍ତ ବେହେରା, ସୁଦର୍ଶନ ଦାଶ, ସତ୍ୟ ନାରାୟଣ ଚୌଧୁରୀ, ସଞ୍ଜୀବ ମିଶ୍ର, ଜ୍ୟୋତି ରଞ୍ଜନ ତାରେଣିଆ, ପ୍ରସନ୍ନ କୁମାର ବେହେରା ପ୍ରମୁଖ ମଧ ପୀଡ଼ିତାଙ୍କୁ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଥିଲେ।

### ଅଭିଯୁକ୍ତ ଅଟକ; ପଚରାଉଚରା ଜାରି

ଜଗତସିଂହପୁର,୨୨।୧୦(ସମିସ): ମହିଳା ବିଜେଡି କର୍ମୀ ରଶ୍ମୀରଞ୍ଜିତା ପରିଜାଙ୍କୁ ଗତ ଦୀପାବଳି ରାତିରେ ମରଣାନ୍ତକ ଆକ୍ରମଣ ଘଟଣାର ଦୁଇଦିନ ପରେ ବି ପୁଲିସ କାହାରିକୁ ଗିରଫ କରିନଥିବା ସୂଚନା ମିଳିଛି। ତେବେ କିଛି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି ବୋଲି ଜଣାପଡ଼ିଛି। ଉଭୟ ପକ୍ଷଙ୍କ ଏତଲା ଆଧାରରେ ସଦର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ୨ଟି ଟିମ ଗଠନ କରାଯାଇ ତଦନ୍ତ ଚାଲିଥିବା ଏସ୍‌ପି ଅଙ୍କିତ କୁମାର ବର୍ମା କହିଛନ୍ତି। ଆଇଆଇସି ସରୋଜ ସାମଲ ଏବଂ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଏହି ପୁଲିସ ଟିମ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ପ୍ରକ୍ରିୟାରେ ବାଧାସୃଷ୍ଟି ଆଶଙ୍କା ଥିବାରୁ ଅଧିକ କିଛି କହିବା ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ ବୋଲି ଶ୍ରୀ ବର୍ମା କହିଛନ୍ତି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜେଡି ନେତ୍ରୀ ଇପ୍ସିତା ସାହୁ, ଲେଲୀନ ମହାନ୍ତି, ସୋଫିଆ ଆଲାମ ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଆହତ ମହିଳାଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ନୂଆପୋଖରୀ ବଜାରରେ ମା' ଶ୍ୟାମାକାଳୀ ପୂଜା



ମଣିଜଙ୍ଗା,୨୨।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ବୋଧେଇ ପଞ୍ଚାୟତର ନୂଆ ପୋଖରୀ ବଜାରରେ ୫୧ତମ ମା' ଶ୍ୟାମାକାଳୀ ପୂଜା ମହାସମାରୋହରେ ଆୟୋଜିତ ହୋଇଛି। ପୂଜା କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ ଏବଂ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ ସାଙ୍ଗକୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। କର୍ତ୍ତା ଭାବେ ନାରାୟଣ ପ୍ରସାଦ ଦାସ ଓ ସବିତା ମିଶ୍ର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଦିଆନପୁରୁ, ବିକିପୁରୁ, ଇରିକୁଣ୍ଡଳ, କୁଲୁ ସାହି ଓ ଢ଼ିଙ୍କିଆ ଇତ୍ୟାଦି ଗ୍ରାମର ଜନସାଧାରଣ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି ବୋଲି ସଭାପତି ସରୋଜ ପାଣିଗ୍ରାହୀ, ସମ୍ପାଦକ ଅଭୟ କୁମାର ବେହେରା ଜଣାଇଛନ୍ତି।

## ବ୍ଲକ୍ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ନାଉଗାଁ,୨୨।୧୦(ସମିସ): ଜଗତସିଂହପୁର ଜିଲ୍ଲା ଅଧୀନ ନାଉଗାଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିବା ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବ୍ଲକ୍ ସମ୍ମୁଖରେ ୧୬ଟି ପଞ୍ଚାୟତର ଜନପ୍ରତିନିଧିମାନେ ଧାରଣାରତ ଅଛନ୍ତି। ଏପରିକି ଗତ ୧୩ ତାରିଖ ଦିନ ୧୦ ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ; କିନ୍ତୁ ୭ ଦିନ ବିତି ଯାଇଥିଲେ ମଧ ଦାବିଗୁଡ଼ିକର କୌଣସି ସୁଫଳ ନମିଳବାରୁ ବୁଧବାର ନାଉଗାଁ ବ୍ଲକ୍ ସମ୍ମୁଖରେ



ପିଆରଆଇ ସଂଘ ସଭାପତି ଦୋଳଗୋବିନ୍ଦ ରାଉଳ ଓ ସମ୍ପାଦକ ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ ଜନ ପ୍ରତିନିଧି ମାନେ ୧୦ ଦଫା ଦାବିକୁ ନେଇ ଧାରଣା ଦେଇଛନ୍ତି। ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନଥିବା ଜଣାଯାଇଛି।

## ଗାଁ ସାଥୀ ସଂଘର ବୈଠକ

ଏରସମା,୨୨।୧୦(ସମିସ): ଏରସମା ବ୍ଲକ ଗାଁ ସାଥୀ (ମେଟ୍) ସଂଘର ସାଧାରଣ ବୈଠକ ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହେଇଯାଇଛି। ବୈଠକରେ ଗାଁ ସାଥୀମାନଙ୍କୁ ମନରେଗା ଯୋଜନାରେ ଅଗ୍ରାଧିକାର ଦେବା, ସବୁ ଗାଁ ସାଥିମାନଙ୍କ ଏନେଏମଏମଏସ କରିବା, ଗାଁ ସାଥିମାନଙ୍କୁ ନେଇ ଜବ କାର୍ଡ କେୱାଇସି କରିବା ଉପରେ ଗୁରୁତ୍ୱ ଦେଇ ଏରସମା ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ରାଜ୍ୟ ସଂଘ୍ କର୍ମକର୍ତ୍ତା ପ୍ରତାପ ଦଳେଇ, ବ୍ଲକ୍ କର୍ମକର୍ତ୍ତା ସ୍ମୃତିରଞ୍ଜନ ମହାନ୍ତି, ସୌଭାଗ୍ୟ ସ୍ୱାଇଁ ଯୋଗଦେଇ ଆଲୋଚନା କରିଥିଲେ। ବାବାଜୀ ଲେଙ୍କା, ଅଜୟ ସ୍ୱାଇଁ, କରୁଣାକର ନାୟକ, ପ୍ରଭାସିନୀ ସାହୁ, ବବୁନି ପଲେଇ, ଗୁରୁପଦ ମାଇତି ପ୍ରମୁଖ ଯୋଗଦେଇଥିଲେ।

## କାଳୀପୂଜାର ସ୍ରଷ୍ଟାଙ୍କୁ ମରଣୋତ୍ତର ସମ୍ମାନ

କୁଜଙ୍ଗ,୨୨।୧୦(ସମିସ): କୁଜଙ୍ଗ କାଳୀପୂଜା ଅବସରରେ କମିଟି ପକ୍ଷରୁ ଏହି ପୂଜାର ପରମ୍ପରା ୬୦ ବର୍ଷ ତଳେ ଆରମ୍ଭ କରିଥିବା ୪ ଜଣଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଛି। ଜୀବନାନନ୍ଦ ଅଧିକାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜା ପରମ୍ପରାକୁ ଆରମ୍ଭ କରିଥିବା ପରଲୋକ ଗତ ମୁରବୀମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସେହିପରି ଭାବେ ସ୍ୱର୍ଗତ ନରହରୀ ଦାସଙ୍କ ପୁତ୍ର ବୈକୁଣ୍ଠ ନାରାୟଣ ଦାସ, ସ୍ୱର୍ଗତ ଦୁର୍ଲଭ ସ୍ୱାଇଁଙ୍କ ପୁତ୍ର ରଂଜନ କୁମାର ସ୍ୱାଇଁ, ହାଡିବନ୍ଧୁ ଶତପଥୀଙ୍କ ପୁତ୍ର ସୁଧାଂଶୁ ଶେଖର ଶତପଥୀ, ଶଶୀଭୂଷଣ ମହାନ୍ତିଙ୍କ ପତ୍ନୀ ସୁପ୍ରଭା ମହାନ୍ତିଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାଳିପୂଜା କମିଟି ଉପଦେଷ୍ଟା ଏଏନଡି ଯାଦବ, ରମେଶ ଚନ୍ଦ୍ର ଦାସ, ସଭାପତି ପ୍ରଶାନ୍ତ ପଟ୍ଟନାୟକ, ଉପସଭାତି ବାବାଜୀ ଚରଣ ସେଠୀ, ସମ୍ପାଦକ ରଜନିକାନ୍ତ ଗୁରୁ, ସମ୍ପାଦକ ରଂଜନ କୁମାର ସାହୁ, ସଦସ୍ୟ ନୃସିଂହ ଗୁରୁ, ଶଙ୍କର ଚରଣ ନାଥ, ବିଶ୍ୱନାଥ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ରାଜେନ୍ଦ୍ର ନାରାୟଣ ଦାସ, ମଣ୍ଡଳ ସଭାପତି ରଂଜନ କୁମାର ବାରିକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦରରେ ହେବ ବୃହତ୍ତ ପୁଞ୍ଜି ନିବେଶ



ପାରାଦୀପ,୨୨।୧୦(ସମିସ): ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ, ଜାହାଜ ତିଆରି କାରଖାନା ସମେତ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ପାରାଦୀପ ବନ୍ଦର ପକ୍ଷରୁ ସାଟେଲାଇଟ୍ ବନ୍ଦର ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ମୁମ୍ବାଇରେ ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ସପ୍ତାହ ଆୟୋଜିତ ହେବାକୁ ଯାଉଛି। ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଆର୍ନ୍ତଜାତିକ ବିଶେଷଜ୍ଞ ଓ ୫୦୦ରୁ ଅଧିକ ଅଗ୍ରଣୀ ସାମୁଦ୍ରିକ ଶିଳ୍ପ ଏକାଠି ହେବା ସହିତ ସାମୁଦ୍ରିକ ବିକାଶ କ୍ଷେତ୍ରର ଜ୍ଞାନ ଆଦାନପ୍ରଦାନ କରିବା ସହିତ ନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ପ୍ରଶାସନିକ ଭବନ ବୋର୍ଡରୁମ୍‌ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାରାଦୀପ ବନ୍ଦର ଏହି ମହାପର୍ବରେ ସାମିଲ ହେବାକୁ ଯାଉଛି। ଏ ଅବସରରେ ଜାହାଜ ନିର୍ମାଣ, ଜାହାଜ ମରାମତି, ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ବନ୍ଦର ପଦକ୍ଷେପ, ବ୍ୟବସାୟରେ ବିକାଶ ଓ ସବୁଜ ହାଇଡ୍ରୋଜେନ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ଏଥିସହିତ ପୁରୀରେ ଏକ କ୍ରୁଜ୍ ଟର୍ମିନାଲ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ପୁରୀକୁ ଗୁରୁତ୍ୱ ଦେବା ସହିତ ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଏହାକୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାର ଲକ୍ଷ୍ୟ ରହିଥିବା ନେଇ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ।

## ପ୍ରବୀଣ ଶିକ୍ଷାବିତ ଦିବାକର ସ୍ୱାଇଁଙ୍କ ପରଲୋକ

ପାରାଦୀପ/କୁଜଙ୍ଗ,୨୨।୧୦(ସମିସ): ବିଶ୍ୱାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ଦିବାକର ସ୍ୱାଇଁ(୮୭)ଙ୍କର ମଙ୍ଗରାଜପୁର ବାସଭବନରେ ବୁଧବାର ସକାଳେ ପରଲୋକ ଘଟିଛି। ଶିକ୍ଷକତା ଓ ଆୟୁର୍ବେଦ ତଥା ହୋମିଓପାଥିକ ଚିକିତ୍ସାକରି ସେ ଲୋକଙ୍କର ଅତିପ୍ରିୟ ପାଲଟିଥିଲେ। ଜଣେ ଛାତ୍ର ବାତ୍ସଲ, ମିଷ୍ଟଭାଷୀ ଓ ସ୍ନେହୀ ମଣିଷ ମଧ୍ୟ ଥିଲେ। ପ୍ରିୟ ଗୁରୁଜିଙ୍କୁ ହରାଇ ବିଶ୍ୱାଳୀ ଗ୍ରାମରେ ପୁରାତନ ଛାତ୍ରଛାତ୍ରୀଙ୍କ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସାର୍‌ଙ୍କର ସ୍ମୃତିଚାରଣ କରି ବିରାଟ ଶୋଭାଯାତ୍ରାରେ ସାଥି କର୍ମଜୀବି ବନ୍ଧୁ ତଥା ପୁରାତନ ଛାତ୍ର ଶିକ୍ଷକ ନିଶାକର ମଲ୍ଲ, ପ୍ରବୀର ରାଉତ, ଅଭୟ ଦାସ, ବାବାଜୀ ଚରଣ ସେଠି, ମଥୁରାନନ୍ଦ ତରାଇ, ଚନ୍ଦ୍ରକାନ୍ତ ସାମଲ, ରାଜକିଶୋର ପତି, ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ହିରନ୍ୟ ଶଗଡ଼ିଆ, ଯୁବ ସାମ୍ବାଦିକ ସତ୍ୟଶିବ ପରିଡା ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ହୋଇଥିବା ବେଳେ ପୁତ୍ର ଦୁଷ୍ମନ୍ତ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଗଞ୍ଜେଇ ଜବତ; ୩ ଗିରଫ

ବାଲିକୁଦା,୨୨।୧୦(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ଚୋରାରେ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବି ପରିଡା, ଅଜୟ ରାଉତ ଓ ଅନନ୍ତ ସାମଲ। ସେମାନଙ୍କ ପାଖରୁ ୬ କେଜି ୫୦୦ ଗ୍ରାମ ଗଞ୍ଜେଇ, ୩ ମୋବାଇଲ, ବାଇକ ଓ୨୦୦ ଟଙ୍କା ଜବତ କରିବାସହ ପୁଲିସ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ବାଲିକୁଦା ପୁଲିସ ପକ୍ଷରୁ ବିଶେଷ ସୂଚନା ପାଇ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ଭାସତ ରଞ୍ଜନ ରାୟଙ୍କ ପକ୍ଷରୁ ଟିମ ଚଢ଼ଉ କରି ଅନନ୍ତପୁରଠାରୁ ୩ ଜଣଙ୍କୁ ଗିରଫ କରିଥିଲେ।

### ସାଇବର୍ ସିକ୍ୟୁରିଟି ଅଭିଯାନ ଓ ସୁରକ୍ଷା ରଥର ଶୁଭାରମ୍ଭ

# ସଚେତନ ହେଲେ ସାଇବର୍ ଠକେଇରୁ ବର୍ଞ୍ଚିହେବ

ଜଗତସିଂହପୁର,୨୨।୧୦(ସମିସ):

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜିଲ୍ଲାପାଳ ଶ୍ରୀ.ଜେ ସୋନାଲ ସାଇବର ସିକ୍ୟୁରିଟି ଅଭିଯାନ ୨୦୨୫ ଏବଂ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିଛନ୍ତି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ.ଜେ ସୋନାଲ ସାଇବର ଅପରାଧ ଏବେ ଶିକ୍ଷିତ, ଅଶିକ୍ଷିତ ସମସ୍ତଙ୍କୁ ତାର ଶିକାର କରୁଛି ବୋଲି କହିଥିଲେ। ସଚେତନ ରହିଲେ ହିଁ ଏହି ଠକେଇରୁ ବର୍ଞ୍ଚିହେବ। ଏଥିପାଇଁ ସେ ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ଏ.ଆଇ ସଚେତନତାକୁ ସାମିଲ୍ କରିବା ପ୍ରସଙ୍ଗରେ କହିଥିଲେ। ଦିନକୁ ଦିନ ବଢୁଥିବା ବିଗତ ଦିନରେ ଆମେ କଥା ହେଉଥିବା ଭର୍ଚୁଆଲ ରିୟଲିଟି ବା ଅଗ୍ ମେଣ୍ଟେଡ ରିୟଲିଟି ଏବେ ସତ୍ୟରେ ପରିଣତ ହୋଇଛି। ସେଥିପାଇଁ ସମସ୍ତେ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ। ସଭାରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସାଇବର ସୁରକ୍ଷାର ଶପଥ ପାଠ କରାଇଥିଲେ। ଯେଉଁଥିରେ ନିଜର



ବ୍ୟକ୍ତିଗତ ତଥ୍ୟ, ଓଟିପି ଆଦି ଅଜଣା ନମ୍ବରକୁ ସେୟାର ନ କରିବା, ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ତାକୁ ଯାଞ୍ଚ କରିବା, ସୋସିଆଲ ମିଡିଆରେ ସତର୍କତାର ସହ ମେସେଜ ଫରୱାର୍ଡ, ଫ୍ରେଣ୍ଡ ରିକ୍ୱେଷ୍ଟ ଏକ୍ସେପ୍ଟ, ଭିଡିଓ କଲ୍ ଆଦି ପ୍ରତି ସତର୍କ ରହିବା ପାଇଁ ଶପଥ ରହିଥିଲା। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦୀପ ସ୍ମୃତିରଞ୍ଜନ କର ମଧ୍ୟ ସାଇବର ସଚେତନ ରହିବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଅଜିଙ୍କ୍ୟା ମାଣେ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ, ସିଭିଲ ସୋସାଇଟି, ବ୍ୟାଙ୍କ ଅଧିକାରୀ, ଶିକ୍ଷାନୁଷ୍ଠାନ, ସହରର ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସାଇବର ସଚେତନତା ଶପଥ ପାଠ କରିଥିଲେ। ସାଇବର ଠକାମୀର ଶିକାର ହେଲେ ସର୍ବପ୍ରଥମେ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ ଏବଂ ସାଇବର ପୋର୍ଟାଲରେ ରେଜିଷ୍ଟ୍ରେସନ୍ କରିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ସାଇବର ସଚେତନତା ସମ୍ବନ୍ଧୀୟ ବିଭିନ୍ନ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପରେ ସାଇବର ସୁରକ୍ଷା ବସ୍‌କୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ତଥା ଅନ୍ୟ ସମସ୍ତ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାଛଡ଼ା ବିଭିନ୍ନ ବ୍ଲକ୍‌ରେ ଚାଲୁଥିବା ଆମ ବସ୍ ସାଇବର ସଚେତନତା ବାର୍ତ୍ତା ଥିବା ଷ୍ଟିକର ଲଗାଯାଇଥିଲା। 'ମାସ୍କଟ ସାଇରା' ବୁଲି ବୁଲି ସମସ୍ତଙ୍କୁ ସାଇବର ସଚେତନତା ଲିଫ୍ଲେଟ ବାଣ୍ଟିଥିଲା। ଅଭିଯାନ ମାସେ ପର୍ଯ୍ୟନ୍ତ ଚାଲିବ। ଅଭିଯାନର ଥିମ ରହିଛି ଷ୍ଟପ୍, ଭେରିଫାଏ, ବି ସିକ୍ୟୋର ବା ରୁହ, ଯାଞ୍ଚ କର ଓ ସୁରକ୍ଷିତ ରୁହ। ସଚେତନତା ବସ୍ ଜିଲ୍ଲାର ସମସ୍ତ ବ୍ଲକ୍ ଓ ମ୍ୟୁନିସପାଲିଟି ବୁଲି ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବ। କାର୍ଯ୍ୟକ୍ରମରେ ସାଇବର ସୁରକ୍ଷା ସମ୍ବଳିତ ଭିଡିଓ ପ୍ରଦର୍ଶିତ ହେବାସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ

କୁଜଙ୍ଗ,୨୨।୧୦(ସମିସ): ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ପକ୍ଷରୁ ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାମନ୍ତଙ୍କ ଭଳି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ରାଜ୍ୟ ସରକାର ପାଳନ କରନ୍ତୁ ଓ ସମଗ୍ର ରାଜ୍ୟରେ ତାଙ୍କ ଜୀବନ ସମ୍ପର୍କରେ ବ୍ୟାପକ ଆଲୋଚନା କରନ୍ତୁ ବୋଲି ଅତିଥିମାନେ ମତାମତ କରିଛନ୍ତି। ଓଡ଼ିଶାର ଅନ୍ୟତମ ବରପୁତ୍ର ସ୍ୱର୍ଗତ ସାମନ୍ତ ରାଜ ପରିବାର ସୁଖ ଛାଡ଼ି ଏରସମା, କୁଜଙ୍ଗ ଓ ପାରାଦୀପ ଅଞ୍ଚଳରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। କୁଜଙ୍ଗବାସୀଙ୍କୁ ଏକାଠି କରି ବ୍ରିଟିଶ ବିରୋଧରେ ସଂଗଠିତ କରିବାରୁ ତାଙ୍କୁ ବହୁବାର ଜେଲ ଯିବାକୁ ପଡିଥିଲା। ସାମନ୍ତ ଦୀର୍ଘବର୍ଷ ବର୍ତ୍ତମାନର ବିହାର ରାଜ୍ୟର ହଜାରିବାଗ ଓ କଟକ ଜେଲରେ ବନ୍ଦୀ ଜୀବନ କଟିଥିଲେ। ସ୍ୱାଧୀନତା ପରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ହୋଇଥିଲେ ମଧ ରାଜନୀତିରେ ସେ ବାନ୍ଧି ନ ହୋଇ ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ମୁଖ୍ୟଅତିଥି କବି ପୀତାମ୍ବର ତରାଇ କହିଥିଲେ। ପ୍ରିୟବନ୍ଧୁ ସଭାପତି ଡ. ରଘୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ, ଡ. କେଶବ ଦଳାଇ, ନାରୀନେତ୍ରୀ ପ୍ରିୟମ୍ବଦା ପାଣି ଓ ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୁଜଙ୍ଗ ଗାନ୍ଧୀ ସାମନ୍ତ ଶୀର୍ଷକ କବିତା କବି ପ୍ରଭାତୀ ମାଝୀ, ଗୌରହରି ବାରିକ, ଶଙ୍କର ଦାସ, ଗୀତା ଦାସ ଓ ଜୟନ୍ତୀ ଦାସ ପ୍ରମୁଖ ପାଠ କରିଥିଲେ। ପାରାଦୀପ ଓ କୁଜଙ୍ଗରେ ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ତାଙ୍କ ନାମରେ ମାର୍ଗ ନାମିତ କରିବାକୁ ଦାବି ହୋଇଥିଲା। ପ୍ରକାଶ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

### ଜରଡ଼ା ଦେହୁରୀହତା ଜଳବିଭାଜିକା ସହାୟତା ରାଶି ହଡ଼ପ ଘଟଣା

# ହିତାଧିକାରୀଙ୍କୁ ଧମକ ଦେଇ ହେଉଛି ତଦନ୍ତ: ଅଭିଯୋଗକାରୀ

କଙ୍କଡ଼ାହାଡ଼,୨୨।୧୦(ସମିସ)



**ଗଣମାଧ୍ୟମକୁ ନାଲିଆଖି, ଫଟୋ ଉଠାଇବାକୁ ବାରଣ**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଅନ୍ତର୍ଗତ ଜରଡ଼ା ଦେହୁରୀହତା (ବାଲି ଚେତନା ନାଳ-୧) ଜଳବିଭାଜିକା ପ୍ରକଳ୍ପର ସହାୟତା ରାଶି ହଡ଼ପ ଘଟଣାରେ ବୁଧବାର ସୁହାଇଲା ଭଳି ତଦନ୍ତ କରିଛନ୍ତି ବିଭାଗୀୟ ଉପନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ। ଉପନିର୍ଦ୍ଦେଶକ ଗାଁରେ ପହଞ୍ଚି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସହାୟତା ରାଶି ପାଇଛନ୍ତି କି ନାହିଁ, ସହାୟତା ରାଶି ଟଙ୍କା ହଡ଼ପ ସମୟର କିଏ ସାକ୍ଷୀ ଥିଲା ଆଦି ହିତାଧିକାରୀଙ୍କୁ ପ୍ରଶ୍ନ କରିଥିଲେ।

ସୂଚନା ଅନୁଯାୟୀ, ଜଳ ବିଭାଜିକା ପ୍ରକଳ୍ପରେ ଛେଳିଚାଷ, କୁକୁଡ଼ା ପାଳନ ଓ ପରିବା ଚାଷ କରିବା ନିମନ୍ତେ ହିତାଧିକାରୀଙ୍କୁ ୧୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ମାତ୍ର ହିତାଧିକାରୀମାନେ ସହାୟତା ରାଶି ପାଇବା ପରେ କମିଟି ସଭାପତି, ସମ୍ପାଦକ ଓ ଜଣେ ସଦସ୍ୟ ସେମାନଙ୍କୁ ଧମକ ଦେଇ ୧୧ ହଜାର ଟଙ୍କା ଲେଖାଏଁ ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପ୍ରଥମେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା ଉଭୟ ଜରଡ଼ା ଓ ଦେହୁରୀହତା ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୋଗରେ ସତ୍ୟତା ଥିବା ତଦନ୍ତରୁ ଜଣାପଡ଼ିଥିଲା। ଯେଉଁ ହିତାଧିକାରୀଙ୍କ ଅର୍ଥ ହଡ଼ପ ହୋଇଥିଲା ସେମାନଙ୍କୁ ସାଧାରଣ ବର୍ଗ କ୍ଷେତ୍ରରେ ୭୮୦୦ ଟଙ୍କା ଓ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ୯୪୦୦ ଟଙ୍କା ଲେଖାଏଁ ଫେରସ୍ତ ହୋଇଥିଲା। ତେବେ ଏହି ତଦନ୍ତ ସଠିକ ଭାବେ ହେଉ ନ ଥିବା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜରଡ଼ା ଦେହୁରୀହତା ଜଳବିଭାଜିକାରେ ମିଥ୍ୟା ବିଲ, ପୋଖରୀ ଖନନରେ ଅନିୟମିତତା ଓ ସହାୟତା ରାଶି ହଡ଼ପ ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଅଭିଯୋଗ ଆଧାରରେ ଜଳବିଭାଜିକା ଉପନିର୍ଦ୍ଦେଶକଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ ଉଭୟ ଜରଡ଼ା ଓ ଦେହୁରୀହତା ଗାଁରେ ତଦନ୍ତ କରିଛନ୍ତି। ତେବେ ଏହି ତଦନ୍ତରେ ଗ୍ରାମବାସୀ ଓ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସହାୟତା ରାଶି ହଡ଼ପ ବେଳେ ସାକ୍ଷୀ କିଏ ଥିଲା ବୋଲି ଉପନିର୍ଦ୍ଦେଶକ ପଚାରିଥିଲେ। ତେବେ ସହାୟତା ରାଶି ହଡ଼ପ ହୋଇ ନ ଥିଲେ, ଯେଉଁମାନେ ଟଙ୍କା ନେଇଥିଲେ ସେମାନେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମୁଖରେ ଅର୍ଥ ଫେରସ୍ତ କଲେ କେମିତି ବୋଲି ହିତାଧିକାରୀ ଉତ୍ତର ରଖିଥିଲେ। ଏହି କଥାରେ ଉପ ନିର୍ଦ୍ଦେଶକ ରାଗିଯାଇଥିଲେ। ସେହିପରି ପୋଖରୀ ଓ ଅନ୍ୟାନ୍ୟ କାମ ଉପରେ ହୋଇଥିବା ଅଭିଯୋଗକୁ ସେ ଏଡ଼ାଇ ଯାଇଥିଲେ।

ଅନ୍ୟପଟେ ଆଜିର ତଦନ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଚିହିଁକି ଉଠିଥିଲେ ଉପନିର୍ଦ୍ଦେଶକ। ଫଟୋ ଉଠାଇବା ପାଇଁ ମଧ୍ୟ ବାରଣ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିବା ବାଙ୍କନିଧି ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଆଜିର ଏହି ତଦନ୍ତ ନିରପେକ୍ଷ ହୋଇନାହିଁ। ହିତାଧିକାରୀ, କମିଟି ସଦସ୍ୟଙ୍କ କଥାକୁ ଶୁଣାଯାଇନାହିଁ। ଏକ କାଗଜରେ ଟଙ୍କା ହଡ଼ପ ବେଳର ସାକ୍ଷୀ କିଏ ଥିଲା ଲେଖ ବୋଲି ବାଧ କରାଯାଇଛି ବୋଲି ବାଙ୍କନିଧି କହିଛନ୍ତି। ତଦନ୍ତ ବେଳେ ଅନୁଗୋଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଢେଙ୍କାନାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଦ୍ଦାର ପଟେଲ ଜୟନ୍ତୀରେ ହେବ ଏକତା ପଦଯାତ୍ରା



ଢେଙ୍କାନାଳ,୨୨।୧୦(ସମିସ): ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଏକତା ପଦଯାତ୍ରା ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକତା ପଦଯାତ୍ରା ଆୟୋଜନ କରାଯାଉଛି। ସର୍ଦ୍ଦାର ପଟେଲଙ୍କ ଜନ୍ମଦିବସ ଅକ୍ଟୋବର ୩୧ରୁ ଏହା ସାରା ରାଜ୍ୟରେ ଆରମ୍ଭ ହୋଇ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ସମାଜର ସବୁ ବର୍ଗର ଲୋକଙ୍କୁ ଏକତାର ବାର୍ତ୍ତା ଦେବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ। ସେହିପରି ଜିଲ୍ଲା ସ୍ତରରେ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଦ୍ଦାର ପଟେଲ ଓ ଜାତୀୟ ଏକତା ଶୀର୍ଷକ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ସ୍ୱଚ୍ଛତା ଅଭିଯାନ ମଧ୍ୟ ହେବ ବୋଲି ସାଂସଦ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଜିଲ୍ଲା ବିଜେପି ସଭାପତି ରାହାସବିହାରୀ ବେହେରା, ନରେଶ ଚନ୍ଦ୍ର ମହାପାତ୍ର, ପଦଯାତ୍ରାର ସଂଯୋଜକ ବିଷ୍ଣୁପ୍ରସାଦ ଲେଙ୍କା, ନବକିଶୋର ଗୁରୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୫ରେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରୁ ମହୋଦଧି ଯାତ୍ରା



ଢେଙ୍କାନାଳ,୨୨।୧୦(ସମିସ): ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ତରଫରୁ ଆସନ୍ତା ୨୫ ତାରିଖ ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ ଅବସରରେ ସହିଦ ମାଟି ଓ ପୁଣ୍ୟ ପବିତ୍ର ଜଳକୁ ପୁରୀ ମହୋଦଧିରେ ସମର୍ପଣ ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ସ୍ଥାନୀୟ ଦଧିବାମନଜୀଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ୨୪ ତାରିଖ ବ୍ରାହ୍ମଣୀ ନଦୀଘାଟରୁ ମୃତ୍ତିକା ଏବଂ ଜଳ ସଂଗ୍ରହ କରାଯାଇ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ତରଫରୁ ଢେଙ୍କାନାଳ ଅଣାଯିବା ପରେ ୨୫ ତାରିଖ ବାଜିଚୌକସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେଠାରୁ ମାଟି ଏବଂ ଜଳକୁ କଟକ ଖାନନଗର ନିଆଯିବ। ସେଠାରେ ବାଜି ରାଉତଙ୍କ ଶବ ସତ୍କାର କରାଯାଇଥିବାରୁ ସେଠାରୁ ମାଟି ସଂଗ୍ରହ କରାଯାଇ ପୁରୀ ମହୋଦଧିକୁ ଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଛି। ସେହି ମାଟି ଏବଂ ଜଳକୁ ମହୋଦଧିରେ ସମର୍ପଣ ସହ ସାମୂହିକ ପ୍ରାର୍ଥନା କରାଯିବ। ଆର୍ଯ୍ୟରତ୍ନ ଚକ୍ରଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସଂଯୋଜକ ଅବନୀ ମିଶ୍ର ପରିକଳ୍ପନା କରିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସଦାନନ୍ଦ ଦାସଜୀ ମହାରାଜ, ପରେଶ ଚନ୍ଦ୍ର ପଟ୍ଟନାୟକ, ନିର୍ମଳା ମହାପାତ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, କମଳ କୁମାର ନନ୍ଦ, ସ୍ନିଗ୍ଧା ଧଳ, ଶତ୍ରୁଘ୍ନ ମାଟି, ମଞ୍ଜୁଶ୍ରୀ ପରିଡ଼ା, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅକ୍ଷୟ କୁମାର ନାୟକ, ଅମର କୁମାର ପଟ୍ଟନାୟକ, ରାଜକିଶୋର ବେହେରା, କିଶୋର ଚନ୍ଦ୍ର ମିଶ୍ର, ସମୀର କୁମାର ପରିଡ଼ା, ମାମିନା ଦୀକ୍ଷିତ, ପ୍ରୀତିରଞ୍ଜନ ପତି, ଅକ୍ଷୟ କୁମାର ମହାନ୍ତି, ସୁଦାମ ଚନ୍ଦ୍ର ବେହେରା, ବସନ୍ତ କୁମାର ସାହୁ, ଅରୁଣୋଦୟ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଯାଉଁଳି ପୋଖରୀ ମଠରେ ଗିରି ଗୋବର୍ଦ୍ଧନ ପୂଜା

● ୪୫ ପ୍ରକାର ନୈବେଦ୍ୟ ଅର୍ପଣ



ଢେଙ୍କାନାଳ,୨୨।୧୦(ସମିସ): ଶତାଧିକ ବର୍ଷର ପ୍ରାଚୀନ ଯାଉଁଳି ପୋଖରୀ ମଠରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଅପରାହ୍ନ ୨ଟାରେ ମଠର ଆରାଧ୍ୟ ଦେବତା ରଘୁନାଥଜୀଉଙ୍କ ପ୍ରାଙ୍ଗଣରେ ସୁସଜ୍ଜିତ ବୃକ୍ଷଲତା ପରିବେଷ୍ଟିତ କୁଞ୍ଜରେ ଗୁରୁଣ୍ଡି ଗୋପାଳଜୀଉଙ୍କୁ ପୂଜକ ଜଗନ୍ନାଥ ତ୍ରିପାଠୀ ବିଜେ କରାଇଥିଲେ। ପରେ ଦିବ୍ୟ ଆଳତି ସହ ପ୍ରଭୁଙ୍କଠାରେ ୪୫ ପ୍ରକାର ନୈବେଦ୍ୟ ଲାଗି ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ୪୫ ପ୍ରକାର ଅନ୍ନ ବ୍ୟଞ୍ଜନ ମଧ୍ୟରେ ଅନ୍ନ, ମିଠା ଖେଚୁଡ଼ି, ଡାଲି, ଖିରି, ଦହିବରା, ବରା, ପୁରୀ, ପୁଳି, ଘାଣ୍ଟ ତରକାରୀ, ଆମ୍ବୁଲ ଖଟା, ଓଉଖଟା, ଦହିନଡ଼ିଆ ପାଚେଡ଼ି, ପୋଟଳ ଆଳୁକଷା, ପନିର ମଟର, ଶାଗ, ବନ୍ଧାକୋବି, ଚକୁଳି, ରୁଟି, ଆଳୁ, ଫୁଲକୋବି, କଲରା, କଦଳୀ, ଛୁଇଁ, ବାଇଗଣ, ଭେଣ୍ଡି ଓ ପୋଟଳ ଆଦି ୨୦ପ୍ରକାର ଭଜା ଲାଗି ହୋଇଥିଲା। ସୁପକାର ଭାବେ ଅକ୍ଷୟ ତ୍ରିପାଠୀ ସମସ୍ତ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ମଠର ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଜିଲ୍ଲା ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା

ଗଁଦିଆ,୨୨।୧୦(ସମିସ): ଗଁଦିଆ ବ୍ଲକ ସୋରିଷିଆପଦା ପଞ୍ଚାୟତ ଦେଓଝର ଗ୍ରାମରେ ସରପଞ୍ଚ ପ୍ରଦୀପ କୁମାର ରାଉତଙ୍କର ନେତୃତ୍ୱରେ ମହିଳାମାନଙ୍କୁ ନେଇ ଏକ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ଗ୍ରାମର ମା' ତାରିଣୀ ମନ୍ଦିରଠାରୁ ଆରମ୍ଭ ହୋଇ ଅଙ୍ଗନବାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ନିଶାମୁକ୍ତ ଗାଁ ଗଠନ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଗ୍ରାମର ଅଧିବାସୀ ଚାଷବାସ ଓ ମୂଲମଜୁରି କରି ନିଜର ପରିବାର ପୋଷଣ କରିଥାନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ଦିନକୁ ଦିନ ମଦ କାରବାର ବୃଦ୍ଧି ପାଉଥିବା ଲୋକେ ନିଶା କବଳରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ ସେପରି କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ଯୁବପିଢ଼ି ନିଶା କବଳରେ ପଡ଼ି ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ନିଶାଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଗ୍ରାମରେ ଶୋଭାଯାତ୍ରା ହୋଇଥିଲା। ଶତାଧିକ ମହିଳା ହାତରେ ବିଭିନ୍ନ ପ୍ରକାର ନିଶା ନିବାରଣ ପ୍ଲାକାର୍ଡ ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ସଚେତନତା ବାର୍ତ୍ତା ଦେଇଥିଲେ।




# ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ଜିଲ୍ଲା କମିଟି କାର୍ଯ୍ୟକାରୀ ଦାବି



ଢେଙ୍କାନାଳ,୨୨।୧୦(ସମିସ): ରାଜ୍ୟ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘର ଜିଲ୍ଲା କମିଟି କାର୍ଯ୍ୟକାରୀ କରିବା ପାଇଁ ବୁଧବାର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଂଘ ପଞ୍ଜିକୃତ ହୋଇ ସରକାରଙ୍କ ସ୍ୱୀକୃତି ପାଇଛି। ଜିଲ୍ଲା ସଂଗଠନକୁ ସରକାରୀ ସ୍ତରରେ ପ୍ରଶାସନ ଜରିଆରେ ସମସ୍ତ ସହଯୋଗ କରାଯିବା ତଥା ଜିଲ୍ଲା ସଂଗଠନ ତରଫରୁ ଚୟନ କରାଯାଇଥିବା ସଭ୍ୟସଭ୍ୟାଙ୍କୁ ଜିଲ୍ଲା ସ୍ତରରେ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ମଞ୍ଜୁରାଦେଶ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଜିଲ୍ଲାରେ ଲୋକକଳା ଓ ସଂସ୍କୃତି ଲୁଚି ଯାଉଥିବାବେଳେ ସରକାରୀ ସହଯୋଗ ପାଇଲେ ପୁଣି ଉଜ୍ଜୀବିତ କରାଯାଇ ପାରିବ ବୋଲି କମିଟି ତରଫରୁ ସଭାପତି ସୁଧାକର ଦାସ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ଶ୍ରୀକାନ୍ତ କୁମାର ମଲ୍ଲିକ, ଦିଲୀପ କୁମାର ରାଉତ, ହେମନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ସରୋଜ କୁମାର ଶତପଥୀ, ନୃସିଂହ ଚରଣ ମଲ୍ଲିକ, ଅଶୋକ ରାଉତ, ପ୍ରମୋଦ କୁମାର ନାଥ, ସଞ୍ଜୟ କୁମାର ନାଏକ, ନିୟତି ଭୋଇ, ସୁରୁଚି ସାହୁ, ମଞ୍ଜୁଲତା ଜେନା, କ୍ଷେତ୍ରବାସୀ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଶିଶୁଯତ୍ନ ଅନୁଷ୍ଠାନରେ ଉତ୍ସାହ ଓ ମହକ ଉତ୍ସବ ପାଳିତ



ଢେଙ୍କାନାଳ,୨୨।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଶିଶୁସୁରକ୍ଷା ଶାଖା ତରଫରୁ ଶିଶୁଯତ୍ନ ଅନୁଷ୍ଠାନର ଶିଶୁ ମହୋତ୍ସବ ଉତ୍ସାହ ଏବଂ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ ସିଆରିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ହୋଇଥିଲା। ଏଥିରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ବିଶ୍ୱ କୁନ୍ତଳ ଶିଶୁଗୃହ, ଆଦୃତା ଶିଶୁଗୃହ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ଶକ୍ତିପଦ ମିଶ୍ର ମୁଖ୍ୟଅତିଥି, ନରେଶ କୁମାର ମହାରଣା, ବିଦ୍ୟୁତ କୁମାର ସାମଲ, ସୁଶାନ୍ତ କୁମାର ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଦିନ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ମହକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିଳ୍ପୀ ପରେଶ ପଟ୍ଟନାୟକ, ପ୍ରହଲ୍ଲାଦ ରାଉତ, ସବିତା ଧୀର, ମଧୁସ୍ମିତା ସାହୁ, ଯାମିନୀ ଦାଶ, ପୁଷ୍ପଲତା ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଦୁଇଦିନିଆ ଶିଶୁ ମହୋତ୍ସବରେ ଭାବେ ପୁଷ୍ପଲତା ରଥ, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ସଭ୍ୟ ବିଭୂତି ଭୂଷଣ ଦାସ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଯୋଗଦେଇଥିଲେ। ଆନୁଷ୍ଠାନିକ ଅଧିକାରୀ କ୍ଷୀରୋଦ ବେହେରା ଏବଂ ଅଣଆନୁଷ୍ଠାନିକ ଅଧିକାରୀ ସୁଭାଷ ମଲ୍ଲିକ ପୁରସ୍କାର ବିତରଣ କରିଥିଲେ।

## ଦୁଷ୍କର୍ମ ଅଭିଯୋଗରେ ହୋମଗାର୍ଡ ଗିରଫ

କାମାକ୍ଷାନଗର,୨୨।୧୦(ସମିସ): କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ହୋମଗାର୍ଡ ଅରବିନ୍ଦ ମଲ୍ଲିକଙ୍କୁ ଗିରଫ କରିଛି। ବୁଧବାର ଅରବିନ୍ଦଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ ମହିଳା ଜଣକ ଘରେ ଏକାକୀ ଥିବାବେଳେ ଗତ ଜୁଲାଇ ୮ ତାରିଖ ରାତି ସାଢ଼େ ୧୦ଟାରେ ଅରବିନ୍ଦ ମଲ୍ଲିକ ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏ ନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଅରବିନ୍ଦଙ୍କୁ ଗିରଫ କରିଛି।

## ବାଇକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କାମାକ୍ଷାନଗର,୨୨।୧୦(ସମିସ): କାଠପାଳ-ବନ୍ଦାଣିଆ ରାସ୍ତାରେ ବାଇକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କାଳିଆପାଣି ଥାନା ରଗଦା ଗ୍ରାମର ସୁବାସ ଦେହୁରୀ (୩୮)। ସୁବାସଙ୍କ ଭାଇ ଉଲାସ ଦେହୁରୀ (୩୬)ଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ସୁବାସ ଓ ଉଲାସ କୌଣସି କାମରେ ବାଇକ୍ ଯୋଗେ କଙ୍କଡ଼ାହାଡ଼ ଆସୁଥିଲେ। ବନ୍ଦାଣିଆ ଗାଁ ନିକଟରେ ବାଇକ ଭାରସାମ୍ୟ ହରାଇ ଗଛରେ ଧକ୍କାହେବାରୁ ଦୁଇଭାଇ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମୃତକଙ୍କ ଭାଇ ସନ୍ତୋଷଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନା ଅଧିକାରିଣୀ କଳ୍ପନା ବେହେରା କହିଛନ୍ତି।

## କୀର୍ତ୍ତନପୁର ଭଗାମୁଣ୍ଡା ଜଙ୍ଗଲରେ ବାଘ ପାଦଚିହ୍ନ

**ତଦନ୍ତ କରୁଛି ବନ ବିଭାଗ**

କଙ୍କଡ଼ାହାଡ଼,୨୨।୧୦(ସମିସ): ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ କୀର୍ତ୍ତନପୁର ଭଗାମୁଣ୍ଡା ସାହି କୁଳସନ୍ଧା ଭଣ୍ଡାରିଆ ପାହାଡ଼ ଜଙ୍ଗଲରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ପାଦଚିହ୍ନ ମାପଚୁପ କରିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକର ମହାବିରୋଡ୍ ରେଞ୍ଜ କୁଟୁରିଆ ପଞ୍ଚାୟତ ମଦରଙ୍ଗାମୁଣ୍ଡା ଜଙ୍ଗଲରେ କିଛିଦିନ ତଳେ ବାଘ ପାଦଚିହ୍ନ ଠାବ ହୋଇଥିଲା। କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ମହାବିରୋଡ୍ ରେଞ୍ଜ, କାମାକ୍ଷାନଗର ପୂର୍ବାଞ୍ଚଳ, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଞ୍ଚଳ କଙ୍କଡ଼ାହାଡ଼ ବ୍ଲକରେ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବାଘ ପାଦଚିହ୍ନ ଦେଖି ଜଙ୍ଗଲ ନିକଟବର୍ତ୍ତୀ ଗାଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବାଘ ଆକ୍ରମଣରେ ଗାଇ, ଷଣ୍ଢଙ୍କ ମୃତ୍ୟୁ ହୋଇଥିବା ନଜିର ମଧ୍ୟ ରହିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ପାଟ୍ରୋଲିଂ କରିବା ପାଇଁ ଦାବି ହେଉଛି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଆନ୍ଦୋଳନ




ଖଜୁରିଆକଟା,୨୨।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ସହ ନିର୍ବାଚନ ମଣ୍ଡଳୀର ସମସ୍ତ ପିଏଚସି, ସିଏଚସି ତଥା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ ଅଭାବ ସମସ୍ୟା ଲାଗି ରହିଛି। ନିର୍ବାଚନ ସମୟରେ ନେତାମାନେ ଲୋକଙ୍କୁ ପ୍ରତିଶ୍ରୁତିରେ ପୋତି ପକାଉଥିବା ବେଳେ ଜିତିଗଲା ପରେ ଆଉ ସେମାନଙ୍କ ଦେଖା ମିଳୁନି। ଜନସାଧାରଣ ଓ ଭୋଟର ନେତାମାନଙ୍କ ପ୍ରତାରଣା ଠିକ୍ ଭାବରେ ବୁଝିପାରି ନିଜ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବା ଆରମ୍ଭ କଲେଣି। ଏହି କ୍ରମରେ ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ଜୋନରେ ପ୍ରତିବାଦ ସ୍ୱର ଉଠିଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଡାକ୍ତର ଅଭାବ, ଔଷଧ ଅଭାବ ଆଦି ସମସ୍ୟାରେ ଜର୍ଜରିତ ଅଞ୍ଚଳର ଜନସାଧାରଣ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜନପ୍ରତିନିଧିଙ୍କୁ ଗୁହାରି କରି ବିଫଳ ହେବାପରେ ବୁଧବାର ପାଇକ ପୁରୁଣାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ବିକ୍ଷୋଭ କରିବା ସହ ଧାରଣା ଦେଇଛନ୍ତି। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟସେବାରେ ତୁରନ୍ତ ସୁଧାର ନ ଆସିଲେ ଆଗାମୀ ଦିନରେ ସମଗ୍ର ନିର୍ବାଚନମଣ୍ଡଳୀରେ ଆନ୍ଦୋଳନ କରାଯିବା ସହ ବିଧାନସଭା ସାମ୍ନାରେ ମଧ୍ୟ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

### ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା

# ରାସ୍ତାପାର୍ଶ୍ୱ ଖୋଳିଦେଇ ପଳାଇଲା ଠିକାସଂସ୍ଥା

ହିନ୍ଦୋଳ,୨୨।୧୦(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ (ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ) ପାଇଁ ପୂର୍ବ ସରକାର ୨୦୨୨ରେ ୬ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ସେବେଠାରୁ କାର୍ଯ୍ୟ ମଧ୍ୟ ଚାଲୁରହିଛି। ବ୍ରାହ୍ମଣୀ ନଦୀର ମେନ ଷ୍ଟ୍ରକଚରରୁ ଗୌଡ଼କାଟେଣୀ ଦେଇ ଗୁଡ଼ିଆକାଟେଣୀ, ହିନ୍ଦୋଳ ସଦର ଓ ସାତମାଇଲ ଛକ, ରସୋଳ ଅଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱ ଖୋଳାଯାଇ ପାଇପଲାଇନ ବସୁଛି। ସାତମାଇଲ ଛକ ନିକଟରେ ପାଣି ଷ୍ଟୋରେଜ ପାଇଁ ଏକ ଲକ୍ଷ ନିୟୁତ ମିଲିଲିଟରର ଟାଙ୍କି ନିର୍ମାଣାଧୀନ ଅଛି। ତେବେ ଠିକାଦାର ପିଡବ୍ଲ୍ୟୁଡି ରାସ୍ତା ପାର୍ଶ୍ୱ ଖୋଳିଦେଇଥିଲେ ମଧ୍ୟ ସଠିକ ଭାବରେ ଏହାକ ସମତୁଲ କରିନାହାନ୍ତି। କଂକ୍ରିଟରେ ମରାମତି କରାଯାଉନାହିଁ। କେତେକ ସ୍ଥାନରେ ଉପରେ ଉପରେ ମଧ୍ୟ ପାଇପ ବିଛାଇ ଦିଆଯାଉଛି। ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିବା ସହ ବିପଦପୂର୍ଣ୍ଣ ଭାବେ ଛାଡ଼ିଦେଇ ପଳାଇଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ତୁରନ୍ତ ଖୋଳାଯାଇଥିବା ରାସ୍ତା ପାର୍ଶ୍ୱ ଉଚିତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ବିପଦରେ ଜନତାଙ୍କ ଜୀବନ**



# ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳିଲେ ଟ୍ରମ୍ପ



**ମୋଦୀଙ୍କୁ ଫୋନରେ ଜଣାଇଲେ ଶୁଭେଚ୍ଛା**

ୱାସିଂଟନ, ୨୨।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଦୀପାବଳି ସମାରୋହରେ ସାମିଲ ହୋଇ ସେ ହିନ୍ଦୁ ସମ୍ପ୍ରଦାୟର ଲୋକ ଓ ନିଜ ପ୍ରଶାସନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଥିବା କହିଥିଲେ। ସେ ଭାରତରେ ରହୁଥିବା ନାଗରିକ ଓ ଭାରତୀୟ- ଆମେରିକୀୟଙ୍କୁ ଦୀପାବଳି ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଦୀପାବଳି ସମାରୋହରେ ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ରାଷ୍ଟ୍ରୀୟ ସୁରକ୍ଷା ନିର୍ଦ୍ଦେଶକ ତୁଳସୀ ଗବାର୍ଡ, ଆମେରିକାର ନିୟୋଜିତ ଭାରତୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର, ଭାରତର ଆମେରିକା ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରାଙ୍କ ସମେତ ଏକାଧିକ ଜଣାଶୁଣା ବ୍ୟକ୍ତି ଯୋଗ ଦେଇଥିଲେ। ଦୀପାବଳିରେ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନ ଉପରେ ଜ୍ଞାନର ଓ ଖରାପ ଉପରେ ଭଲ ବିଜୟର ପ୍ରତୀକ ବୋଲି ଟ୍ରମ୍ପ ନିଜ ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ। ସେ ମୁଖ୍ୟତଃ ବ୍ୟବସାୟ ଓ ବାଣିଜ୍ୟ ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି। ସେ ମୋଦୀଙ୍କୁ ଜଣେ ମହାନ ବ୍ୟକ୍ତି ଓ ମହାନ ବନ୍ଧୁ ବୋଲି କହିବାକୁ ପଛାଇ ନଥିଲେ। ମୋଦୀଙ୍କ ସହ ମୋର ଆଲୋଚନା ବେଶ୍ ଭଲ ଥିଲା ବୋଲି ଟ୍ରମ୍ପ ଉଲ୍ଲେଖ କରିଥିଲେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଯୁଦ୍ଧ ନ ହେବା ଭଲ ବୋଲି କହିଥିଲେ।

# ଏସ୍-୪୦୦ ପାଇଁ କ୍ଷେପଣାସ୍ତ୍ର କିଣିବ ଭାରତ

**ରୁଷିଆ ସହ ୧୦ ହଜାର କୋଟି ଟଙ୍କାର ନୂଆ ଚୁକ୍ତି**



ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ପାଇଁ ଭାରତ ୧୦, ୦୦୦ କୋଟି ଟଙ୍କାର କ୍ଷେପଣାସ୍ତ୍ର କିଣିବ। ଏଥିପାଇଁ ଭାରତ ରୁଷିଆ ସହ ନୂଆ ଚୁକ୍ତି କରିବ ବୋଲି ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏହି ଚୁକ୍ତି ପାଇଁ ମଞ୍ଜୁରି ପ୍ରଦାନ କରିବ। ଗୁରୁବାର ଆୟୋଜନ ହେବାକୁ ଥିବା ଡିଫେନ୍ସ ଆକ୍ୟୁଜିସନ ବୈଠକରେ ମନ୍ତ୍ରଣାଳୟ ଏହି ମଞ୍ଜୁରି ପ୍ରଦାନ କରିବ ବୋଲି କୁହାଯାଇଛି। ପାକିସ୍ତାନ ବିରୋଧରେ ହୋଇଥିବା 'ଅପରେସନ ସିନ୍ଦୂର'ରେ ଭାରତ ଏସ୍-୪୦୦ ଡିଫେନ୍ସ ମିସାଇଲ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହା ଦ୍ୱାରା ପାକିସ୍ତାନର ୫ରୁ ୬ଟି ଲଢୁଆ ବିମାନ ଓ ୩୦୦ କିମି ଦୂରରୁ ଏକ ସ୍ପାଏ ପ୍ଲେନ୍‌କୁ ମାରି ଖସାଇ ଦିଆଯାଇଥିଲା। ଭାରତର ଏୟାର ଡିଫେନ୍ସ ରଣନୀତିରେ ଏସ୍-୪୦୦ ଗେମ୍ ଚେଞ୍ଜର ଭାବେ ଉଭା ହୋଇଛି ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଆଗାମୀ ଡିସେମ୍ବରରେ ଭାରତ ନୂଆ ଏସ୍-୪୦୦ ସିଷ୍ଟମ କ୍ରୟ କରିପାରେ। ୫ଟି ସିଷ୍ଟମ ପାଇଁ ଚୁକ୍ତି ହୋଇଥିବା ବେଳେ ଭାରତ ଏପର୍ଯ୍ୟନ୍ତ ୩ଟି ହାସଲ କରିଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପାଇଁ ଚତୁର୍ଥ ସିଷ୍ଟମ ଭାରତକୁ ମିଳିପାରିନାହିଁ। ୨୦୧୮ ଅକ୍ଟୋବରରେ ଭାରତ ୫ ବିଲିଅନ ଡଲାର ବିନିମୟରେ ଏହି ଚୁକ୍ତି କରିଥିଲା। ଭାରତ ଏବେ ଏସ୍-୫୦୦ ସିଷ୍ଟମ କ୍ରୟ କରିବା ଲକ୍ଷ୍ୟରେ ରହିଛି। ଏସ୍-୪୦୦ ଓ ଏସ୍-୫୦୦ ଅତ୍ୟାଧୁନିକ ମିସାଇଲ ସିଷ୍ଟମ ଭାବେ ପରିଗଣିତ ହେଉଛି।

# ବିହାର ନିର୍ବାଚନରେ ବାହୁବଳୀଙ୍କ ରାଜ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜୟୀ ହେବା ପାଇଁ ସବୁ ଦଳ ପ୍ରୟାସ କରୁଛନ୍ତି। ପୂର୍ବ ଭଳି ଏହି ନିର୍ବାଚନରେ ମଧ୍ୟ ଜାତି ରାଜନୀତି ଏବଂ ପରିବାରବାଦର ପ୍ରଭାବ ବେଶୀ ରହିଛି। କିନ୍ତୁ ବାହୁବଳୀ ନେତା ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟ ହେଉକି କ୍ଷମତାସୀନ ଏନ୍‌ଡିଏ ସମସ୍ତେ ବାହୁବଳୀ ପ୍ରାର୍ଥୀଙ୍କୁ ଟିକଟ ଦେଇଛନ୍ତି। କେଉଁଠି ବାହୁବଳୀ ନିଜେ ନିର୍ବାଚନ ଲଢୁଛନ୍ତି ତ ଆଉ କେଉଁଠି ନିଜ ଘନିଷ୍ଠଙ୍କୁ ଛିଡ଼ା କରାଇଛନ୍ତି। ଆରଜେଡି ୯ ଜଣ, ଜେଡିୟୁ ୭ ଜଣ, ବିଜେପିର ୪ ଜଣ ଏବଂ ଏଲଜେପିଆର ୨ ଜଣ ବାହୁବଳୀଙ୍କୁ ପ୍ରାର୍ଥି କରିଛି। ଏହି ସବୁ ଆସନରେ କେବଳ ରାଜନୈତିକ ଦଳଙ୍କ ମଧ୍ୟରେ ମୁକାବିଲା ହେଉନାହିଁ, ବରଂ ଏହା କର୍ତ୍ତୃତ୍ୱ ଏବଂ ପରିବାରବାଦର ଲଢ଼େଇ ପାଲଟି ଯାଇଛି। ମୋକାମରେ ଜେଡିୟୁ ଅନନ୍ତ ସିଂହଙ୍କୁ ପ୍ରାର୍ଥି କରିଛି। ତେବେ ଆରଜେଡି ସୁରଜଭାନ ସିଂହଙ୍କ ପତ୍ନୀ ବୀଣା ଦେବୀଙ୍କୁ ଟିକଟ ଦେଇଛି। ଅନନ୍ତ କୁମାର ଏଠାରୁ କ୍ରମାଗତ ୫ ଥର ଜିତିଛନ୍ତି। ସେହିପରି ଆଉ ଜଣେ ବାହୁବଳୀ ତଥା ରାଜପୁତ ନେତା ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦ ଜେଡିୟୁରୁ ନବୀନଗର ଆସନରେ ଲଢୁଛନ୍ତି। ଗୋପାଳଗଞ୍ଜର ଜିଲ୍ଲାପାଳ ଜି କୃଷ୍ଣୟାଙ୍କ ହତ୍ୟା ମାମଲାରେ ଆନନ୍ଦ ମୋହନଙ୍କୁ ୧୫ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ସରକାର ତାଙ୍କୁ ଅନୁକମ୍ପା ଦେଖାଇ ଜେଲ୍‌ରୁ ମୁକୁଳାଇ ଥିଲେ। ଜେଲ୍‌ରୁ ବାହାରିବା ପରେ ସେ ପୁଣିଥରେ ରାଜନୀତିରେ ସକ୍ରିୟ ହୋଇଯାଇଥିଲେ। ୨୦୨୦ରେ ତାଙ୍କ ପୁଅ ନିର୍ବାଚନ ଲଢି ଏଠାରୁ ବିଜୟୀ ହୋଇଥିଲେ।

ଏହା ବ୍ୟତୀତ ସାରଣର ଏକମାତ୍ର ବାହୁବଳୀ



ମନୋରଞ୍ଜନ ସିଂହ ଓରଫ ଧୂମଲ ସିଂହ (ଆରଜେଡି), ତରାରୀରୁ ସୁନୀଲ ପାଣ୍ଡେଙ୍କ ପୁଅ ପ୍ରଶାନ୍ତ (ବିଜେପି), ବ୍ରହ୍ମପୁରରୁ ସୁନୀଲ ପାଣ୍ଡେଙ୍କ ଭାଇ ହୁଲାସ ପାଣ୍ଡେ (ଏଲଜେପିଆର), ବାରସିଲଗଞ୍ଜରୁ ଅଶୋକ ମହତୋଙ୍କ ସ୍ତ୍ରୀ ଅନିତା କୁମାରୀ (ଆରଜେଡି) ଏବଂ ଅଖିଳେଶ ସିଂହଙ୍କ ପତ୍ନୀ ଅରୁଣା ଦେବୀ (ବିଜେପି), କୁଚାୟକୋଟରୁ ଜେଡିୟୁର ପପୁ ପାଣ୍ଡେ, ରଘୁନାଥପୁରରୁ ଆରଜେଡି ଶାହବୁଦିନଙ୍କ ପୁଅ ଓସାମା ପ୍ରମୁଖ ନିର୍ବାଚନ ଲଢୁଛନ୍ତି।

## ଆସନ ବିବାଦ: ଲାଲୁ-ତେଜସ୍ୱୀଙ୍କୁ ଭେଟିଲେ ଗେହଲଟ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇ ସାରିଲାଣି। ମାତ୍ର ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଏହାକୁ ନେଇ ଜୋରଦାର ଟଣାଓଟରା ଲାଗିଛି। ଦୁଇ ପ୍ରମୁଖ ଦଳ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆସନ ବଣ୍ଟନ ଏବଂ ମିଳିତ ଘୋଷଣାନାମା ଉପରେ ସହମତି ପ୍ରକାଶ ପାଇପାରୁ ନାହିଁ। ଏପରି ସ୍ଥଳେ କଂଗ୍ରେସ ହାଇକମାଣ୍ଡଙ୍କ ପାଇଁ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସଙ୍କଟମୋଚନ ସାଜିଛନ୍ତି। ଆରଜେଡି ସହ ଆଲୋଚନା କରିବା ବିବାଦ ସମାଧାନ କରିବା ନିମନ୍ତେ ତାଙ୍କୁ କୁହାଯାଇଛି। ଏଥିପାଇଁ ବୁଧବାର ସକାଳେ ଗେହଲଟ ପାଟନାରେ ପହଞ୍ଚିଛନ୍ତି। ସେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତେଜସ୍ୱୀଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଏଠାରେ ତିନି ନେତାଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏଠାରୁ ବାହାରିବା ପରେ ଗେହଲଟ କହିଥିଲେ ଯେ ଲାଲୁ ଏବଂ ତେଜସ୍ୱୀଙ୍କ ସହ ଭଲ ଆଲୋଚନା ହୋଇଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରାଯିବ। ଏଥିରେ ସବୁ କିଛି ସ୍ପଷ୍ଟ କରିଦିଆଯିବ।

ଗେହଲଟ କହିଥିଲେ ଯେ ଆମେ ଏନ୍‌ଡିଏ ବିରୋଧରେ ମଜବୁତର ସହ ନିର୍ବାଚନ ଲଢ଼ିବୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ତେଜସ୍ୱୀ ଏକାଠି ନିର୍ବାଚନ ଅଭିଯାନ ଆରମ୍ଭ କରିବେ। ବିହାରରେ ମୋଟ ୨୪୩ ଆସନ ରହିଛି। ଏଥିରୁ ୫-୭ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ହୋଇପାରେ। ଏକାଠି ମିଶି ପ୍ରଚାର କରିବୁ ଏବଂ ନିର୍ବାଚନ ଜିତିବୁ। ରିପୋର୍ଟ ଅନୁଯାୟୀ କଂଗ୍ରେସ ନେତା କେସି ବେଣୁଗୋପାଳ ମଧ୍ୟ ତେଜସ୍ୱୀଙ୍କ ସହ ଆଲୋଚନା କରିଥିଲେ। ଏହା ପୂର୍ବରୁ ତେଜସ୍ୱୀ ସକାଳେ ସାମ୍ବାଦିକ ସମ୍ମିଳନୀ କରି ମହାମେଣ୍ଟରେ କୌଣସି ବିବାଦ ନ ଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ମେଣ୍ଟ ଉପରେ ଗୁରୁବାର ଆଲୋଚନା ହେବ। ୧୨ ଆସନରେ ମହାମେଣ୍ଟର ଦଳ ପରସ୍ପର ବିରୋଧରେ ଲଢୁଛନ୍ତି। ଏହା ବ୍ୟତୀତ ତେଜସ୍ୱୀ ନିର୍ବାଚନୀ ଘୋଷଣା ମଧ୍ୟ କହିଥିଲେ। କ୍ଷମତାକୁ ଆସିଲେ 'ସିଏମ ଜୀବିକା ଦିଦି'ଙ୍କୁ ସରକାରୀ ମାନ୍ୟତା ମିଳିବ। ଏମାନଙ୍କ ଦରମା ୧୦ ହଜାରରୁ ବଢ଼ାଇ ୩୦ ହଜାର କରାଯିବ। ସବୁ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ। ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ବିହାର ମୋହନିଆ ଆସନର ଆରଜେଡି ପ୍ରାର୍ଥୀ ଶ୍ୱେତା ସୁମନଙ୍କ ନାମାଙ୍କନ ରଦ୍ଦ ହୋଇଯାଇଛି। ଆସନ୍ତା ୬ ତାରିଖରେ ବିହାରର ୧୨୧ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏଥିରେ ୧୩୧୪ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି। ଏହି ସବୁ ଆସନରେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ। ଏହି ପର୍ଯ୍ୟାୟରେ ୧୮ ଜିଲ୍ଲାରେ ମତଦାନ ହେବ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଏଥିପାଇଁ ୧୬୯୦ ପ୍ରାର୍ଥି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୩୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇ ଯାଇଥିଲା। ପ୍ରମୁଖ ପ୍ରାର୍ଥିଙ୍କ ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରମୁଖ ସାମିଲ ଅଛନ୍ତି। ଆରଜେଡିର ୫ ମନ୍ତ୍ରୀ ଏବଂ ବିଜେପିର ୧୧ ମନ୍ତ୍ରୀ ମୈଦାନକୁ ଓହ୍ଲାଇଛନ୍ତି।

## ଶେଷ ପର୍ଯ୍ୟାୟରେ ବାପା ସିଦ୍ଧରମେୟାଙ୍କ କ୍ୟାରିୟର

ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଜାରି ରହିଛି। କିଛି ନେତା ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଥିବାବେଳେ ସିଦ୍ଧରମେୟା ଏହି ପଦ ଛାଡିବାକୁ ଚାହୁଁନାହାନ୍ତି। ସେ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବେ ବୋଲି କହିଛନ୍ତି। ଏପରି ସମୟରେ ତାଙ୍କ ପୁଅ ଯତୀନ୍ଦ୍ର ବଡ଼ ଟିପ୍ପଣୀ ଦେଇଛନ୍ତି। ବାପା ନିଜ ରାଜନୈତିକ କ୍ୟାରିୟର ଶେଷ ପର୍ଯ୍ୟାୟରେ ଅଛନ୍ତି ବୋଲି କହିଛନ୍ତି। ସେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନକୁ ଜୋର ଦେଇଛନ୍ତି। ଖୁବ୍‌ଶୀଘ୍ର ସତୀଶ ଜାରି କୋହଲି ରାଜ୍ୟ କଂଗ୍ରେସ ମୁଖିଆ ହେବେ। ଦଳର ନେତୃତ୍ୱ ନେବାରେ ବାପା ତାଙ୍କ ମାର୍ଗ ଦର୍ଶନ କରିବେ ବୋଲି କହିଛନ୍ତି।

## ବୃଦ୍ଧଙ୍କୁ ଅମାନବୀୟ ନିର୍ଯାତନା ଦେଇ ପରିସ୍ରା ପିଆଇଲେ

ଲକ୍ଷ୍ନୌ, ୨୨।୧୦(ଏଜେନ୍ସି): ଲକ୍ଷ୍ନୌ ନିକଟସ୍ଥ କାକୋରି ଟାଉନରେ ଜଣେ ୬୫ ବର୍ଷୀୟ ଦଳିତ ବ୍ୟକ୍ତିଙ୍କୁ ଅକଥନୀୟ ଉତ୍ପୀଡ଼ନ ଦିଆଯାଇଥିବା ସାମ୍ନାକୁ ଆସିଛି। ଶୀତଳ ମାତା ମନ୍ଦିରରେ ଏହି ଘଟଣା ଘଟିଛି। ଏହି ଦଳିତ ବ୍ୟକ୍ତି ହେଉଛନ୍ତି ହଟା ହଜରତ ସାହେବରେ ରହୁଥିବା ରାମପାଲ। ସେ ଶ୍ୱାସ ରୋଗରେ ପିଡୀତ। ସୋମବାର ସେ ଶୀତଳ ମାତା ମନ୍ଦିରରେ ବିଶ୍ରାମ ନେଉଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ସେ ମନ୍ଦିର ପରିସରରେ ନିୟନ୍ତ୍ରଣ ହରାଇ ପରିସ୍ରା କରିଦେଇଥିଲେ। ଏଥିରେ ଅସନ୍ତୋଷ ଜାହିର କରି ସ୍ୱାମୀକାନ୍ତ ଓରଫ ପମ୍ମୁ ନାମକ ଜଣେ ସ୍ଥାନୀୟ ନିବାସୀ ରାମପାଲଙ୍କୁ ଗାଳି ଦେଇଥିଲେ ଓ ସେ ମନ୍ଦିରକୁ ଅପବିତ୍ର କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ ରାମପାଲଙ୍କୁ ତାଙ୍କ ପରିସ୍ରା ଚାଟିବାକୁ କହିବା ସହ ମନ୍ଦିର ପରିସରକୁ ପାଣିରେ ଧୋଇବାକୁ କହିଥିଲେ। ଏତିକି ବେଳେ ସେ ରାମପାଲଙ୍କୁ ଜାତିଆଣ ଆକ୍ଷେପ କରିଥିଲେ।

## ଡାକ୍ତରଙ୍କୁ ଦୁଷ୍କର୍ମ ଧମକ ଦେଇ ୩ ଗିରଫ

କୋଲକାତା, ୨୨।୧୦(ଏଜେନ୍ସି): ପଶ୍ଚିମବଙ୍ଗର ଉଲୁବେରିଆରେ ଜଣେ ମହିଳା ଡାକ୍ତରଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ ଧମକ ଦେବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ହାଓଡା ଜିଲ୍ଲାର ଉଲୁବେରିଆସ୍ଥିତ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଗତ ସୋମବାର ଏହି ଘଟଣା ଘଟିଥିଲା। ଅଭିଯୁକ୍ତମାନଙ୍କ ଜଣେ ସମ୍ପର୍କୀୟ ଏହି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ମହିଳା ଡାକ୍ତରଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ଡାକ୍ତରଙ୍କ ଅଭିଯୋଗ ପରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲା

## ପତ୍ନୀ, ଦୁଇପୁଅଙ୍କୁ ମାରି ଆତ୍ମହତ୍ୟା କଲେ ଋଣଗ୍ରସ୍ତ ବ୍ୟକ୍ତି

ଚେନ୍ନଇ, ୨୨।୧୦(ଏଜେନ୍ସି): ଚେନ୍ନଇରୁ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୪୫ ବର୍ଷୀୟ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ନିଜ ତଣ୍ଟି କାଟି ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବୟସ ୩୫ ହୋଇଥିବା ବେଳେ ଦୁଇ ପୁଅଙ୍କ ବୟସ ୧୪ ଓ ୧୧। ବ୍ୟକ୍ତି ଓ ତାଙ୍କ ପରିବାର ପୂର୍ବରୁ ଇଞ୍ଜାମବାକାମ୍‌ରେ ରହୁଥିଲେ। ଋଣଗ୍ରସ୍ତ ହେବା କାରଣରୁ ସେ ଏହି କଠୋର ନିଷ୍ପତ୍ତି ନେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ସୁଇସାଇଡ ନୋଟ୍‌ରେ ମଧ୍ୟ ଏହା ଉଲ୍ଲେଖ ରହିଛି।

## ୨୩ ବର୍ଷ ପରେ ମହିଳାଙ୍କୁ ମିଳିଲା ନ୍ୟାୟ

ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଭାରତୀୟ ନ୍ୟାୟ ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଦୀର୍ଘ ୨୩ ବର୍ଷର ଆଇନଗତ ଲଢ଼େଇ ପରେ ସୁପ୍ରିମକୋର୍ଟ ବିହାରର ଜଣେ ମହିଳାଙ୍କୁ ନ୍ୟାୟ ଦେଇଛନ୍ତି। ୨୦୦୨ରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସ୍ୱାମୀଙ୍କ ମୃତ୍ୟୁ ପାଇଁ ସ୍ତ୍ରୀ ସାୟନୋକ୍ତା ଦେବୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ କୋର୍ଟ ଭାରତୀୟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ରେ ପ୍ରବଳ ଭିଡ଼ ଯୋଗୁଁ ବଖତିୟାରପୁର ରେଳ ଷ୍ଟେସନରୁ ଖସି ତାଙ୍କ ସ୍ୱାମୀ ପ୍ରାଣ ହରାଇଥିଲେ। ପରେ ସ୍ୱାମୀଙ୍କ ମୃତ୍ୟୁ ଜନିତ କ୍ଷତିପୂରଣ ଦାବି କରିବାରୁ ରେଳବାଇ, ନିମ୍ନ କୋର୍ଟ ଏବଂ ହାଇକୋର୍ଟ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ। ତାଙ୍କ ସ୍ୱାମୀ ମାନସିକ ରୋଗୀ ଥିବା କହିଥିଲେ। କିନ୍ତୁ ସୁପ୍ରିମକୋର୍ଟ ମହିଳାଙ୍କ ସପକ୍ଷରେ ରାୟ ଦେଇ ସୁଧ ବାଦ୍ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ତାମିଲନାଡୁରେ ପ୍ରବଳ ବର୍ଷା; ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ




ଚେନ୍ନଇ, ୨୨।୧୦(ଏଜେନ୍ସି): ଦକ୍ଷିଣ ଭାରତରେ କିଛି ରାଜ୍ୟରେ ଉତ୍ତର- ପୂର୍ବ ମୌସୁମୀ ବାୟୁ ସକ୍ରିୟ ହୋଇଛି। ଫଳରେ ଗତ ଦୁଇଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ତାମିଲନାଡୁର ତିରୁଭାଲୁର, ଚେନ୍ନଇ, କାଞ୍ଚିପୁରମ, ଚେଙ୍ଗାଲପାଟୁ ଭଳି ଡେଲ୍‌ଟା ଜିଲ୍ଲାଗୁଡିକରେ ଗତ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ଜାରି ରହିଛି। ବଙ୍ଗୋପ ସାଗରରେ ଲଘୁଚାପ ଘନୀଭୂତ ହେବା ଫଳରେ ଆଗାମୀ ଦିନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। ଚେନ୍ନଇଠାରୁ ଏହି ଘୂର୍ଣ୍ଣିବାତ୍ୟା ଏବେ ୪୦୦କିମି ଦୂରରେ ରହିଛି। ତାମିଲନାଡୁରେ ବୁଧବାର ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ତାମିଲନାଡୁର ୫ଟି ଜିଲ୍ଲାରେ ସ୍କୁଲଗୁଡିକ ବନ୍ଦ କରିଦିଆଯାଇଛି। ଖାସ୍‌କରି ରାଜଧାନୀ ଚେନ୍ନଇର ସବୁ ସ୍କୁଲ୍‌କୁ ବନ୍ଦ କରାଯାଇଛି। ଚେନ୍ନଇରେ ଅଗାମୀ ୪ ଦିନ ପାଇଁ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। କୁଡାଲୋର, ଭିଲୁପୁରମ, ରାନୀପେଟ୍ ଓ ଥୁଟୁକୁଡି ଜିଲ୍ଲାରେ ସ୍କୁଲ, କଲେଜଗୁଡିକୁ ବନ୍ଦ କରିଦିଆଯାଇଛି। ତାମିଲନାଡୁର କୁଡାଲୋର ଜିଲ୍ଲାରେ କାନ୍ଥ ଭୁଶୁଡିବା କାରଣରୁ ଜଣେ ମା ଓ ତାଙ୍କ ଝିଅ ମୃତ୍ୟୁବରଣ କରିଛନ୍ତି। ପ୍ରଶାସନକୁ ସତର୍କ ରହିବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଓ ପବନ ବହିବା କାରଣରୁ ଚେନ୍ନଇ ମେରିନା ବିଚ୍‌ରେ ସମୁଦ୍ରରୁ ବଡ଼ବଡ଼ ଲହଡି କୂଳ ଧକ୍କା ଦେଉଛି। ମତ୍ସ୍ୟଜୀବୀ ଓ ସମୁଦ୍ରକୂଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ତାମିଲନାଡୁକୁ ବାଦ୍ ଦେଲେ କେରଳ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ପୁଡୁଚେରୀ ଓ କରାଇକାଲରେ ସ୍କୁଲ ଓ କଲେଜଗୁଡିକୁ ବନ୍ଦ କରିଦିଆଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ମଧ୍ୟ ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ଏହି ଜିଲ୍ଲାରେ ମଧ୍ୟ ସ୍କୁଲଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧ରୁ ୨୧ ତାରିଖ ମଧ୍ୟରେ ତାମିଲନାଡୁ, ପୁଡୁଚେରୀ ଓ କରାଇକାଲରେ ୧୬୦ ମିଲିମିଟର ବର୍ଷା ହୋଇଛି। ପ୍ରତିବର୍ଷ ହେଉଥିବା ସାଧାରଣ ବର୍ଷା ଠାରୁ ଏହା ୫୯ ପ୍ରତିଶତ ଅଧିକ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## କାବୁଲରେ ପୁଣି ଖୋଲିଲା ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ରେ ଭାରତ ତା'ର ଦୂତାବାସ ପୁଣି ଖୋଲିଛି। ସେଠାରେ ଥିବା ଟେକନିକାଲ ମିଶନକୁ ଭାରତ ଦୂତାବାସର ମର୍ଯ୍ୟାଦା ପ୍ରଦାନ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହାଦ୍ୱାରା ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ଦୃଢ଼ ହେବ ଓ ଆଫଗାନିସ୍ତାନରେ ଚାଲିଥିବା ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହିକ୍ରମରେ ଆଫଗାନିସ୍ତାନରେ ମାନବୀୟ ସହାୟତା, ବିଭିନ୍ନ ଭିତ୍ତିଭୂମୀ ନିର୍ମାଣରେ ଭାରତ ପୁଣି ଥରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ। ଜଣେ ବରିଷ୍ଠ କୁଟନୀତିଜ୍ଞ ଭାରତର ଏହି ଦୂତାବାସର ନେତୃତ୍ୱ ନେବେ। ତାଙ୍କୁ ଚାର୍ଜ ଡି ଆଫେୟାର୍ସ ଭାବେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଅକ୍ଟୋବର ୧୦ରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନିସ୍ତାନ ସମକକ୍ଷ ଅମୀର ଖାନ ମୁତ୍ତାକିଙ୍କ ସହ ଆଲୋଚନା କରିବା ପରେ ଏ ନେଇ ଘୋଷଣା କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ପୁଣିଥରେ ଆରମ୍ଭ ହେବା ସ୍ପଷ୍ଟ ହୋଇଛି। ୨୦୨୨ରୁ କାବୁଲରେ ଭାରତ ଟେକନିକାଲ ମିଶନ ଚାଲୁ କରିଥିଲା। କିନ୍ତୁ ଦୂତାବାସ ଖୋଲିବା ପରେ ଦୁଇଦେଶ ଏବେ ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛନ୍ତି। ଫଳରେ ଭାରତ ତାଲିବାନକୁ ମାନ୍ୟତା ଦେବାର ସମ୍ଭାବନା ବୃଦ୍ଧି ପାଇଛି। ଅନ୍ୟପଟେ ପାକିସ୍ତାନ ବିରୋଧରେ କିଛିଦିନ ତଳେ ହୋଇଥିବା ସଂଘର୍ଷରେ ଭାରତର ଭୂମିକା ନାହିଁ ବୋଲି ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରୀ ମଲାୱି ମହମ୍ମଦ ୟାକୁବ ମୁଜାହିଦ୍ କହିଛନ୍ତି। ପାକିସ୍ତାନ ବିରୋଧରେ ଭାରତ ତାଲିବାନ ମାଧ୍ୟମରେ ଛାମୁଆ ଯୁଦ୍ଧ ଚଳାଉଥବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଓ ଅମୂଳକ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପାକିସ୍ତାନ ଏ ନେଇ ଭାରତ ବିରୋଧରେ ଅଭିଯୋଗ କରିଥିଲା।

## ଆଇସ୍‌ଲାଣ୍ଡରେ ପ୍ରଥମଥର ପାଇଁ ଦେଖାଦେଲା ମଶା



ଲଣ୍ଡନ, ୨୨।୧୦(ଏଜେନ୍ସି): ୟୁରୋପ ଓ ଗ୍ରୀନଲାଣ୍ଡ ମଧ୍ୟରେ ଅବସ୍ଥିତ ଦୀପ ଦେଶ ଆଇସଲାଣ୍ଡ ଏଥର ଏକ ଭିନ୍ନ କାରଣରୁ ଚର୍ଚ୍ଚା ସୃଷ୍ଟି କରିଛି। ବରଫ ଅଚ୍ଛାଦିତ ଏହି ଦେଶରେ ଇତିହାସରେ ପ୍ରଥମଥର ପାଇଁ ମଶା ଦେଖିବାକୁ ମିଳିଛି। ଏହି ଦେଶରେ ରେକର୍ଡ ଉତ୍ତାପ ବୃଦ୍ଧିକାରଣରୁ ଏହି ସ୍ଥିତି ଆସି ପହଞ୍ଚିଛି। ବିଶ୍ୱରେ କେବଳ ଦୁଇଟି ସ୍ଥାନ ଆଇସଲାଣ୍ଡ ଓ ଆଣ୍ଟାର୍ଟିକାରେ ପୂର୍ବରୁ ମଶା ଦେଖିବାକୁ ମିଳି ନଥାଏ। କିନ୍ତୁ ଏବେ କଥା ଅଲଗା ହୋଇଛି। ଆଇସ୍‌ଲାଣ୍ଡ ରାଜଧାନୀ ରେକ୍‌ଜାଭିକ୍‌ଠାରୁ ୨୦ ମାଇଲ ଉତ୍ତରରେ ଥିବା ବରଫାବୃତ ଉପତ୍ୟାକା କଜୋସରେ ମଶା ଦେଖିବାକୁ ମିଳିଛି। କୀଟ ତଥା ଜନ୍ତୁ ପ୍ରେମୀ ବିଜର୍ଣ୍ଣ ହଜାଲଟାସନ ଗତ ସପ୍ତାହରେ କେତୋଟି ରାତିରେ ମାଶଙ୍କୁ ଦେଖିବାକୁ ପାଇଥିଲେ। କୀଟପତଙ୍ଗକୁ ଦେଖିବା ପାଇଁ ସେ ମଦରେ ଭିଜିଥିବା ଦଉଡ଼ି ବ୍ୟବହାର କରୁଥିବା ବେଳେ ସେ ମଶା ଦେଖିବାକୁ ପାଇଥିଲେ। ସେ ଏହି କ୍ରମରେ ଦୁଇଟି ମାଇ ଓ ପୁରୁଷ ମଶା ଦେଖିଥିଲେ। ପରେ ସେ ଏହା କୁଲିସେଟା ଆନୁଲାଟା ବୋଲି ଜାଣିବାକୁ ପାଇଥିଲେ। ଏହ ପ୍ରଜାତି ଶୀତ ତଥା ଅତିଶୀତ ପରିବେଶରେ ସଫଳତାର ସହ ବଞ୍ଚିପାରବାର କ୍ଷମତା ରଖିଥାନ୍ତି। ଉତ୍ତର ଗୋଲାର୍ଦ୍ଧ ନିକଟରେ ଥିବାରୁ ଆଇସ୍‌ଲାଣ୍ଡ ବର୍ଷସାରା ବରଫ ଦ୍ୱାର ଆଚ୍ଛାଦିତ ରହିଥାଏ।

## ଭାରତ ବିଶ୍ୱର ୯ମ ସର୍ବବୃହତ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ପରିବେଶ ଦୃଷ୍ଟିକୋଣରୁ ଭାରତ ପାଇଁ ଏକ ଖୁସି ଖବର ଆସି ପହଞ୍ଚିଛି। ସର୍ବବୃହତ୍ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ ଭାବେ ଭାରତ ବିଶ୍ୱର ୯ମ ସ୍ଥାନକୁ ଉଠିଛି। ଏହିକ୍ରମରେ ଭାରତ ୧୦ମରୁ ଗୋଟିଏ ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ରହିଛି। କେବଳ ସେତିକି ନୁହେଁ, ବାର୍ଷିକ ଜଙ୍ଗଲ ବୃଦ୍ଧିରେ ଭାରତ ପୂର୍ବପରି ନିଜର ତୃତୀୟ ସ୍ଥାନ ବଜାୟ ରଖିଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଦ୍ୱାର ପ୍ରକାଶିତ ହୋଇଥିବା ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ବ୍ୟାପକ ଭାବେ ଚାଲୁଥିବା ବୃକ୍ଷରୋପଣ ଓ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ପ୍ରକ୍ରିୟା କାରଣରୁ ଭାରତକୁ ଏହି ସଫଳତା ମିଳିଛି ବୋଲି ପରିବେଶ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହା ଭାରତ ପାଇଁ ଏକ ବଡ଼ ଉପଲବ୍ଧି ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। 'ଏକ ପେଡ୍ ମା କେ ନାମ' ଭଳି ଅଭିଯାନ ଓ ରାଜ୍ୟଗୁଡିକ ଦ୍ୱାରା ଚାଲିଥିବା ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯୋଗୁଁ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି। ବିଶ୍ୱରେ ଏବେ ୪.୧୪ ବିଲିଅନ ହେକ୍ଟର ଅଞ୍ଚଳରେ ଜଙ୍ଗଲ ରହିଛି।

## ଦୀପାବଳିର ଦୁଇଦିନ ପରେ ବି ପ୍ରଦୂଷଣ ବଳୟରେ ଦିଲ୍ଲୀ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଦୀପାବଳିକୁ ଦୁଇଦିନ ବିତି ଯାଇଥିଲେ ମଧ୍ୟ ଦିଲ୍ଲୀର ପ୍ରଦୂଷଣ ମାତ୍ରା କମ୍ ହୋଇନାହିଁ। ଦିପାବଳିର ଗୋଟିଏ ଦିନ ପରେ ମଧ୍ୟ ବାଣ ଫୁଟାଇବା ଓ ଆତସବାଜୀ କାରଣରୁ ଏପରି ହୋଇଛି। ଦିଲ୍ଲୀ ବାୟୁ ପୂର୍ବଭଳି ବିଷାକ୍ତ ମନେ ହେଉଛି। ବୁଧବାର ଦୀଲ୍ଲର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୪୨ ରହିଛି ଓ ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି କୁହାଯାଇଛି। ଗତ ୫ ବର୍ଷରେ ଦୀପାବଳି ପରର ସକାଳ ସବୁଠାରୁ ପ୍ରଦୂଷିତ ବୋଲି ସେଣ୍ଟ୍ରାଲ ପଲୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୧ରୁ ୨୦୨୫ ମଧ୍ୟରେ ପ୍ରଦୂଷଣ ନେଇ ବିଭିନ୍ନ ତଥ୍ୟକୁ ତର୍ଜମା କରିବା ପରେ ଏହା ଜଣାପଡ଼ିଛି। ୨୦୨୧ ପରେ ଏବର୍ଷ ପ୍ରଦୂଷଣ ସର୍ବାଧିକ ହୋଇଛି ବୋଲି ଜଣାପଡ଼ିଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଅତ୍ୟନ୍ତ ଖରାପ ରହିଛି। ରିପୋର୍ଟ ଲେଖା ହେବା ବେଳକୁ ଏକ୍ୟୁଆଇ ଦିଲ୍ଲୀର ୱାଜିରପୁରରେ ୩୯୭, ଦ୍ୱାରକାରେ ୩୫୩, ଅଶୋକ ବିହାରରେ ୩୭୭, ଆନନ୍ଦ ବିହାରରେ ୩୫୫, ଚାନ୍ଦିନୀ ଚୌକରେ ୩୩୨ ଓ ନଜରଫାଗଡ଼ରେ ୩୦୪ ରହିଛି। ଦିଲ୍ଲୀର ବାୟୁରେ ଫାଇନା ପାର୍ଟିକୁଲାର ମ୍ୟାଟର (ପିଏମ୍୨.୫) ସ୍ତର କ୍ୟୁବିକ ମିଟର ପିଛା ୪୮୮ ମାଇକ୍ରୋଗ୍ରାମ ରହିଛି। ଦୀପାବଳି ପୂର୍ବରୁ ପିଏମ୍୨.୫ ୧୫୬.୬ ଥିବା ବେଳେ ଏବେ ଏହା ୩ଗୁଣା ହୋଇଛି। ଦିଲ୍ଲୀର ୩୮ଟି ମନିଟରି ଷ୍ଟେସନରୁ ୩୪ଟି ରେଡ୍ ଜୋନରେ ରହିଛି। ଦେଶର ରାଜଧାନୀର କେତୋଟି ଅଞ୍ଚଳରେ ଏକ୍ୟୁଆଇ ସ୍ତର ୪୦୦ରୁ ଅଧିକ ରହିଛି। ୱାଜିରପୁର ଓ ପଞ୍ଜାବୀ ବାଗରେ ଏକ୍ୟୁଆଇ ପରବର୍ତ୍ତୀ ଅବସ୍ଥାରେ ସର୍ବାଧିକ ଅର୍ଥାତ ୪୦୦ ପାର କରିଛି ବୋଲି କୁହାଯାଇଛି। ସେହିପରି ଦୀପବଳି ପରେ ହରିୟାଣା ସବୁଠାରୁ ପ୍ରଦୂଷିତ ରାଜ୍ୟ ଭାବେ ପରିଗଣିତ ହେଉଛି। ହରିୟାଣାର ୮ଟି ସହର, ରାଜସ୍ଥାନର ଗୋଟିଏ ଓ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛି।

# ଷ୍ଟିମ୍ ଆଇରନ୍ କିଣୁଥିଲେ ...

**ସାଧାରଣତଃ ପୋଷାକ ଇସ୍ତ୍ରୀ କରିବା ପାଇଁ ଷ୍ଟିମ୍ ଆଇରନ ବ୍ୟବହାର କରାଯାଏ । ଏହାଦ୍ୱାରା ସହଜରେ ଆଇରନ୍ କରି ହୁଏ । ବଜାରରେ ବିଭିନ୍ନ ଷ୍ଟିମ୍ ଆଇରନ ଉପଲବ୍ଧ । ହେଲେ ଆଇରନ କିଣିବା ପୂର୍ବରୁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।**

### ବିଜୁଳି କ୍ଷମତାର ଦିଅନ୍ତୁ ଧ୍ୟାନ

ଷ୍ଟିମ୍ ଆଇରନ କିଣିବା ସମୟରେ ବିଦ୍ୟୁତ୍ କ୍ଷମତା ଉପରେ ଧ୍ୟାନ ଦେବା ଜରୁରୀ । ଅଧିକ ବିଦ୍ୟୁତ୍ ଯୁକ୍ତ ଷ୍ଟିମ୍ ଆଇରନ୍ ଖୁବଶୀଘ୍ର ଗରମ ହୋଇଥାଏ । ଫଳରେ ଏହା ଆଇରନ ଦେବାରେ ସୁବିଧାଜନକ ହୋଇଥାଏ । ଏଥିସହ ସମୟ ସଞ୍ଚୟ କରିଥାଏ । ତେବେ ୧୫୦୦ ରୁ ୨୪୦୦ ବିଦ୍ୟୁତ୍ କ୍ଷମତା ଥିବା ଆଇରନ ଭଲ ହୋଇଥାଏ ।

### ପ୍ଲେଟ୍‌ର ଆକାର ଓ ସାମଗ୍ରୀ ଦେଖନ୍ତୁ

ଷ୍ଟିମ୍ ଆଇରନ୍ ପ୍ଲେଟ୍‌ର ଆକାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବଡ଼ ଷ୍ଟିମ୍ ଆଇରନ ଶାଢ଼ି ଆଇରନ୍ କରିବାରେ ସୁବିଧା ହୋଇଥାଏ । ସେହିପରି ଛୋଟ ପ୍ଲେଟ୍ ଥିବା ଆଇରନ୍ ଛୋଟ ପୋଷାକ ପାଇଁ ଭଲ ହୋଇଥାଏ । ବିଶେଷ କରି ତମ୍ବା ବା ନନ୍‌ଷ୍ଟିକ୍ କୋଟିଙ୍ଗ୍ ଯୁକ୍ତ ପ୍ଲେଟ୍‌ସ ସବୁଠୁ ଭଲ ହୋଇଥାଏ । ଏହା ଶୀଘ୍ର ଗରମ ହୋଇଯାଏ ଓ ଆଇରନ କରିବାକୁ ସୁବିଧା ହୋଇଥାଏ ।

### ତାପମାତ୍ରା ନିୟନ୍ତ୍ରଣ ରଖନ୍ତୁ

ଆଇରନର ତାପମାତ୍ରା ନିୟନ୍ତ୍ରଣ ରହିବା ବେଶ୍ ଜରୁରୀ । କାରଣ ଏହାଦ୍ୱାରା ସବୁ ପ୍ରକାର ପୋଷାକ ଆଇରନ୍ କରିବାକୁ ସହଜ ହୋଇଥାଏ । ଏହାଦ୍ୱାରା ବାରମ୍ବାର ଆଇରନର ତାପମାତ୍ରା ସେଟ୍ କରିବାକୁ ପଡ଼େନି । ଏହା କାମକୁ ସହଜ ଓ ଶୀଘ୍ର କରିଥାଏ ।



# ଧନୀ ମହିଳା କ୍ରିକେଟର୍

**ଭାରତରେ ମହିଳା କ୍ରିକେଟର୍‌ଙ୍କ ଲୋକପ୍ରିୟତା ଦିନକୁ ବୃଦ୍ଧି ପାଉଛି । ଏହି ପ୍ରତିଭାଶାଳୀ ଖେଳାଳିମାନେ କେବଳ ମଇଦାନ ନୁହେଁ, ଆର୍ଥିକ କ୍ଷେତ୍ରରେ ମଧ୍ୟ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଖେଳ ଜଗତରେ କଠିନ ପରିଶ୍ରମ କରି ନିଜର ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଅନ୍ତର୍ଜାତୀୟ ଚୁକ୍ତିନାମା, ଫ୍ରାଞ୍ଚାଇଜ୍ ଲିଗ୍‌ସ, ଓ ବିଭିନ୍ନ ବ୍ରାଣ୍ଡ ଅନୁମୋଦନ ଆଦି ମହିଳା କ୍ରିକେଟର୍‌ଙ୍କ ସମ୍ପତ୍ତିକୁ ଶୀର୍ଷରେ ପହଞ୍ଚାଇଛି । ତେବେ ଗୁଡ ରିଟର୍ଣ୍ଣସ ତଥ୍ୟ ଅନୁଯାୟୀ, ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଧନୀ ମହିଳା କ୍ରିକେଟର୍‌ଙ୍କୁ ନେଇ ଏହି ଉପସ୍ଥାପନା ।**

### ମିତାଲି ରାଜ୍



ଭାରତର ସବୁଠୁ ଧନୀ ମହିଳା କ୍ରିକେଟର୍ ଭାବେ ପରିଚିତ ମିତାଲି ରାଜ୍ । ସେ ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ପୂର୍ବ ଅଧିନାୟିକା ଥିଲେ । ତାଙ୍କର ମୋଟ ୪୦-୪୫ କୋଟି ଟଙ୍କାର ସମ୍ପତ୍ତି ରହିଛି । ଖେଳ ଜଗତରେ ଚମତ୍କାର ପ୍ରଦର୍ଶନ କରି ସେ ବହୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କେବଳ ସେତିକି ନୁହେଁ, ସେ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍‌ରେ ସର୍ବାଧିକ ରନ୍ କରିଥିବା ମହିଳା କ୍ରିକେଟର୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ ପାଇଁ ସେ ୨୦୦୩ ମସିହାରେ ଅର୍ଜୁନ ପୁରସ୍କାର ଓ ମହିଳା କ୍ରିକେଟ୍ ଜଗତରେ ଅସାଧରଣ ଯୋଗଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ।

### ସ୍ମୃତି ମନ୍ଧାନା



ଭାରତର ଲୋକପ୍ରିୟ ତଥା ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରୁ ଜଣେ ସ୍ମୃତି ମନ୍ଧାନା । ସେ ଜାତୀୟ ମହିଳା' କ୍ରିକେଟ୍ ଟିମ୍‌ର ଉପ ଅଧିନାୟିକା ଅଛନ୍ତି । ନ୍ୟାସନାଲ୍ କ୍ରସ୍ ପାଲଟିଥିବା ସ୍ମୃତି ଅନ୍ତଃଜାର୍ତୀୟ କ୍ରିକେଟ୍‌ରେ ଧମାଲ କରିଛନ୍ତି । ଅନେକ ଖେଳପ୍ରେମୀ ତାଙ୍କୁ ମହିଳା କ୍ରିକେଟ୍ ଟିମର୍ ବିରାଟ କୋହଲି ଭାବେ ସମ୍ବୋଧନ କରନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୩୩-୩୪ କୋଟି ଟଙ୍କା ମଧ୍ୟରେ ରହିଛି । ଏଥିସହ ସେ ବହୁ ବଡ଼ ବ୍ରାଣ୍ଡରେ କାର୍ଯ୍ୟ କରି ଭଲ ରୋଜଗାର କରନ୍ତି । ସେହିପରି ମହିଳା ପ୍ରିମିୟର ଲିଗ୍‌ରେ ସେ ବେଙ୍ଗାଲୁରୁ ପାଇଁ ଖେଳି ବାର୍ଷିକ ୩. ୪ କୋଟି ନେଇଥିଲେ ।

### ହରମନ୍‌ପ୍ରୀତ୍ କୌର



ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମୌନପ୍ରୀତ୍ କୌର ବିଶ୍ୱ କ୍ରିକେଟ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଜଣେ ଚମତ୍କାର ବ୍ୟାଟ୍‌ସମ୍ୟାନ୍ ସହ ଅସାଧରଣ ନେତୃତ୍ୱ ପାଇଁ ସେ ଜଣାଯାନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ କରି ସେ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ରୋଲ୍ ମଡେଲ୍ ସାଜିଛନ୍ତି । ଭାରତର ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରେ ସେ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୨୫ ରୁ ୩୦ କୋଟି ମଧ୍ୟରେ ରହିଛି । ସେହିପରି ବିସିସିଆଇ ପକ୍ଷରୁ ସେ ବାର୍ଷିକ ୫୦ ଲକ୍ଷ ଟଙ୍କା ବେତନ ପାଇଥାନ୍ତି । ଏଥିସହ ମହିଳା ପ୍ରିମିୟର ଲିଗ୍‌ରେ ମୁମ୍ବାଇ ପାଇଁ ଖେଳି ୧.୮୦ କୋଟି ଟଙ୍କା ନେଇଥିଲେ ।

### ଶେଫାଳି ବର୍ମା



ଭାରତର ସର୍ବକନିଷ୍ଠ କ୍ରିକେଟ୍ ଖେଳାଳି ଭାବେ ପରିଚିତ ଶେଫାଳି ବର୍ମା । ସେ ୧୫ ବର୍ଷରେ କ୍ରିକେଟ୍ ଦୁନିଆରେ ପାଦ ଥାପିଥିଲେ । ସେ ଭାରତର ଯୁବା ମହିଳା କ୍ରିକେଟର୍ ଭାବେ ଜଣାଯାନ୍ତି । ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ବାଟ୍‌ସମ୍ୟାନ୍ ଶେଫାଳି ବର୍ମା କ୍ରିକେଟ୍ ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଚମତ୍କାର ବ୍ୟାଟିଂ ଦ୍ୱାରା ସେ କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତଜାର୍ତୀୟ ସ୍ତରରେ ମଧ୍ୟ ଗୌରବ ଅର୍ଜନ କରିଛନ୍ତି । ତେବେ ତାଙ୍କର ସମୁଦାୟ ସମ୍ପତ୍ତି ୧୫ -୨୦ କୋଟି ମଧ୍ୟରେ ଥିବା ନେଇ ଅନୁମାନ କରାଯାଇଛି । କ୍ରିକେଟ୍ ତାଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ସେ ଅନେକ ବ୍ରାଣ୍ଡ ସୁଟ୍ କରି ସେଥିରୁ ଅର୍ଥ ଉପାର୍ଜନ କରିଥାନ୍ତି । ସେ ମହିଳା ପ୍ରିମିୟର୍ ଲିଗ୍‌ରେ ଦିଲ୍ଲୀ ପାଇଁ ଖେଳି ୨ କୋଟି ନିଅନ୍ତି ।

# ଦୀର୍ଘ ସମୟ ଆଇସ୍ୟାଡୋ ରଖିବାକୁ ଚାହୁଁଥିଲେ...



### ଆଖି ମେକ୍‌ଅପ୍ କରନ୍ତୁ

ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ଆଖିପତାକୁ ଭଲରେ ସଫା କରନ୍ତୁ । ଏହାପରେ ଆଇସ୍ୟାଡୋ ଓ ପ୍ରାଇମର ଲଗାନ୍ତୁ । ଏହା ଆଖିପତାକୁ ଚିକ୍କଣ କରି ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ ।

### ପାଉଡର୍ ସେଟ୍ କରନ୍ତୁ

ପ୍ରାଇମର୍ ଲଗାଇବା ପରେ ଅଙ୍ଗୁଳି ସାହାଯ୍ୟରେ ଆଖିପତାରେ ହାଲୁକା ଟ୍ରାନ୍ସ ପ୍ୟାରେଣ୍ଟ ପାଉଡର୍ ଲଗାନ୍ତୁ । ଏହାଦ୍ୱାରା ଆଇସ୍ୟାଡୋ ଭଲରେ ସେଟ୍ ହୋଇଥାଏ ।

### ଆଇସ୍ୟାଡୋ ଚୟନ

କ୍ରିମ୍ ଆଇସ୍ୟାଡୋ ବଦଳରେ ପାଉଡର୍ ଆଇସ୍ୟାଡୋ ନେଇପାରିବେ । ପାଉଡର ଯୁକ୍ତ ଆଇସ୍ୟାଡୋ ଦୀର୍ଘ ସମୟ ରହିଥାଏ । ତେବେ ଏକାଥରକେ ମୋଟାଏ ଆଇସ୍ୟାଡୋ ଲଗାନ୍ତୁ ନାହିଁ । ଅଳ୍ପ ଅଳ୍ପ କରି ପରସ୍ତ କରି ଲଗାନ୍ତୁ । ଏହାପରେ ସ୍ୟାଡୋକୁ ହାତରେ ହାଲୁକା ସ୍ମଜ୍ କରନ୍ତୁ ।

### ସେଣ୍ଟିଙ୍ଗ୍ ସ୍ପ୍ରେ କରନ୍ତୁ

ମେକ୍‌ଅପ୍ ସମ୍ପୂର୍ଣ୍ଣ ହେବାପରେ ଆଖିପତାରେ ସେଟିଙ୍ଗ୍ ସ୍ପ୍ରେ କରନ୍ତୁ । ଏହା ଆଇସ୍ୟାଡୋକୁ ଠିକ୍ ଭାବେ ରଖିବାରେ ସହାୟକ ହୋଇଥାଏ । ସର୍ବଦା ଭଲ କ୍ୱାଲିଟିର ଆଇସ୍ୟାଡୋ ଲଗାନ୍ତୁ । ସେହିପରି ଭଲ କ୍ୱାଲିଟିର ବ୍ରଶ୍ ମଧ୍ୟ ଜରୁରୀ ।

# ଚମ୍ପାରନ୍ ମସ୍ରୁମ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମସ୍ରୁମ୍ – ୨୫୦ ଗ୍ରାମ୍, କଟା
ପିଆଜ – ଦୁଇକପ୍,
ଦହି- ଏକ କପ୍,
ତେଜପତ୍ର – ଦୁଇ ଗୋଟି, ଗୋଲମରିଚ– ତିନି, ଚାରୋଟି, ରସୁଣ – ଏକ ବୁଦା,
ଧନିଆପତ୍ର- ଅଳ୍ପ, ଲଙ୍କାଗୁଣ୍ଡ- ଏକ ଚାମଚ ,
ହଳଦୀଗୁଣ୍ଡ– ଏକ ଚାମଚ, ଗରମ ମସଲା– ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ ,
ତେଲ– ଆବଶ୍ୟକତା ଅନୁସାରେ ।


### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ମସ୍ରୁମ୍‌କୁ ଧୋଇ ଛୋଟ ଖଣ୍ଡରେ କାଟି ରଖନ୍ତୁ । ଗୋଟିଏ ପାତ୍ରରେ ଡାଲଚିନି, ଗୋଲମରିଚ, ତେଜପତ୍ର, ପିଆଜ , ଅଦା ରସୁଣ ପେଷ୍ଟ, ଭଜା ପିଆଜ, ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ, ଗରମମସଲା ଦହି, ଲୁଣ ସମେତ ଧନିଆ ପତ୍ର ଦେଇ ଗୋଳାଇ ଦିଅନ୍ତୁ । ଏହାପରେ କାଟି ରଖିଥିବା ମସ୍ରୁମ୍‌କୁ ଦେଇ ଭଲଭାବେ ଗୋଳାନ୍ତୁ । ପରେ ଡଙ୍କିରେ ତେଲ ନେଇ ଗରମ କରନ୍ତୁ । ଗୋଟିଏ ମାଟିହାଣ୍ଡି ନେଇ ସେଥିରେ ସୋରିଷ ତେଲ ଦେଇ ଗୋଳାଇ ରଖିଥିବା ମସ୍ରୁମ୍‌କୁ ସହ ଦୁଇ ତିନୋଟି ରସୁଣ ବୁଦା ଦେଇ ଘୋଡ଼ାଇ ଚୁଲିରେ ବସାନ୍ତୁ । କୋଡ଼ିଏରୁ ତିରିଶ ମିନିଟ୍ ଧୀମା ଆଞ୍ଚରେ ବସାନ୍ତୁ । ଛତୁ ସିଝିବା ପରେ ଗ୍ୟାସ୍ ଫ୍ଲେମ୍ ବନ୍ଦ କରି ଦିଅନ୍ତୁ । ଏହାପରେ ପ୍ଲେଟ୍‌ରେ କାଢ଼ି ପରଷନ୍ତୁ 'ଚମ୍ପାରନ୍ ମସ୍ରୁମ୍' ।



# ଦୁର୍ଗନ୍ଧ କେଶ ପାଇଁ ହେୟାର୍ ପର୍‌ଫ୍ୟୁମ୍

**ସାଧାରଣତଃ ସମସ୍ତେ କେଶକୁ ସତେଜ ରଖିବାକୁ ଚାହାଁନ୍ତି । ହେଲେ କେଶକୁ ସତେଜ ଓ ସୁନ୍ଦର ରଖିବା ଏତେ ସହଜ ହୋଇ ନ ଥାଏ । ଧୂଳି, ମାଟି ଓ ପ୍ରଦୂଷଣ ଯୋଗୁ କେଶରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ସହଜ ଉପାୟରେ କେଶର ଦୁର୍ଗନ୍ଧ ଦୂର କରିବାକୁ ଚାହୁଁଥିଲେ ଘରେ ହେୟାର ପର୍‌ଫ୍ୟୁମ୍ ପ୍ରସ୍ତୁତ କରି ଲଗାଇପାରିବେ । ନଚେତ୍ କେତେକ ହେୟାର୍ ପର୍‌ଫ୍ୟୁମ୍ ହ୍ୟାକ୍ସ ମଧ୍ୟ ରହିଛି ଯାହାକୁ ଆପଣାଇ କେଶ ସମସ୍ୟା ଦୂର କରିପାରିବେ ।**



### ପର୍‌ଫ୍ୟୁମ୍ ଡ୍ରାୟର ସିଟ୍

ଏଥିପାଇଁ ପ୍ରଥମେ ଏକ ଟିସ୍ୟୁ ନିଅନ୍ତୁ । ଏଥିରେ ନିଜ ପସନ୍ଦ ଅନୁସାରେ ଦୁଇ ତିନି ବୁନ୍ଦା ପର୍‌ଫ୍ୟୁମ୍ ପକାନ୍ତୁ । ଏହାକୁ କେଶମଝିରୁ ନେଇ ଅଗ ଯାଏ ହାଲୁକା ହାତରେ ରଗଡ଼ନ୍ତୁ । କେଶରେ ସିଧାସଳଖ ଆଲକହଲ ଯୁକ୍ତ ପର୍‌ଫ୍ୟୁମ୍ ଲଗାଇବା ଅପେକ୍ଷା ଏହି ଉପାୟ ଭଲ ହୋଇଥାଏ । ଏହାଦ୍ୱାରା କେଶକୁ ସତେଜ କରିପାରିବେ ।

### ପର୍‌ଫ୍ୟୁମ୍ ଯୁକ୍ତ ତକିଆ

ପ୍ରଥମେ ଗୋଟିଏ କଟନ ନେଇ ସେଥିରେ ନିଜ ପସନ୍ଦ ମୁତାବକ ଏସେନ୍‌ସିଆଲ୍ ଅଏଲ କିଛି ବୁନ୍ଦା ସିଞ୍ଚନ କରନ୍ତୁ । ଏହି ତୁଳାକୁ ତକିଆ ତଳେ ଦେଇ ଶୁଅନ୍ତୁ । ଶୋଇବା ସମୟରେ କେଶ ପ୍ରାକୃତିକ ସୁଗନ୍ଧ ଶୋଷିଥାଏ ।

### ନଡ଼ିଆ ତେଲ ଓ ପର୍‌ଫ୍ୟୁମ୍

ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ ନିଅନ୍ତୁ । ଏଥିରେ ଦୁଇବୁନ୍ଦା ଚନ୍ଦନ ତେଲ ଓ ଏକ ବୁନ୍ଦା ଗୋଲାପ ଜଳ ଦେଇ ମିଶାନ୍ତୁ । ଏହାକୁ ହାଲୁକା ହାତରେ କେଶ ଅଗରେ ଲଗାନ୍ତୁ ।

### ମଲ୍ଲିପାଖୁଡ଼ା

କେଶକୁ ପ୍ରାକୃତିକ ସୁଗନ୍ଧ ଦେବାକୁ ଚାହୁଁଥିଲେ ଏକମୁଠା ମଲ୍ଲିଫୁଲକୁ ଗରମପାଣିରେ ପକାଇ ଫୁଟାନ୍ତୁ । ଏହାପରେ ମୁଣ୍ଡରେ ଟାୱେଲ୍ ଘୋଡ଼ାଇ ୧୫ -୨୦ ମିନିଟ୍ ଷ୍ଟିମ୍ ନିଅନ୍ତୁ । ଏହାଦ୍ୱାରା କେଶ ମଲ୍ଲିଫୁଲର ବାସ୍ନାକୁ ଅବଶୋଷିତ କରିଥାଏ । ଏହାଦ୍ୱାରା କେଶ ନରମ ଓ ସୁନ୍ଦର ହୋଇଥାଏ ।

# ନଖ ସଫାର ସହଜ ଉପାୟ

**ସାଧାରଣତଃ ହଳଦିଆ ନଖ ହାତ ସୌନ୍ଦର୍ଯ୍ୟକୁ କମ୍ କରିଥାଏ । କେବଳ ସେତିକି ନୁହେଁ, ଏହା ଆତ୍ମବିଶ୍ୱାସକୁ ମଧ୍ୟ ଦୁର୍ବଳ କରିଥାଏ । ଏଥିପାଇଁ ଅନେକେ ନଖକୁ ନେଲ୍‌ପେଣ୍ଟ ତଥା ନେଲ୍‌ପଲିସ୍ ଲଗାଇ ଲୁଚାଇଥାନ୍ତି । ତେଣୁ ଚାହିଁଲେ କିଛି ସରଳ ଘରୋଇ ଉପଚାର ଆପଣାଇ ନଖକୁ ସଫା କରିପାରିବେ ।**

- ବେକିଙ୍ଗ୍ ସୋଡ଼ାରେ ଫାଳେ ଲେମ୍ବୁ ରସ ମିଶାନ୍ତୁ । ଏହାକୁ ନଖରେ ଲଗାଇ ୪ ରୁ ୫ ମିନିଟ୍ ରଖି ବ୍ରଶ୍‌ରେ ନଖ ସଫା କରନ୍ତୁ । ଏହାପରେ ମଏଶ୍ଚରାଇଜର୍ ଲଗାନ୍ତୁ । ଏପରି କଲେ ନଖ ସଫା ହୋଇ ଉଜ୍ଜ୍ୱଳ ଦିଶିଥାଏ ।
- ସେହିପରି ଅଳ୍ପ ଗରମପାଣି ନେଇ ସେଥିରେ ଏକ ଚାମଚ ସାମ୍ପୁ ଓ ଲେମ୍ବୁରସ ଦେଇ ନଖକୁ ପାଣିରେ ବୁଡ଼ାଇ ରଖନ୍ତୁ । ଏହାପରେ ବ୍ରଶ୍‌ରେ ଘଷି ଧୋଇ ଦିଅନ୍ତୁ ଏହା ଦ୍ୱାରା ହଳଦିଆ ନଖ ସଫା ହୋଇଥାଏ ।
- ସେହିପରି ଚାହିଁଲେ ନଖରେ ଟୁଥ୍‌ପେଷ୍ଟ ଲଗାଇ ସଫା କରିପାରିବେ ।




# ପାରମ୍ପରିକ ପୋଷାକ ସହ ଆଧୁନିକ ପାଉଞ୍ଜି

**ପାଉଁଞ୍ଜି ଭାରତୀୟ ସଂସ୍କୃତି ଓ ଶୃଙ୍ଗାରର ଏକ ଅଭିନ୍ନ ଅଂଶ । ଏହା ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ମହିଳାର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ । ବିବାହିତ ହୁଅନ୍ତୁ ଅବା ଅବିବାହିତା ପାଉଞ୍ଜି ସଭିଙ୍କର ପ୍ରିୟ ହୋଇଥାଏ । ଏବେର ପାଉଁଞ୍ଜିରେ ପାରମ୍ପରିକ ଓ ଆଧୁନିକତାର ନିଆରା ଛାପ ଦେଖିବାକୁ ମିଳିଛି ।**

### ଅକ୍ସିଡାଇଜ୍ ପାଉଁଞ୍ଜି

ଏବେର ଯୁବତୀଙ୍କ ମଧ୍ୟରେ ବିଶେଷ କରି ଅକ୍ସିଡାଇଜ୍ ପାଉଁଞ୍ଜି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୂର୍ବରୁ ଏହି ଡିଜାଇନ୍ ଭାରତୀୟ ଗାଁମାନଙ୍କରେ କଡ଼ା ଭାବେ ପ୍ରଚଳିତ ଥିଲା । କିନ୍ତୁ ଏବେ ଏହା ସହରରେ ମଧ୍ୟ ଲୋକପ୍ରିୟ ହୋଇଛି । ଏହା ଶାଢ଼ି ଓ ଲେହେଙ୍ଗାକୁ ଖୁବ୍ ସୁନ୍ଦର ମାନିଥାଏ ।



### ଫୁଲ

ଯେଉଁ ମହିଳାମାନେ ଫୁଲ ପ୍ରିଣ୍ଟ ପିନ୍ଧିବାକୁ ପସନ୍ଦ କରନ୍ତି, ସେମାନେ ଏହି ପାଉଁଞ୍ଜି ପିନ୍ଧିପାରିବେ । ଏହା ସୂକ୍ଷ୍ମ ଓ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଛୋଟ ଛୋଟ ଫୁଲ ଆକୃତି ରହିଥାଏ । ଏହା ପାଉଁଞ୍ଜିକୁ ମିନିମାଲିଷ୍ଟ ଓ ଏକ କ୍ଲାସିକ୍ ଲୁକ୍ ଦେଇଥାଏ ।



### ପତ୍ର ଡିଜାଇନ୍

ବିଶେଷ କରି ମହିଳାଙ୍କୁ ଏହି ପତ୍ର ଡିଜାଇନର ପାଉଁଞ୍ଜି ଖୁବ୍ ପସନ୍ଦ ହୋଇଥାଏ । ଏହି ଡିଜାଇନ୍ କ୍ଲାସି ଓ ନାଚୁରାଲ ଲାଗିଥାଏ । ଏହା ହାଲୁକା ହେବା ସହ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

### ରିଙ୍ଗ୍

ପାରମ୍ପରିକ ପରିଧାନରେ ଆଧୁନିକ ସ୍ପର୍ଶ ଚାହୁଁଥିଲେ ରିଙ୍ଗ୍ ଆଙ୍କଲେଟ୍ ଏକ ଭଲ ବିକଳ୍ପ ହୋଇଥାଏ । ଏଥିରେ ଆପଣଙ୍କୁ ପାଉଁଞ୍ଜି ସହ ଅଙ୍ଗୁଳି ମୁଦି ପିନ୍ଧିବାକୁ ହୋଇଥାଏ । ଏହା ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ ।

ଆଜି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ

ଆଡିଲେଡ୍, ୨୨।୧୦ (ଏଜେନ୍ସି)

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳିବ। ପୂର୍ବରୁ ବର୍ଷାବାଧାପ୍ରାପ୍ତ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୭ ୱିକେଟ୍‌ରେ ବିଜୟୀ ହୋଇ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ତେଣୁ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚକୁ ଜିତି ସିରିଜକୁ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏହି ସିରିଜ ଖେଳୁଥିବା ଭାରତ ପାଇଁ ଏହି ମ୍ୟାଚ୍ ସମ୍ମାନ ସଦୃଶ ହୋଇଛି। ପ୍ରଥମ ମ୍ୟାଚ୍ ହାରିଯାଇଥିବାରୁ ସିରିଜ ବଞ୍ଚାଇବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇଛି।





### ରୋହିତ୍‌ଙ୍କୁ ନେଇ ସନ୍ଦେହ

ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ଦଳର ଦୁଇ ଅଭିଜ୍ଞ ବ୍ୟାଟର୍ ରୋହିତ୍ ଶର୍ମା ଓ ବିରାଟ କୋହଲି ପ୍ରଥମ ଦିନିକିଆରେ ନିରାଶ କରିଥିଲେ। ଇନିଂସ ଓପନ୍ କରିଥିବା ରୋହିତ୍ ୧୪ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ସହ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ନମ୍ବର-୩ରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ୮ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ମିଚେଲ ଷ୍ଟାର୍କଙ୍କ ବଲରେ ଷ୍ଟମ୍ପ ହରାଇଥିଲେ। ତେଣୁ ଦ୍ୱିତୀୟ ମ୍ୟାଚ୍‌ରେ ଏବେ ଉଭୟଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଆଡିଲେଡ୍ ପିଚ୍ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଉଭୟ ରୋହିତ୍ ଓ କୋହଲିଙ୍କ ବ୍ୟାଟରୁ ବଡ଼ ଇନିଂସ ଆଶା ରଖିଛି।

ଅପରପକ୍ଷରେ ରୋହିତ୍‌ଙ୍କୁ ଏହି ମ୍ୟାଚରେ ବିଶ୍ରାମ ଦେବାକୁ ନେଇ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନିଷ୍ପତ୍ତି ନେଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ବୁଧବାର ଅଭ୍ୟାସ ସେସନ ପରେ ଗମ୍ଭୀର ଓ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଅନ୍ୟତମ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଦୀର୍ଘ ସମୟ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ରେହିତ୍‌ଙ୍କୁ ଡ୍ରପ୍ କରାଯିବା ନେଇ ଚର୍ଚ୍ଚା ହେଉଛି। ତେବେ ରୋହିତ ମଧ୍ୟ ବୁଧବାର ନେଟ୍ସରେ ବହୁତ ସମୟ ଅଭ୍ୟାସ କରିଥିଲେ।

### କୋହଲିଙ୍କୁ ସୁହାଉଛି ଆଡିଲେଡ୍

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ଆଡିଲେଡ୍ ପିଚ୍ ବେଶ୍ ସୁହାଉଛି। ଏହି ଭେନ୍ୟୁରେ ସେ ତିନୋଟି ଯାକ ଫର୍ମାଟ୍‌ରେ ୧୨ଟି ମ୍ୟାଚ୍ ଖେଳି ମୋଟ୍ ୯୭୫ ରନ ସଂଗ୍ରହ କରିଛନ୍ତି। ତାଙ୍କ ବ୍ୟାଟିଂ ଆଭରେଜ ୬୫ରୁ ଊର୍ଦ୍ଧ୍ୱ ରହିଛି। କୋହଲି ଏଠାରେ ଦିନିକିଆରେ ୨ଟି ଶତକ ସହ ୨୪୪ ରନ କରିଛନ୍ତି। ତେଣୁ ଆସନ୍ତାକାଲି ମଧ୍ୟ ତାଙ୍କଠାରୁ ଏକ ବଡ଼ ଇନିଂସ ପ୍ରଶଂସକ ଆଶା ରଖିଛନ୍ତି।

**ସମ୍ଭାବ୍ୟ ଏକାଦଶ**

**ଭାରତ**: ଶୁବମନ ଗିଲ୍ (ଅଧିନାୟକ), ରୋହିତ୍ ଶର୍ମା, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ (ୱିକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/ କୁଲଦୀପ୍ ଯାଦବ, ଅର୍ଶଦୀପ୍ ସିଂହ, ହର୍ଷିତ ରାଣା/ ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ

**ଅଷ୍ଟ୍ରେଲିଆ**: ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ମାଟ ରେନଶ, କୁପର କୋନୋଲୀ, ଆଲେକ୍ସ କାରୀ (ୱିକେଟ୍‌କିପର), ମିଚେଲ ଓୱିନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଦାମ ଜାମ୍ପା ଓ ଜୋଶ୍ ହାଜଲେଉଡ୍।

**ଖେଳ ଆରମ୍ଭ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

ଆଇସିସି ମହିଳା ବିଶ୍ୱକପ୍

# ଆଜି ଭାରତ-ନ୍ୟୁଜିଲାଣ୍ଡ 'କ୍ୱାର୍ଟର' ଲଢ଼େଇ

**ନଭି ମୁମ୍ବଇ, ୨୨।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ସେମିଫାଇନାଲ ଦିଗରେ ଆଉ ପାଦେ ଆଗେଇବ। ପୂର୍ବରୁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମହିଳା ଦଳ ପଏଣ୍ଟ ଟେବଲର ପ୍ରଥମ ୩ଟି ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏବେ ସେମିଫାଇନାଲର ଅନ୍ତିମ ତଥା ୪ର୍ଥ ଦଳ ଲାଗି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରତିଯୋଗିତା ହେବ।

ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ୫ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ନ୍ୟୁଜିଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧ ବିଜୟ ଏବଂ ୨ଟି ଲେଖାଏ ପରାଜୟ ଓ ବାତିଲ ସହ ୪ ପଏଣ୍ଟ ପାଇଛି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁଁ ନ୍ୟୁଜିଲାଣ୍ଡ (-୦.୨୪୫)କୁ ପଛରେ ପକାଇ ଭାରତ (+୦.୫୨୬) ପଏଣ୍ଟ ଟେବଲରେ ଉପରେ ରହିଛି। ଏହି ମ୍ୟାଚର ଫଳାଫଳ ଉପରେ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲ ଖେଳିବା ଏକପ୍ରକାର ନିର୍ଭର କରୁଛି। ତେଣୁ ଆସନ୍ତାକାଲିର ମ୍ୟାଚ୍ ଦୁଇ ଦଳ ପାଇଁ କ୍ୱାର୍ଟର ଫାଇନାଲର ଭ୍ରମ ସୃଷ୍ଟି କରିଛି। ଭାରତୀୟ ମହିଳା ଦଳ ଯଦି ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଯାଏ ତେବେ ଶେଷ ରାଉଣ୍ଡ ଲଢ଼େଇର ଫଳାଫଳ ଉପରେ ସବୁକିଛି ନିର୍ଭର କରିବ। ଶେଷ ରାଉଣ୍ଡ ଲିଗ୍ ମ୍ୟାଚରେ ଭାରତ ଅକ୍ଟୋବର ୨୬ରେ ବାଂଲାଦେଶକୁ ଭେଟିବ। ସେହିଭଳି ନ୍ୟୁଜିଲାଣ୍ଡ ଅକ୍ଟୋବର ୨୭ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେଲେ ଭାରତକୁ ଶେଷ ଲିଗ୍‌ରେ ବାଂଲାଦେଶକୁ ହରାଇବାକୁ ପଡ଼ିବ। ଏଥିସହ ଇଂଲଣ୍ଡ ନିକଟରୁ ନ୍ୟୁଜିଲାଣ୍ଡ ହାରିଲେ ଯାଇ ଭାରତ ସେମିଫାଇନାଲରେ ପ୍ରବେଶ କରିବ।



### ନ୍ୟୁଜିଲାଣ୍ଡ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ୫୭ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ନ୍ୟୁଜିଲାଣ୍ଡ ୩୪ଟି ଓ ଭାରତ ୨୨ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ଚଳିତ ବିଶ୍ୱକପ୍ ପ୍ରାରମ୍ଭରୁ ବେଙ୍ଗାଲୁରୁରେ ଦୁଇ ଦଳ ମଧ୍ୟରେ ଏକ ୱାର୍ମଅପ୍ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା।

## ନୀରଜ ଚୋପ୍ରାଙ୍କୁ ମିଳିଲା ଲେଫ୍ଟନାଣ୍ଟ କଲୋନେଲ ପଦ

**ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଭାରତୀୟ ଆଥ୍‌ଲେଟ୍ ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର 'ଲେଫ୍ଟନାଣ୍ଟ କଲୋନେଲ' ପଦରେ ସମ୍ମାନିତ କରାଯାଇଛି। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଓ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ପାଇଁ ନୀରଜଙ୍କୁ ଏହି ସମ୍ମାନ ଦିଆଯାଇଛି। ବୁଧବାର ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତି ନୀରଜଙ୍କୁ ଏହି ପଦବୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୀରଜଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ୨୭ ବର୍ଷୀୟ ନୀରଜ ୨୦୧୬ରେ ନାଏବ ସୁବେଦାର ଭାବେ ଭାରତୀୟ ସେନାର ୪ର୍ଥ ରାଜପୁତାନ ରାଇଫଲ୍ସରେ ଯୋଗଦେଇଥିଲେ। ଜୁନିୟର ବିଶ୍ୱ ଚାମ୍ପିଅନସିପ୍ ଓ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇବା ପରେ ନୀରଜଙ୍କୁ ସେନାରେ ଯୋଗଦେବା ଲାଗି ଅଫର୍ ମିଳିଥିଲା। ଚଳିତ ବର୍ଷ ଏପ୍ରିଲ ୧୬ ତାରିଖରେ ନୀରଜଙ୍କୁ ଆନୁଷ୍ଠାନିକ ଭାବେ ଲେଫ୍ଟନାଣ୍ଟ କଲୋନେଲ ପଦ ମିଳିଥିଲା। କିନ୍ତୁ ବୁଧବାର ଏକ ସେନାର ଏକ ସ୍ୱତନ୍ତ୍ର ଉତ୍ସବରେ ସେ ଏହି ପଦ ଗ୍ରହଣ କରିଥିଲେ।



■ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ

## ଅଭିନବ ବିନ୍ଦ୍ରା ଭାରତର ପତାକା ବାହକ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):** ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ପାଇଁ ପୂର୍ବତନ ସୁଟର ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ଭାରତ ପତାକା ବାହକ ଭାବେ ଚୟନ କରାଯାଇଛି। ଆସନ୍ତାବର୍ଷ ଫେବୃଆରୀ ୬ରୁ ୨୬ ତାରିଖ ମଧ୍ୟରେ ୟୁରୋପୀୟ ଦେଶ ଇଟାଲୀର ଉତ୍ତରପୂର୍ବାଞ୍ଚଳରେ ଥିବା ମିଲାନ ଓ କର୍ଟିନା ଡି'ଆମ୍ପେଜୋରେ ଶୀତକାଳୀନ ଅଲିମ୍ପିକ୍ସର ଏହି ୨୫ତମ ସଂସ୍କରଣ ଆୟୋଜନ ହେବ। ଅଭିନବ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ମିଲାନୋ କୋର୍ଟିନାରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଟର୍ଚ ରାଲିରେ ପତାକା ବାହକ ଭାବେ ଚୟନ ହୋଇଥିବାରୁ ବିନ୍ଦ୍ରା 'ଏକ୍ସ'ରେ ପୋଷ୍ଟ କରି ନିଜର ଖୁସି ଜାହିର କରିଛନ୍ତି। ଇଟାଲୀ ଚତୁର୍ଥ ଥର ପାଇଁ ଶୀତକାଳୀନ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଛି। ଏଥର ୧୬ କ୍ରୀଡ଼ାରେ ମୋଟ୍ ୧୧୬ଟି ଇଭେଣ୍ଟ ଆୟୋଜନ ହେବ ବୋଲି କୁହାଯାଇଛି।



## ନଭେମ୍ବର ୨୬-୨୭ରେ ଡବ୍ଲ୍ୟୁପିଏଲ୍ ମେଗା ନିଲାମୀ

**ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି):** ଭାରତରେ ଆଇପିଏଲ୍ ଢାଞ୍ଚାରେ ଖେଳାଯାଉଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ଲାଗି ନଭେମ୍ବର ୨୬ ଓ ୨୭ ତାରିଖରେ ଖେଳାଳି ନିଲାମ ହେବ। ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଏହି ଦୁଇଦିନିଆ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ସମସ୍ତ ପାଞ୍ଚ ଫ୍ରାଞ୍ଚାଇଜକୁ ନଭେମ୍ବର ୫ ତାରିଖ ସୁଦ୍ଧା ସେମାନଙ୍କ ଖେଳାଳି ରିଟେନ୍ ତାଲିକା ଦାଖଲ କରିବାକୁ କୁହାଯାଇଛି। ଗୋଟିଏ ଦଳ ସର୍ବାଧିକ ୫ଜଣ ଖେଳାଳିଙ୍କୁ ରିଟେନ୍ ତଥା ବଜାୟ ରଖିପାରିବେ। ଯେଉଁଥିରେ ୩ଜଣ ଭାରତୀୟ ଓ ୨ଜଣ ବିଦେଶୀ ଖେଳାଳି ରହିବେ। ଡବ୍ଲ୍ୟୁପିଏଲ୍‌ର ଏହା ପ୍ରଥମ ମେଗା ଖେଳାଳି ନିଲାମୀ ହେବ। ଦଳ ଗଠନ ଲାଗି ପ୍ରତି ଫ୍ରାଞ୍ଚାଇଜଙ୍କୁ ସର୍ବାଧିକ ୧୫ କୋଟି ଟଙ୍କା ମଧ୍ୟରେ ଖେଳାଳି କ୍ରୟ କରିବାକୁ ନିୟମ ଧାର୍ଯ୍ୟ କରାଯାଇଛି।

## ୧୧୯ ବର୍ଷର ରେକର୍ଡ ଭାଙ୍ଗିଲେ ରାବାଡା

ରାୱଲପିଣ୍ଡି, ୨୨।୧୦ (ଏଜେନ୍ସି): ଦ୍ରୁତ ବୋଲର କାଗିସୋ ରାବାଡା ଟେଷ୍ଟ କ୍ରିକେଟରେ ଦକ୍ଷିଣ ଆଫ୍ରିକା ପାଇଁ ୧୧ ନମ୍ବର ସ୍ଥାନରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ରାବାଡା ୧୧ ନମ୍ବର କ୍ରମରେ ବ୍ୟାଟିଂ କରିବାକୁ ଆସି ୬୧ ବଲରେ ୭୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଟେଷ୍ଟ ଇତିହାସରେ ୧୧ ନମ୍ବର ବ୍ୟାଟର୍ ଭାବେ ଏହା ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ପୂର୍ବରୁ ୧୯୦୬ ମସିହାରେ କେପ୍ ଟାଉନରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ବର୍ଟ ଭ୍ଲଗର ଅପରାଜିତ ୬୨ ରନ କରିଥିଲେ। ଯାହାକି ଦକ୍ଷିଣ ଆଫ୍ରିକା ପାଇଁ ନଂ-୧୧ ବ୍ୟାଟର୍ ଭାବେ ସର୍ବାଧିକ ସ୍କୋର ରହିଆସିଥିଲା। ଏବେ ରାବାଡା ୧୧୯ ବର୍ଷ ତଳର ଏହି ରେକର୍ଡକୁ ଭଙ୍ଗ କରିଛନ୍ତି। ସେହିଭଳି ରାବାଡା ୧୦ମ ୱିକେଟ୍ ଯୋଡ଼ିରେ କେଶବ ମହାରାଜ (୩୦ ରନ)ଙ୍କ ସହ ୯୮ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୪୦୪ ରନ କରି ଅଲଆଉଟ୍ ହୋଇଥିଲା। ଏହାପରେ ୭୧ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ପାକିସ୍ତାନ ବୁଧବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୯୪ ରନ ସଂଗ୍ରହ କରିଛି। ବାବର ଆଜାମ ଅପରାଜିତ ୪୯ ରନ କରି ଲଢ଼େଇ ଜାରି ରଖିଛନ୍ତି। ହାତରେ ୬ ୱିକେଟ୍ ବଳକା ଥାଇ ପାକିସ୍ତାନ ମୋଟ୍ ଉପରେ ୨୩ ରନ ଅଗ୍ରଣୀ ହାସଲ କରିଛି।

# ଅଷ୍ଟ୍ରେଲିଆକୁ ଜିତାଇଲେ ସଦରଲାଣ୍ଡ-ଗାର୍ଡନର





**ଇନ୍ଦୋର, ୨୨।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଆସଲେ ଗାର୍ଡନର (୧୦୪ ରନ)ଙ୍କ ରେକର୍ଡ ଶତକୀୟ ପାଳି ଓ ଆନ୍ନାବେଲ୍ ସଦରଲାଣ୍ଡ (୯୮ ରନ ଓ ୩ ୱିକେଟ)ଙ୍କ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୬ଷ୍ଠ ମ୍ୟାଚରୁ ୫ମ ବିଜୟ ହାସଲ କରିଛି। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆ ୧୧ ପଏଣ୍ଟ ସହ ଶୀର୍ଷକୁ ଉଠିଛି। ଅପରପକ୍ଷରେ ଇଂଲଣ୍ଡ ୬ଷ୍ଠ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଛି। ପୂର୍ବରୁ ୪ ବିଜୟ ଓ ଗୋଟିଏ ବାତିଲ ସହ ଇଂଲଣ୍ଡ ମଧ୍ୟ ସେମିରେ ସ୍ଥାନ ପକ୍କା କରିସାରିଛି।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୪୪ ରନର କରିଥିଲା। ଓପନର୍ ଟାମି ବିଉମଣ୍ଟ ୧୦୫ଟି ବଲରେ ୭୮ ରନର ଧୀମା ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲିସେ କାପସୀ ୩୮, ଚାର୍ଲି ଡିନ ୨୬ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୪ ରନ ମଧ୍ୟରେ ଦୁଇ ଓପନର୍ ଫୋଏବ ଲିଚଫିଲ୍ଡ (୧) ଓ ଜର୍ଜିଆ ଭଲ୍ (୬)ଙ୍କ ସହ ଏଲିସେ ପେରୀ (୧୩ ରନ)ଙ୍କ ୱିକେଟ ହରାଇଥିଲା। ଇନଫର୍ମ ବେଥ୍ ମୁନୀ ମଧ୍ୟ ୨୦ ରନ କରି ଆଉଟ୍ ହୋଇଥିଲେ। ତେବେ ଅସମାପ୍ତ ୪ର୍ଥ ୱିକେଟ୍ ଯୋଡ଼ିରେ ଆନ୍ନାବେଲ୍ ସଦରଲାଣ୍ଡ ଓ ଆସଲେ ଗାର୍ଡନର ୧୮୦ ରନର ଭାଗୀଦାରୀ ଗଢ଼ି ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୫୭ ବଲ୍ ପୂର୍ବରୁ ଜିତାଇଥିଲେ। ଗାର୍ଡନର ୭୩ ବଲରେ ୧୬ ଚୌକା ସହ ୧୦୪ ଓ ସଦରଲାଣ୍ଡ ୧୧୨ ବଲରେ ୯୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୬୯ ବଲରେ ଶତକ ପୂରଣ କରି ଗାର୍ଡନର ବିଶ୍ୱକପ୍ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ହୋଇଛନ୍ତି। ପୂର୍ବରୁ ୨୦୧୭ ସଂସ୍କରଣରେ ଡେଣ୍ଡ୍ରା ଡଟିନ ୭୧ ବଲରେ ଶତକ ମାରିଥିଲେ। ସଦରଲାଣ୍ଡ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ଟେଷ୍ଟରେ ଜିମ୍ବାୱେର ୩ୟ ଇନିଂସ ବିଜୟ

**ହରାରେ, ୨୨।୧୦ (ଏଜେନ୍ସି):** ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଜିମ୍ବାୱେ ବାଜିମାତ୍ କରିନେଇଛି। ଏହି ମ୍ୟାଚରେ ଘରୋଇ ଜିମ୍ବାୱେ ଏକ ଇନିଂସ ଓ ୭୩ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ବେନ୍ କୁରାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ ଆରମ୍ଭ ହେବ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମ ପାଳିରେ ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜିମ୍ବାୱେ କୁରାନଙ୍କ ଶତକ ଓ ସିକନ୍ଦର ରାଜା (୬୫)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ପାଳିରେ ୩୫୯ ରନ କରିଥିଲା। ୨୩୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆଫଗାନିସ୍ତାନ ବୁଧବାର ମ୍ୟାଚର ତୃତୀୟ ଦିବସରେ ମାତ୍ର ୧୫୯ ରନରେ ସୀମିତ ରହିଥିଲା। ଓପନର୍ ଇବ୍ରାହିମ ଜର୍ଦାନ ସର୍ବାଧିକ ୪୨ ରନ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ନାଗରଭାଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଜିମ୍ବାୱେ ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ଏହାର ୧୩୦ତମ ମ୍ୟାଚରୁ ତୃତୀୟ ଇନିଂସ ବିଜୟ ହାସଲ କରିଛି। ଏଥିପୂର୍ବରୁ ଜିମ୍ବାୱେ ୧୯୯୫ରେ ପାକିସ୍ତାନ ଓ ୨୦୦୧ରେ ବାଂଲାଦେଶ ବିପକ୍ଷରେ ଇନିଂସ ବିଜୟୀ ହୋଇଥିଲା। ଏହି ଦୁଇଟି ମ୍ୟାଚ୍ ବୁଲାୱାୟୋରେ ଖେଳାଯାଇଥିଲା।


ରିଚାର୍ଡ ନାଗରଭା

# ପୂର୍ବାଞ୍ଚଳ ଦଳରେ ସୁଶ୍ରୀ ଓ ତନ୍ମୟୀ

କଟକ,୨୨।୧୦(ସମିସ)

ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବା ଜାତୀୟ ସିନିଅର ମହିଳା ଆନ୍ତଃଜୋନାଲ ଟି-୨୦ ଟ୍ରଫି ନିମନ୍ତେ ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି। ପଶ୍ଚିମବଙ୍ଗର ମିତାଲି ପଲ୍‌ଙ୍କ ନେତୃତ୍ୱରେ ଘୋଷିତ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ତନ୍ମୟୀ ବେହେରା। ଓଡ଼ିଶାର ଜ୍ୟୋତି କୁମାରୀ ପ୍ରସାଦଙ୍କୁ ୫ଜଣିଆ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ବରିଷ୍ଠ ମହିଳା ଟି-୨୦ ଟ୍ରଫିର ଲିଗ୍ ପର୍ଯ୍ୟାୟରୁ ଓଡ଼ିଶା ଲଜ୍ଜାଜନକ ଭାବେ ୬ଟି ମ୍ୟାଚ୍ ହାରି ବିଦା ହୋଇଥିବା ସତ୍ତ୍ୱେ ସୁଶ୍ରୀ ଓ ତନ୍ମୟୀ ଦଳ ପାଇଁ ଉପଯୋଗୀ ପ୍ରଦର୍ଶନ କରିଥିଲେ। ୭ଟି ମ୍ୟାଚ୍‌ରୁ ତନ୍ମୟୀ ୧୪୧ରନ କରିଥିବା ବେଳେ ସୁଶ୍ରୀ ୧୨୭ରନ ସଂଗ୍ରହ କରିଥିଲେ। ଏହାଛଡ଼ା ଉଭୟ ବୋଲିଂରେ ଦକ୍ଷତା ରଖିଛନ୍ତି। ଟୁର୍ଣ୍ଣାମେଣ୍ଟ ଜାରି ରହିଥିବାବେଳେ ଅଫସ୍ପିନର ସୁଶ୍ରୀ ୧୧ଟି ୱିକେଟ ଅକ୍ତିଆର କରି ବର୍ତ୍ତମାନ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଛନ୍ତି। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏହି ଦୁଇ ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।







ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ

## ୪୫ ଜଣିଆ ଓଡ଼ିଶା ଦଳର ଗୁଜରାଟ ଯାତ୍ରା

**କଟକ,୨୨।୧୦(ସମିସ):** ଭାରତୀୟ କୁଡୋ ମହାସଂଘ ଆନୁକୂଲ୍ୟରେ ଗୁଜରାଟର ସୁରଟଠାରେ ଅକ୍ଟୋବର ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୬ ତମ ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ, ୧୭ତମ ଅକ୍ଷୟ କୁମାର ଅର୍ନ୍ତଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ ଓ ୬ଷ୍ଠ କୁଡୋ ଫେଡେରେସନ୍ କପ୍ ଆୟୋଜିତ ହେବ। ଏଥି ନିମନ୍ତେ ଓଡ଼ିଶାର ୪୫ ଜଣ ବାଳକ ଓ ବାଳିକାଙ୍କ ସମେତ ୫ ଜଣ ଅଫିସିଆଲ ଗୁରୁବାର ଗୁଜରାଟ ଯାତ୍ରା କରିବେ। ଅଫିସିଆଲଙ୍କ ମଧ୍ୟରେ କୁଡୋ ଓଡ଼ିଶା ସଂଘର ସଂପାଦକ ଓ ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ, ଅନୀଲ କୁମାର ବାର୍ଲା ଏବଂ ମୃତ୍ୟୁଞ୍ଜୟ ଯାଦବ, ମୁକେଶ କୁମାର ନାୟକ କୋଚ୍ ଓ ମ୍ୟାନେଜର ନର୍ମଦା ଗୁଇଁ ସାମିଲ ରହିଛନ୍ତି। କୁଡୋ ଆସୋସିଏସନ୍ ଅଫ ଓଡ଼ିଶାର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡକ୍ଟର ବିଜୟାନନ୍ଦ ସିଂ ଓ ସମସ୍ତ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS